RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-41 ◆TUESDAY ◆4 AUGUST 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୪୧ ◆ମଙ୍ଗଳବାର ◆୪ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




'ମହାବତାର'
ଭିକି ବଢ଼ାଇବେ
୨୫ କେଜି ଓଜନ

▶ପୃଷ୍ଠା ୧୧ ଦେଖନ୍ତୁ...



### ଶ୍ରାବଣ ସୋମବାରରେ ଉଛୁଳିଲା ଶୈବପୀଠ

## ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼

ଶ୍ରାବଣ ମାସର ସୋମବାରରେ ଉଛୁଳି ଉଠିଛି ରାଜ୍ୟର ପ୍ରମୁଖ ଶୈବ ପୀଠ । ପବିତ୍ର ନଦୀ ଘାଟରୁ ଜଳଭାର ଉଠାଇ କାଉଡ଼ିଆମାନେ ମାନସିକ ପୂରଣ ପାଇଁ ଶୈବ କ୍ଷେତ୍ରକୁ ଛୁଟି ଆସିଛନ୍ତି । ବୋଲ୍‌ବମ୍, ହର୍‌ହର୍ ବମ୍ ଧ୍ୱନିରେ ରାଜମାର୍ଗ ସହ ଶୈବପୀଠ ପ୍ରକମ୍ପିତ ହୋଇଉଠିଛି । ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଧାମ ସମେତ କଟକ ଜିଲ୍ଲାର ଧବଳେଶ୍ୱର, ଢେଙ୍କାନାଳର କପିଳେଶ୍ୱର, ବୈପାରୀଗୁଡ଼ାର ଗୁପ୍ତେଶ୍ୱର, ରାଉରକେଲାର ବେଦବ୍ୟାସ ପୀଠ, ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ଓ ପୁରୀ ଶ୍ରୀଲୋକନାଥଙ୍କ କ୍ଷେତ୍ରରେ ଆଜି ଦିନ ତମାମ ଲାଗି ରହିଥିଲା ଭକ୍ତଙ୍କ ଗହଳି ।

**ସୁପ୍ରିମ ନିର୍ଦ୍ଦେଶ**



## ଫୁଟ୍‌ପାଥ୍‌କୁ ଜବରଦଖଲ ମୁକ୍ତ କରି ପଥଚାରୀଙ୍କୁ ସୁରକ୍ଷା ଦିଅ

■ ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଦେଶର ସମସ୍ତ ରାଜ୍ୟରେ ପଥଚାରୀଙ୍କ ସୁରକ୍ଷା ଏବଂ ସୁଗମ ଚଳାପଥ ପାଇଁ ସୁପ୍ରିମକୋର୍ଟ ସୋମବାର ଆଦେଶ ଜାରି କରିଛନ୍ତି । ଫୁଟପାଥଗୁଡ଼ିକୁ ସଠିକ୍ ଭାବେ ଚିହ୍ନଟ କରିବା ସହ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ରଖିବାକୁ କୋର୍ଟ ରାଜ୍ୟ ସରକାରଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଅତିରିକ୍ତ ସଲିସିଟର ଜେନେରାଲ କେଏମ. ନଟରାଜନଙ୍କୁ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ କୋର୍ଟ କହିଛନ୍ତି । ଜଷ୍ଟିସ୍ ପିଏସ. ନରସିଂହ ଏବଂ ଜଷ୍ଟିସ୍ ଆଲୋକ ଅରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ପଥଚାରୀମାନଙ୍କ ସୁରକ୍ଷା ଓ ସୁବିଧା ନିମନ୍ତେ ଫୁଟପାଥଗୁଡ଼ିକର ସ୍ପଷ୍ଟ ସୀମା ନିର୍ଦ୍ଧାରଣ ଆବଶ୍ୟକ ବୋଲି କୋର୍ଟ ମତ ଦେଇଛନ୍ତି । ଏଥିପାଇଁ ଅତିରିକ୍ତ ଅର୍ଥ ବ୍ୟୟ ବା ପୁନଃନିର୍ମାଣର ଆବଶ୍ୟକତା ନାହିଁ ଏବଂ ପ୍ରତ୍ୟେକ ରାସ୍ତାରେ ପଥଚାରୀଙ୍କ ପାଇଁ ସ୍ଥାନ ରହିବା ଅନିର୍ବାର୍ଯ୍ୟ ବୋଲି କୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ଜୁନ୍ ୧୯ରେ ଏକ ରାୟରେ ସୁପ୍ରିମକୋର୍ଟ ଫୁଟପାଥରେ ଚାଲିବାକୁ ନାଗରିକଙ୍କ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେଇଥିଲେ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯାନବାହନ ଚଳାଚଳ ତୁଳନାରେ ପଥଚାରୀଙ୍କ ଅଧିକାର ଗୁରୁତ୍ୱପୂର୍ଣ୍ଣ । ନଗର ଉନ୍ନୟନ କର୍ତ୍ତୃପକ୍ଷ, ମ୍ୟୁନିସିପାଲ୍ କର୍ପୋରେସନ, ପୌରପାଳିକା ଏବଂ ପଞ୍ଚାୟତଗୁଡ଼ିକ ରାସ୍ତାରେ ପଥଚାରୀ ଭିତ୍ତିଭୂମି ନିର୍ମାଣ ଓ ରକ୍ଷଣାବେକ୍ଷଣ କରିବାକୁ ବାଧ୍ୟ । କୌଣସି କର୍ତ୍ତୃପକ୍ଷ ଏଥିରେ ଅବହେଳା କଲେ, ନାଗରିକମାନେ ଆଇନର ଆଶ୍ରୟ ନେଇପାରିବେ ବୋଲି କୋର୍ଟ କହିଛନ୍ତି ।

## ଛାତ୍ର ଆନ୍ଦୋଳନରେ ଅତ୍ୟାଚାରୀ ପୁଲିସଙ୍କୁ ସୁରକ୍ଷା ଦିଅନାହିଁ

■ ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଗତ ଜୁଲାଇ ୨୦ ତାରିଖ ସଂସଦ ପଦଯାତ୍ରା ସମୟରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଆଜି ସୁପ୍ରିମ କୋର୍ଟରେ ଶୁଣାଣି ହୋଇଛି । ଏସଂପର୍କରେ ସର୍ବୋଚ୍ଚ ଅଦାଲତ ବର୍ବରତା ଦେଖାଇଥିବା ଅତ୍ୟାଚାରୀ ପୁଲିସ କର୍ମଚାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଯେଉଁ ପୁଲିସ ଅଧିକାରୀମାନେ ନିଜ କ୍ଷମତାର ଅପବ୍ୟବହାର କରି ଅତ୍ୟଧିକ ବଳପ୍ରୟୋଗ କରିଛନ୍ତି, ସେମାନଙ୍କୁ କୌଣସି ସୁରକ୍ଷା ଦିଆଯିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ଏହାସହିତ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଛାତ୍ର ଆନ୍ଦୋଳନ ଆଢୁଆଳରେ ଅପରାଧିକ କାର୍ଯ୍ୟକଳାପ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ କୌଣସି ପ୍ରକାର ଛାଡ଼ ମିଳିବ ନାହିଁ । ପୁଲିସର ବର୍ବରତା ଓ ପେଲେଟ୍ ଗୁଳି ବ୍ୟବହାରର ତଦନ୍ତ ପାଇଁ ଜଣେ ପୂର୍ବତନ ବିଚାରପତିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯିବ କି ନାହିଁ, ସେ ନେଇ ଅଦାଲତ ବିଚାର କରୁଛନ୍ତି । ସଂସଦ ଅଭିମୁଖେ ଶୋଭାଯାତ୍ରା ସମୟରେ ସୁରକ୍ଷାକର୍ମୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ପୁଲିସ ପକ୍ଷରୁ ଲାଠିଚାଳନା ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିଲା, ଯେଉଁଥିରେ ୧୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ । କେବଳ ଏତିକି ନୁହେଁ, ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମଧ୍ୟ ମାଡ଼ କରାଯାଇଥିଲା । ଏଥିରେ ଜଣେ ଆନ୍ଦୋଳନକାରୀଙ୍କ ଆଖି ନଷ୍ଟ ହେବାର ଆଶଙ୍କା ରହିଛି । ପେଲେଟ୍ ଗନ୍ ମାଡ଼ରେ ଅନେକ ▶ପୃଷ୍ଠା-୭

# ସଂସଦରେ ପ୍ରଶ୍ନପତ୍ର ଲିକ୍, 'ଚାନ୍ଦା ଚୋରି' ହଙ୍ଗାମା

■ ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍, ଏହାକୁ ନେଇ ରାସ୍ତାକୁ ଓହ୍ଲାଇଥିବା ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଚାନ୍ଦା ଚୋରି ପ୍ରସଙ୍ଗରେ ସଂସଦରେ ହଟ୍ଟଗୋଳ ଜାରି ରହିଛି । ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବିରୋଧୀ ଦଳ ଦାବି କରିଛନ୍ତି । ଏସଂପର୍କରେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୃହକୁ ଆସି ଜବାବ ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି । ରାମ ମନ୍ଦିର ଚାନ୍ଦା ଚୋରି ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି ବିରୋଧୀ । ଏହାକୁ ନେଇ ସେମାନେ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଟ୍ଟଗୋଳ ଜାରି ରଖିଛନ୍ତି । କିନ୍ତୁ ସରକାର ଏସଂପର୍କରେ ଜବାବ ଦେଉନଥିବାରୁ ବିରୋଧୀ ଅସନ୍ତୋଷ ପ୍ରକାଶ କରିବା ସହିତ ସରକାରଙ୍କୁ ଟାର୍ଗେଟ କରିବା ଜାରି ରଖିଛନ୍ତି । ହଟ୍ଟଗୋଳ ମଧ୍ୟରେ ଆଜି ସୁପ୍ରିମ କୋର୍ଟରେ ବିଚାରପତି ସଂଖ୍ୟା ବୃଦ୍ଧି ସଂକ୍ରାନ୍ତ ବିଲ୍ ପାସ୍ ହୋଇଯାଇଛି । ଏହାସହିତ ସଂସଦକୁ ମୁଲତବୀ କରିଦିଆଯାଇଛି ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି



ଯେ ପୁଲିସ ବର୍ବରତା ସଂପର୍କରେ ଆଲୋଚନା କରିବାକୁ ଚାହୁଁଛନ୍ତି । କିନ୍ତୁ ସରକାର ରାଜି ହେଉ ନାହାନ୍ତି । ପ୍ରଧାନମନ୍ତ୍ରୀଙ୍କୁ ଏହାର ଉତ୍ତର ଦେବାକୁ ପଡ଼ିବ । କିନ୍ତୁ ପ୍ରଧାନମନ୍ତ୍ରୀ ସଂସଦକୁ ନଆସି ଏହାର ଅପମାନ କରୁଛନ୍ତି । ପୁଲିସ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀ କ୍ଷମା ପ୍ରାର୍ଥନା ନକରିବା ପର୍ଯ୍ୟନ୍ତ ସଂସଦ ଚଳାଇ ଦିଆଯିବ ନାହିଁ ବୋଲି ଖଡ଼ଗେ ଚେତାବନୀ ଶୁଣାଇଛନ୍ତି ।

ଜୁଲାଇ ୨୦ ଆନ୍ଦୋଳନ ସମୟରେ ଛାତ୍ରମାନଙ୍କ ଉପରେ ପୁଲିସର ବଳପ୍ରୟୋଗ ଏବଂ ରାମ ମନ୍ଦିର ଦାନ ସଂଗ୍ରହରେ ହୋଇଥିବା ଦୁର୍ନୀତିକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ କହିଛନ୍ତି ଯେ ସଂସଦ

**ମଙ୍ଗଳବାର ପର୍ଯ୍ୟନ୍ତ ଗୃହ ମୁଲତବୀ**

ଅଧିବେଶନର ତୃତୀୟ ସପ୍ତାହ ଚାଲିଥିଲେ ବି ଗୃହମନ୍ତ୍ରୀ ଏପର୍ଯ୍ୟନ୍ତ ନୀରବତା ଭଙ୍ଗ କରିନାହାନ୍ତି । ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଏହି ଘଟଣାରେ କୌଣସି ପଦକ୍ଷେପ ନେଉନାହାନ୍ତି । ଉକ୍ତ ପ୍ରସଙ୍ଗରେ ସଂସଦ ପରିସରରେ ଇଣ୍ଡିଆ ମେଣ୍ଟର ସାଂସଦମାନେ ଏକ ବିଶାଳ ପ୍ରତିବାଦ ଆନ୍ଦୋଳନ କରିଛନ୍ତି । କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ସରକାରଙ୍କଠାରୁ ଜବାବ ଦାବି କରାଯିବା ସହ ଗୃହମନ୍ତ୍ରୀ ଅମିତ ଶାହଙ୍କ ଅନୁପସ୍ଥିତିକୁ ନେଇ ପ୍ରଶ୍ନ ଉଠାଯାଇଛି । ମକର ଦ୍ୱାର ଆଗରେ ଏକତ୍ରିତ ହୋଇ ବିରୋଧୀ ସାଂସଦମାନେ ହାତରେ ବ୍ୟାନର ଓ ଦାନ ବାକ୍ସ ଧରି ପ୍ରତିବାଦ ଜଣାଇଥିଲେ । ସାଂସଦମାନେ ମନ୍ଦିର ଦାନ ଆତ୍ମସାତ୍‌ର ପ୍ରତୀକ ସ୍ୱରୂପ ଦାନ ବାକ୍ସ ରଖି ସେଥିରେ ଟଙ୍କା ପକାଇ ସରକାରଙ୍କ ବିରୋଧରେ ପ୍ରତିବାଦ ରଖିଥିଲେ । ଏହି ପ୍ରତିବାଦରେ ପ୍ରିୟଙ୍କାଙ୍କ ବ୍ୟତୀତ ସମାଜବାଦୀ ପାର୍ଟିର ଡିମ୍ପଲ ଯାଦବ ଓ ଧର୍ମେନ୍ଦ୍ର ଯାଦବ, ତୃଣମୂଳ କଂଗ୍ରେସର ମହୁଆ ମୋଇତ୍ରା, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମହୁଆ ମାଜି ଏବଂ ଆରଏସପିର ଏନ୍‌କେ ପ୍ରେମଚନ୍ଦ୍ରନଙ୍କ ସମେତ ଅନେକ ବରିଷ୍ଠ ନେତା ସାମିଲ ହୋଇଥିଲେ । ଗତ ଶୁକ୍ରବାର ଦିନ ମଧ୍ୟ 'ଇଣ୍ଡିଆ' ମେଣ୍ଟର ସାଂସଦମାନେ ଏକ ନାଟକୀୟ ପ୍ରତିବାଦ କରିଥିଲେ । ଭାଜପା ଏବଂ କେତେକ ହିନ୍ଦୁ ସଂଗଠନ ଏହାର ବିରୋଧ କରିଥିଲେ ।

**୩ ରାଜ୍ୟ ବିଧାନସଭା ଉପନିର୍ବାଚନ**

### ବିହାର, ମଧ୍ୟପ୍ରଦେଶରେ ବିଜେପିକୁ ଝଟ୍‌କା

## ବାଙ୍କିପୁର ଛଡ଼ାଇନେଲେ ପ୍ରଶାନ୍ତ କିଶୋର

■ ନୂଆଦିଲ୍ଲୀ/ପାଟନା, ୩।୮ (ଏଜେନ୍ସି): ବିହାରର ବାଙ୍କିପୁର ଉପନିର୍ବାଚନ ଫଳାଫଳ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି । ଗତ ୩୦ ବର୍ଷ ଧରି ବିଜେପିର



**୩୦ ବର୍ଷ ପରେ ହାତରୁ ଗଲା ବିଜେପି ସଭାପତିଙ୍କ ଗଡ଼**

**ମଧ୍ୟପ୍ରଦେଶର ଦତିଆରେ କଂଗ୍ରେସ, ଗୁଜରାଟର ମାଞ୍ଜଲପୁରରେ ବିଜେପି ବିଜୟୀ**

ଗଡ଼ ରୂପେ ପରିଚିତ ଏହି ଆସନକୁ ବିଜେପି ଠାରୁ ଛଡ଼ାଇନେଇଛନ୍ତି ନିର୍ବାଚନୀ ରଣନୀତିକାରରୁ ରାଜନେତା ପାଲଟିଥିବା 'ଜନ ସୁରଜ ପାର୍ଟି'ର ମୁଖ୍ୟ ପ୍ରଶାନ୍ତ କିଶୋର । ପ୍ରଥମ ଥର ଲାଗି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରଶାନ୍ତ ବିଜେପି ପ୍ରାର୍ଥୀଙ୍କୁ ୧୯ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି । ଏହା କେବଳ ବିଜେପି ନୁହେଁ, ବିଜେପିର ନୂଆ ସଭାପତି ନିତିନ ନବୀନଙ୍କ ପାଇଁ ମଧ୍ୟ ବଡ଼ ଝଟକା ବୋଲି କୁହାଯାଉଛି । କାରଣ ୨୦୧୦ରୁ ୪ ଥର ବିପୁଳ ଭୋଟରେ ବିଜୟୀ ହୋଇ ଆସୁଥିବା ନିତିନଙ୍କ ଇସ୍ତଫା ଯୋଗୁଁ ଏହି ଆସନଟି ଖାଲି ପଡ଼ିଥିଲା । ଗତ ୩୦ ତାରିଖରେ ବିହାର, ଗୁଜରାଟ ଓ ମଧ୍ୟପ୍ରଦେଶର ତିନିଟି ବିଧାନସଭା ଆସନରେ ଉପନିର୍ବାଚନ ହୋଇଥିଲେ ମଧ୍ୟ ବିହାରର ବାଙ୍କିପୁର ଉପରେ ସାରା ଦେଶର ନଜର ରହିଥିଲା ।

ଆଜି ଭୋଟ ଗଣତି ଆରମ୍ଭରୁ ପ୍ରଶାନ୍ତ ଅଗ୍ରଣୀ ରହିଥିଲେ । ସେ ବିଜେପି ପ୍ରାର୍ଥୀ ନୀରଜ କୁମାରଙ୍କୁ ୧୯, ୩୨୪ ଭୋଟ ବ୍ୟବଧାନରେ ପରାସ୍ତ କରିବା ନେଇ ସନ୍ଧ୍ୟା ବେଳେ ଘୋଷଣା କରାଯାଇଥିଲା । ପ୍ରଶାନ୍ତ କିଶୋର ୬୪, ୧୫୧ ଭୋଟ୍ ପାଇଥିବା ବେଳେ ନୀରଜ ୪୪, ୮୨୭ ଭୋଟ ପାଇଛନ୍ତି । ସେହିପରି ଆରଜେଡିର ରେଖା କୁମାରୀ । ୧୪, ୨୭୩ ଭୋଟ ପାଇ ପ୍ରଶାନ୍ତଙ୍କଠାରୁ ୪୯, ୮୭୮ ଭୋଟ ବ୍ୟବଧାନ ସହ ତୃତୀୟ ସ୍ଥାନରେ ରହିଛନ୍ତି । ପ୍ରଶାନ୍ତଙ୍କ ବିଜୟ ଉଭୟ ନୀତୀଶ କୁମାର ଏବଂ ଲାଲୁ ▶ପୃଷ୍ଠା-୭

**ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

# ୧୧୦ କୋଟି ମଞ୍ଜୁର

■ ଭୁବନେଶ୍ୱର,୩।୮ (ସମିସ): ବନ୍ୟା ପ୍ରଭାବିତଙ୍କ ସହାୟତା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତ୍ତିଭୂମିର ମରାମତି ପାଇଁ ଚୂଡ଼ାନ୍ତ ଆକଳନ ପରେ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ ଏବଂ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ । ଏହି ନିଷ୍ପତ୍ତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮,୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩,୦୦୦ ଟଙ୍କା ଦିଆଯିବ । କ୍ଷୁଦ୍ର ଓ ନାମମାତ୍ର



**ରିଲିଫ ଓ ଉଦ୍ଧାର ପାଇଁ ପୂର୍ବରୁ ଦିଆଯାଇଛି ୨୬ କୋଟି**

**ଘରଭଙ୍ଗା, ଫସଲ ଓ ପ୍ରାଣିଧନ କ୍ଷୟକ୍ଷତି ପାଇଁ ମିଳିବ ଆର୍ଥିକ ସହାୟତା**

**୨୨ ଜିଲ୍ଲାରେ ଯୁଦ୍ଧକାଳୀନ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ଜାରି**

ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଞ୍ଚଳ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ । ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ▶ପୃଷ୍ଠା-୭

## ବଜ୍ରପାତରେ ୩ ମୃତ

■ ଖୁଣ୍ଟା/କୁଆମରା/ ଦେବଗଡ଼/ ଆନନ୍ଦପୁର, ୩।୮ (ସମିସ): ଆଜି ବିଭିନ୍ନ ସ୍ଥାନରେ ବଜ୍ରପାତ ଯୋଗୁଁ ତିନିଜଣଙ୍କ ମୃତ୍ୟୁ ଘଟିଛି । ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ବାଲିଡିହା ଗ୍ରାମରେ ବଜ୍ରପାତ ଘଟି ୧୦ ବର୍ଷୀୟ ରାହୁଲ ଦେହୁରୀଙ୍କ ମୃତ୍ୟୁ ହୋଇଛି । ରାହୁଲ ସ୍ଥାନୀୟ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଥିଲେ । ତାଙ୍କ ମାଆ ବିଲକୁ କାମ କରିବାକୁ ଯାଇଥିବାରୁ ରାହୁଲ ସ୍କୁଲକୁ ନ ଯାଇ ଘରେ ଥିଲେ । ସେ ସାଙ୍ଗମାନଙ୍କ ସହ ଏକ ବରଗଛ ମୂଳରେ ବସିଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା । ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଧୀନ ଭିତରପଦରେ ବଜ୍ରପାତ ଯୋଗୁ ହରେକୃଷ୍ଣ ସାହୁ (୪୨) ପ୍ରାଣ ହରାଇଛନ୍ତି । ଗାଁ ନିକଟସ୍ଥ ଦେବୀଚୁଆ ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିଲେ । ଏହି ସମୟରେ ବର୍ଷା ହେବାରୁ ସେ ଗୋଟିଏ ଗଛ ମୂଳରେ ଆଶ୍ରୟ ନେଇଥିଲେ । ଏତିକିବେଳେ ବଜ୍ରପାତ ହୋଇଥିଲା । ସେଠାରେ ସେ ଅଚେତ ହୋଇ ପଡିଥିଲେ । ପାଖରେ ଥିବା ▶ପୃଷ୍ଠା-୭

**୭ ଘୂର୍ଣ୍ଣିବଳୟ, ୧୦ରେ ଲଘୁଚାପ**

## ପୁଣି ରାଜ୍ୟ ବୁଡ଼ାଇବ ବଡ଼ ବର୍ଷା

■ ଭୁବନେଶ୍ୱର,୩।୮ (ସମିସ): ଆସନ୍ତା ୭ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହା ପ୍ରଭାବରେ ୧୦ ତାରିଖ ବେଳକୁ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଏହି ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ହୋଇପାରେ । ପାରିପାର୍ଶ୍ୱିକ ସ୍ଥିତି ସୁହାଇଲେ ଏହି ଲଘୁଚାପ ମଧ୍ୟ ପୂର୍ବ ଲଘୁଚାପ ଭଳି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ । ଏହା ହେଲେ ଆସନ୍ତା ୭ ତାରିଖ ବେଳକୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ ଏବଂ ୯ ତାରିଖ ବେଳକୁ ବର୍ଷାର ପ୍ରଭାବ ବୃଦ୍ଧିପାଇ ୧୧-୧୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ସମୟରେ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ କେତକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ ।

ବର୍ତ୍ତମାନ ଦିନରେ ଆକାଶ ନିର୍ମଳ ରହୁଛି । ଏଥିଯୋଗୁଁ ପ୍ରବଳ ଖରା ସହ ଦିନରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ଅପରାହ୍ଣ ପରେ କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ହେଉଛି । ଆଜି ଭୁବନେଶ୍ୱରରେ ୩୮ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ ୩୯, ଝାରସୁଗୁଡ଼ାରେ ୩୭, ଭଦ୍ରକରେ ୪୫, ଭବାନୀପାଟଣା ୩୩, ମାଲକାନଗିରି ୧୯, ଝାରସୁଗୁଡ଼ାରେ ୩୭ ମିମି ରେକର୍ଡ ହୋଇଛି ।

ଆସନ୍ତାକାଲି ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଏଥିପାଇଁ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ସେହିପରି ମାଲକାନଗିରି, ଗଞ୍ଜାମ, ଗଜପତି, ପୁରୀ, ଖୋରଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ବାଲେଶ୍ୱର, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ହାଲୁକା ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବା ବେଳେ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ▶ପୃଷ୍ଠା-୭

# ଆଉ ବଢ଼ିବ ନାହିଁ କୋଇଲା ରୟାଲଟି

■ ନୂଆଦିଲ୍ଲୀ/ଭୁବନେଶ୍ୱର,୩।୮ (ସମିସ) : କେନ୍ଦ୍ର ସରକାର ଆଉ ବଢ଼ାଇବେ ନାହିଁ କୋଇଲା ରୟାଲଟି । ସଂସଦରେ କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ରୋକଠୋକ୍ ଭାବରେ ରୟାଲଟି ବୃଦ୍ଧିକୁ ମନା କରିଛନ୍ତି । ଏପରିକି ରୟାଲଟି କେବେ ବଢ଼ାଯିବ, ତାହା କହିବା ସମ୍ଭବ ନୁହେଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି । ୨୦୨୦ରେ ତତ୍କାଳୀନ ଓଡ଼ିଶା ସରକାର କୋଇଲା ରୟାଲଟି ବୃଦ୍ଧି ପାଇଁ ପ୍ରସ୍ତାବ ଦେଇଥିଲେ ହେଁ ଆଲୋଚନା ପରେ ତାହାକୁ ଗ୍ରହଣ କରାଯାଇ ନ ଥିଲା । ବର୍ତ୍ତମାନ କୋଇଲା ରାଜଭାଗ ବା ରୟାଲଟି ବୃଦ୍ଧି ପାଇଁ କୌଣସି ଯୋଜନା ନାହିଁ ବୋଲି ଶ୍ରୀ ଦୁବେ ସଂସଦରେ ସ୍ପଷ୍ଟ କରିଦେଇଛନ୍ତି ।



ସଂସଦରେ କେନ୍ଦ୍ରମନ୍ତ୍ରୀଙ୍କ ଏପରି ନାସ୍ତିବାଣୀ ପୁଣିଥରେ ଓଡ଼ିଶା ପ୍ରତି କେନ୍ଦ୍ରର ଅବିଚାରିତାକୁ ସ୍ପଷ୍ଟ କରିଛି । ଶେଷଥର କୋଇଲା ରାଜଭାଗ ସଂଶୋଧନ ୨୦୧୨ରେ ହୋଇଥିଲା ଓ ପରବର୍ତ୍ତୀ ସଂଶୋଧନ ୨୦୧୬ରେ ହୋଇଥାଆନ୍ତା । ମାତ୍ର ଇତିମଧ୍ୟରେ ୧୦ବର୍ଷ ବିତିଗଲାଣି, କୋଇଲା ରାଜଭାଗ ସଂଶୋଧନ ହୋଇପାରୁ ନାହିଁ । ତତ୍କାଳୀନ ବିଜେଡି ସରକାର ଓ ସଂସଦରେ ବିଜେଡିର ସାଂସଦମାନେ ଅନେକବାର କୋଇଲା ରାଜଭାଗକୁ ୧୪%ରୁ ବୃଦ୍ଧି କରି ୨୦ ପ୍ରତିଶତ କରାଯିବାକୁ ଦାବି କରି ଆସୁଛନ୍ତି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ ବାରମ୍ବାର କେନ୍ଦ୍ରକୁ ଚିଠି ଲେଖିଛନ୍ତି, ସାଂସଦମାନେ ସଂସଦରେ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଭିନ୍ନ ▶ପୃଷ୍ଠା-୭

**ସଂସଦରେ ରୋକଠୋକ୍ ମନା କଲେ କେନ୍ଦ୍ରମନ୍ତ୍ରୀ**

**ବର୍ଷକୁ ୧୦ ହଜାର କୋଟି ରାଜସ୍ୱ ହରାଉଛି ଓଡ଼ିଶା**

**୧୦ ବର୍ଷରେ ରାଜ୍ୟ ହରାଇଛି ଲକ୍ଷେ କୋଟି ରାଜସ୍ୱ**

**କେନ୍ଦ୍ର ଆଭିମୁଖ୍ୟକୁ ନେଇ ସାଂସଦ ମାନସଙ୍କ ଉଦ୍‌ବେଗ**

**ବିଜେପିର ୨୦ ସାଂସଦଙ୍କ ନିରବତାକୁ ନେଇ ପ୍ରଶ୍ନବାଚୀ**



# ଦେଶ ବିଦେଶ



## ବିଶ୍ୱର ତୃତୀୟ କ୍ଷୁଦ୍ରତମ ଦେଶ ଏବେ 'ନାଓଏରୋ ଗଣରାଜ୍ୟ'

ୟାରେନ, ୩।୮ (ଏଜେନ୍ସି): ପ୍ରଶାନ୍ତ ମହାସାଗରୀୟ ଦ୍ୱୀପରାଷ୍ଟ୍ର ତଥା ବିଶ୍ୱର ତୃତୀୟ କ୍ଷୁଦ୍ରତମ ଦେଶ 'ନାଉରୁ' ନିଜର ପାରମ୍ପରିକ ଓ ସାଂସ୍କୃତିକ ପରିଚୟକୁ ଫେରାଇ ଆଣିବା ପାଇଁ ନିଜ ନାମ ବଦଳାଇ 'ନାଓଏରୋ ଗଣରାଜ୍ୟ' ରଖିଛି। ମିଳିତ ଜାତିସଂଘ ମଧ୍ୟ ନିଜର ସରକାରୀ ନଥିପତ୍ରରେ ଏହି ନୂତନ ନାମକୁ ସ୍ୱୀକୃତି ଦେଇଛନ୍ତି। ଦେଶର ସରକାରଙ୍କ ଅନୁସାରେ, ସ୍ଥାନୀୟ ଭାଷାରେ ଏହି ଦ୍ୱୀପର ମୂଳ ନାମ 'ନାଓଏରୋ' ଥିଲା। ବିଦେଶୀମାନଙ୍କ ଉଚ୍ଚାରଣ ସୁବିଧା ପାଇଁ ଗ୍ରହଣ କରାଯାଇଥିବା 'ନାଉରୁ' ନାମକୁ ହଟାଇ ନିଜର ପ୍ରାଚୀନ ସଂସ୍କୃତି, ଭାଷା ଓ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ରାଷ୍ଟ୍ରପତି ଡେଭିଡ୍ ଆଡିଆଙ୍ଗ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ପରିବର୍ତ୍ତନ ସହ ଦେଶର ଅନ୍ତର୍ଜାତୀୟ କୋଡ୍ ଏବଂ ନାଗରିକଙ୍କ ପରିଚୟରେ ମଧ୍ୟ ପରିବର୍ତ୍ତନ ଆସିଛି। ଅତୀତରେ ଫସ୍‌ଫେଟ୍ ଉତ୍ପାଦନ ପାଇଁ ଧନୀ ଦେଶ ଭାବେ ଜଣାଶୁଣା ନାଓଏରୋ ଏବେ ଜଳବାୟୁ ପରିବର୍ତ୍ତନ ଭଳି ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛି। ନିଜ ନାମ ବଦଳାଇ ସ୍ଥାନୀୟ ପରିଚୟ ପୁନରୁଦ୍ଧାର କରିବା ଦିଗରେ ନାଓଏରୋର ଏହି ପଦକ୍ଷେପ ବିଶ୍ୱସ୍ତରରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ମୁମ୍ବାଇରେ ଜେନ୍-ଜିଙ୍କୁ ଭେଟିବେ ମୋହନ ଭାଗବତ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆସନ୍ତା ଅଗଷ୍ଟ ୬ ତାରିଖରେ ମୁମ୍ବାଇଠାରେ ନୂତନ ପିଢ଼ିର ଯୁବକଯୁବତୀଙ୍କ ସହ ଆଲୋଚନା କରିବେ। ନୀତା ମୁକେଶ ଅମ୍ବାନୀ କଲଚରାଲ ସେଣ୍ଟରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଯୋଗଦେବେ। 'ଇଣ୍ଡିଆଜ୍ ଇଣ୍ଟରନ୍ୟାସନାଲ ମୁଭମେଣ୍ଟ ଟୁ ୟୁନାଇଟ୍ ନେସନ୍ସ' (ଆଇଆଇଏମୟୁଏନ)ର ୧୫ତମ ବାର୍ଷିକୀ ଅବସରରେ ଏହି ବାର୍ଷିକ ସମ୍ମିଳନୀ ଆୟୋଜିତ ହେଉଛି। ଏଥିରେ ଦେଶର ୧୦୦ରୁ ଅଧିକ ସହରରୁ ୨,୦୦୦ରୁ ଅଧିକ ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ୧୫ରୁ ୧୯ ବର୍ଷ ବୟସର ଏହି ଯୁବପିଢ଼ିଙ୍କ ସହ ଭାରତୀୟ ପରମ୍ପରା ଓ ବିଶ୍ୱକୁ ଯୋଡ଼ିବାରେ ଯୁବସମାଜର ଭୂମିକା ସମ୍ପର୍କରେ ଆରଏସଏସ ମୁଖ୍ୟ ମାର୍ଗଦର୍ଶନ କରିବେ। ଆଇଆଇଏମୟୁଏନ ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ଏକ ବଡ଼ ସଂସ୍ଥା ଯାହା ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ମୋହନ ଭାଗବତଙ୍କ ଏହି ବାର୍ତ୍ତାଳାପ ଯୁବପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣ ଓ ବିଶ୍ୱ ନେତୃତ୍ୱ ନେବାରେ ନୂତନ ପ୍ରେରଣା ଯୋଗାଇବ।



# ବୟସ ୧୮ ; ବିଶ୍ୱର ସର୍ବକନିଷ୍ଠ ପ୍ରଫେସର


**୩୦୬ ବର୍ଷର ବିଶ୍ୱ ରେକର୍ଡ ଭାଙ୍ଗିଲେ ନେଥନ୍ ଥୋମାସ**

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଆମେରିକାର ଫ୍ଲୋରିଡା ଅଞ୍ଚଳର ୧୮ ବର୍ଷୀୟ ଯୁବକ ନେଥନ୍ ଥୋମାସ୍ ବିଶ୍ୱର ସର୍ବକନିଷ୍ଠ ପୁରୁଷ ପ୍ରଫେସର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସରେ ନିଜ ନାମ ସାମିଲ କରିଛନ୍ତି। ମାତ୍ର ୧୮ ବର୍ଷ ୩୪୬ ଦିନ ବୟସରେ ମିଆମି ଡେଡ୍ କଲେଜରେ ଇଞ୍ଜିନିୟରିଂ ଶିକ୍ଷାଦାନ ଆରମ୍ଭ କରି ସେ ଏହି ଐତିହାସିକ କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ସହ ନେଥନ୍ ୩୦୬ ବର୍ଷ ଧରି ରହିଥିବା ଏକ ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ଏହାପୂର୍ବରୁ କୋଲିନ୍ ମ୍ୟାକଲୋରିନ୍ ୧୯ ବର୍ଷ ବୟସରେ ପ୍ରଫେସର ହୋଇ ଦୀର୍ଘ ୩୦୬ ବର୍ଷ ଧରି ଏହି ରେକର୍ଡ ନିଜ ନାମରେ ରଖିଥିଲେ। ଏହାଛଡ଼ା, ୨୦୦୮ ମସିହାରେ ୧୮ ବର୍ଷ ୩୬୨ ଦିନ ବୟସରେ ବିଶ୍ୱର ସର୍ବକନିଷ୍ଠ ମହିଳା ପ୍ରଫେସର ହୋଇଥିବା ଆଲିଆ ସବୁରଙ୍କ ତୁଳନାରେ ନେଥନ୍ ୧୬ ଦିନ କମ୍ ବୟସରେ ଏହି ଗୌରବ ହାସଲ କରିଛନ୍ତି। ମାତ୍ର ୧୦ ବର୍ଷ ବୟସରୁ ନେଥନ୍ କଲେଜ ପାଠପଢ଼ା ଆରମ୍ଭ କରିଥିଲେ। ୧୪ ବର୍ଷ ବୟସରେ ଫ୍ଲୋରିଡା ଇଣ୍ଟରନ୍ୟାସନାଲ ୟୁନିଭର୍ସିଟିରେ ନାମ ଲେଖାଇ ପରବର୍ତ୍ତୀ ୪ ବର୍ଷ ମଧ୍ୟରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ମିଆମି ଡେଡ୍ କଲେଜରେ ସେ ନିଜ ବୟସର ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ପ୍ରୋଗ୍ରାମିଂ ଓ ଜଟିଳ ଇଞ୍ଜିନିୟରିଂ ବିଷୟ ପଢ଼ାଉଛନ୍ତି। ନିଜ ଶିକ୍ଷାଦାନ ସମ୍ପର୍କରେ ନେଥନ୍ କହିଛନ୍ତି ଯେ, ଶ୍ରେଣୀଗୃହ ମଧ୍ୟକୁ ପ୍ରବେଶ କରିବା ପରେ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଥାଏ, ତାହା ହେଉଛି ଶିଖିବା। ସେଠାରେ ବୟସ କୌଣସି ପ୍ରତିବନ୍ଧକ ସାଜିନଥାଏ। ନିଜ ମାଆଙ୍କ ସହଜ ଶିକ୍ଷାଦାନ ଶୈଳୀରୁ ସେ ଗଣିତ ଓ ବିଜ୍ଞାନ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ଛାତ୍ର ଜଟିଳ ବିଷୟକୁ ସହଜରେ ବୁଝିପାରିବା ସମୟରେ ମିଳୁଥିବା ଆନନ୍ଦ ହିଁ ତାଙ୍କ ପାଇଁ ସବୁଠାରୁ ବଡ଼ ପୁରସ୍କାର ବୋଲି ସେ ପ୍ରକାଶ କରିଛନ୍ତି।



# ବନ୍ୟାରେ ଭାସୁଛି କେରଳ, ଆସାମ





**■ କେରଳରେ ୧୫ ଜଣଙ୍କ ମୃତ୍ୟୁ**
**■ ଆସାମରେ ମୃତ୍ୟୁସଂଖ୍ୟା ୮୫**


ଥିରୁବନନ୍ତପୁରମ୍, ଗୌହାଟୀ, ୩।୮ (ଏଜେନ୍ସି): କେରଳରେ ଜାରି ରହିଥିବା ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସୃଷ୍ଟ ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଏଥିସହିତ ଅନ୍ୟ ୭ ଜଣ ଏବେ ବି ନିଖୋଜ ଅଛନ୍ତି। ସୋମବାର ରାଜ୍ୟର ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ କୋଟାୟମ୍ ଜିଲ୍ଲାରେ ୩ ଜଣଙ୍କ ମୃତ୍ୟୁ (ଏଥିରେ ଜଣେ ଶିଶୁ ପାଣି ଟାଙ୍କିରେ ପଡ଼ି ପ୍ରାଣ ହରାଇବା ଘଟଣା ସାମିଲ) ବରଣ କରିଛନ୍ତି। ସେହିପରି ମଲପ୍ପୁରମ୍‌ରେ ୪ ଜଣଙ୍କ ମୃତ୍ୟୁ ଓ ଜଣେ ନିଖୋଜ, ଏର୍ଣ୍ଣାକୁଲମ୍ ୨ ଜଣଙ୍କ ମୃତ୍ୟୁ ବରଣ କରିଛନ୍ତି। ସେହିପରି କୋଲମ୍‌ରେ ୨ ଜଣଙ୍କ ମୃତ୍ୟୁ ଓ ୨ ଜଣ ନିଖୋଜ ହୋଇଛନ୍ତି। ଅନ୍ୟପଟେ କନ୍ନୁରରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ନିଖୋଜ ହୋଇଛନ୍ତି। ଇଡୁକ୍କି, ମୁଭାଟ୍ଟୁପୁଝା ଓ କୋଝିକୋଡ୍ ଜିଲ୍ଲାରେ ଜଣଙ୍କ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି। ଏହାଛଡ଼ା ଇଡୁକ୍କି ଓ ମୁଭାଟ୍ଟୁପୁଝାରୁ ଜଣେ ଲେଖାଏଁ ନିଖୋଜ ଅଛନ୍ତି। ସୋମବାର ସକାଳ ସୁଦ୍ଧା ସାରା ରାଜ୍ୟରେ ୩୧୬ଟି ରିଲିଫ ଶିବିର କାର୍ଯ୍ୟକ୍ଷମ କରାଯାଇଛି। ବର୍ଷା ଓ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରାୟ ୧୧, ୦୧୮ ଜଣ ଲୋକଙ୍କୁ ଏହି ଶିବିରଗୁଡ଼ିକରେ ଆଶ୍ରୟ ଦିଆଯାଇଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ଜୋରଦାର କରାଯାଇଛି। ପାଣିପାଗ ବିଭାଗର ସତର୍କ ସୂଚନା ଜାରି କରିଛି। ଅଗଷ୍ଟ ୩ ଓ ୬ ତାରିଖରେ ରାଜ୍ୟରେ ଅତି ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପ୍ରବଳ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ରରେ ୬୦ କିଲୋମିଟର ବେଗରେ ପବନ ଓ ପ୍ରବଳ ଲହଡ଼ି ଉଠୁଥିବାରୁ କେରଳ, କର୍ଣ୍ଣାଟକ ଓ ଲାକ୍ଷାଦ୍ୱୀପ ଉପକୂଳକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଉତ୍ତର କେରଳ ଉପକୂଳରେ ୨.୭ରୁ ୩.୫ ମିଟର ଉଚ୍ଚର ଲହଡି ଆସିବାର ସମ୍ଭାବନା ଥିବାରୁ ଉପକୂଳବର୍ତ୍ତୀ ଅଞ୍ଚଳର ଅଧିବାସୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକୃତିର ଏହି କୋପଯୋଗୁଁ କେରଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ସରକାର ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ସେହିଭଳି ଆସାମରେ ମଧ୍ୟ ବନ୍ୟା ସ୍ଥିତି ଏବେ ବି ଗୁରୁତର ରହିଛି। ରାଜ୍ୟରେ ୭ଟି ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ତିନି ଲକ୍ଷରୁ ଅଧିକ ଏବେ ବି ପାଣିଘେରରେ ରହିଛନ୍ତି। ବନ୍ୟା ଯୋଗୁଁ ରାଜ୍ୟରେ ମୃତ୍ୟୁସଂଖ୍ୟା ୮୫କୁ ବୃଦ୍ଧି ପାଇଛି।

**ପ୍ରଧାନମନ୍ତ୍ରୀଙ୍କ ଭିଡିଓ ହଟାଇବା ଘଟଣା**

## ସଂସଦୀୟ କମିଟିରେ କ୍ଷମା ମାଗିଲା ମେଟା

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଫେସବୁକ୍ ଭିଡିଓକୁ ହଟାଇ ଦେବା ପ୍ରସଙ୍ଗରେ 'ମେଟା' ସଂସଦୀୟ ସ୍ଥାୟୀ କମିଟି ଆଗରେ କ୍ଷମାପ୍ରାର୍ଥନା କରିଛି। ଭୁଲବଶତଃ ଏହି ଭିଡିଓଟି ହଟିଯାଇଥିଲା ବୋଲି ସଂସ୍ଥା ସଫାଇ ଦେଇଛି। ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ସଂସଦୀୟ କମିଟିର ବୈଠକରେ କମିଟି ସଦସ୍ୟମାନେ ମେଟା କର୍ତ୍ତୃପକ୍ଷଙ୍କୁ କଡ଼ା ପ୍ରଶ୍ନ ପଚାରିଥିଲେ। କେବଳ କ୍ଷମାପ୍ରାର୍ଥନା ଯଥେଷ୍ଟ ନୁହେଁ, ବରଂ ଏଥିପାଇଁ ଦାୟୀ ଅଫିସରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ କମିଟି ସଦସ୍ୟମାନେ ଦାବି କରିଛନ୍ତି। କେନ୍ଦ୍ର ସରକାର ମଧ୍ୟ ଏହାକୁ କେବଳ ଏକ ବୈଷୟିକ ତ୍ରୁଟି ନଭାବି ଜାତୀୟ ସୁରକ୍ଷା ସହ ଜଡ଼ିତ ପ୍ରସଙ୍ଗ ବୋଲି ଦର୍ଶାଇଛନ୍ତି। ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୁଗୁଲ୍, ଫେସବୁକ୍, ୟୁଟ୍ୟୁବ୍ ଓ ଏକ୍ସ ଭଳି ସୋସିଆଲମିଡିଆ ପ୍ଲାଟଫର୍ମଗୁଡ଼ିକର ନିୟନ୍ତ୍ରଣ ଓ ଆଇନ ପାଳନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି।




## ବୁଧବାର ଦେଖାଦେବେ ଶେଖ୍ ହସିନା



ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶତ୍ୟାଗ କରିବାର ପ୍ରାୟ ଦୁଇ ବର୍ଷ ପରେ ପ୍ରଥମ ଥର ପାଇଁ ନୂଆଦିଲ୍ଲୀଠାରେ ଏକ କାର୍ଯ୍ୟକ୍ରମରେ ଗଣମାଧ୍ୟମ ସମ୍ମୁଖକୁ ଆସିବାକୁ ଯାଉଛନ୍ତି। ବୁଧବାର (ଅଗଷ୍ଟ ୫) ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ 'ଫରେନ୍ କରେସପଣ୍ଡେଣ୍ଟସ୍ କ୍ଲବ୍ ଅଫ୍ ସାଉଥ୍ ଏସିଆ'ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଅଭିଭାଷଣ ରଖିବେ। ୨୦୨୪ ଅଗଷ୍ଟ ୫ରେ ଛାତ୍ର ଆନ୍ଦୋଳନ ଯୋଗୁଁ କ୍ଷମତାଚ୍ୟୁତ ହେବା ପରଠାରୁ ହସିନା ଭାରତରେ ରହିଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ନିଜର ଆଗାମୀ ରାଜନୈତିକ ପନ୍ଥା ଏବଂ ସ୍ୱଦେଶ ଫେରିବା ଯୋଜନା ସମ୍ପର୍କରେ ନିଜର ପକ୍ଷ ରଖିବେ। ଅପରପକ୍ଷରେ, ବାଂଲାଦେଶର ଆଇନ ମନ୍ତ୍ରୀ ଏମ୍. ଅସଦୁଜ୍ଜାମାନ ସ୍ପଷ୍ଟ କରିଛନ୍ତି ଯେ ହସିନା ବାଂଲାଦେଶରେ ପହଞ୍ଚିବା ମାତ୍ରେ ତାଙ୍କୁ ତୁରନ୍ତ ଗିରଫ କରାଯିବ। ହସିନାଙ୍କ ବିରୋଧରେ ବାଂଲାଦେଶ ଅଦାଲତ ଦଣ୍ଡାଦେଶ ଶୁଣାଇସାରିଥିବା ବେଳେ, ସେ ନିଜେ ସ୍ୱେଚ୍ଛାକୃତ ଭାବେ ନିଜ ଦେଶକୁ ଫେରି ଅଦାଲତର ସମ୍ମୁଖୀନ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୨୦୨୪ ଆନ୍ଦୋଳନ ପରଠାରୁ ଭାରତ-ବାଂଲାଦେଶ ସମ୍ପର୍କରେ ଅନେକ ଉତ୍ଥାନ-ପତନ ଦେଖିବାକୁ ମିଳିଛି। ଦୀର୍ଘ ଦିନର ନୀରବତା ପରେ ଶେଖ୍ ହସିନାଙ୍କ ଏହି ପ୍ରଥମ ସାର୍ବଜନୀନ ବକ୍ତବ୍ୟ ଆଗାମୀ ଦିନରେ ବାଂଲାଦେଶ ରାଜନୀତିରେ ଏକ ନୂଆ ବିବାଦ ଓ ଚର୍ଚ୍ଚାର କାରଣ ହୋଇପାରେ।

## ବାଂଲାଦେଶ ହିନ୍ଦୁ ସନ୍ଥ ଚିନ୍ମୟ ଦାସଙ୍କୁ ମିଳିଲା ଜାମିନ

ଢ଼ାକା, ୩।୮ (ଏଜେନ୍ସି): ଗିରଫ ହୋଇ ଜେଲ୍‌ରେ ଥିବା ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କୁ ବାଂଲାଦେଶ ହାଇକୋର୍ଟ ୨ଟି ମାମଲାରେ ଜାମିନ୍ ମଞ୍ଜୁର କରିଛନ୍ତି। ତେବେ ଅନ୍ୟ ମାମଲା ବିଚାରାଧୀନ ଥିବାରୁ ସେ ଏବେ ଜେଲ୍‌ରୁ ମୁକୁଳି ପାରିବେ ନାହିଁ। ହତ୍ୟା ଉଦ୍ୟମ, ଭଙ୍ଗାରୁଜା ଏବଂ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଆଗତ ୨ଟି ମାମଲାରେ ହାଇକୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି। ନଭେମ୍ବର ୨୦୨୪ରୁ ଗିରଫ ହୋଇଥିବା ଚିନ୍ମୟ ଦାସଙ୍କ ବିରୋଧରେ ରାଷ୍ଟ୍ରଦ୍ରୋହ ଓ ହତ୍ୟା ଭଳି ଅନ୍ୟ ୪ଟି ଗୁରୁତର ମାମଲା ବିଚାରାଧୀନ ରହିଛି। ସେ 'ସମ୍ମିଳିତ ସନାତନ ଜାଗରଣ ଜୋଟ୍'ର ମୁଖପାତ୍ର ଭାବେ ବାଂଲାଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପାଇଁ ଆନ୍ଦୋଳନ କରିଥିଲେ। ଚିନ୍ମୟଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଦୀର୍ଘ ଦିନର କାରାବାସକୁ ନେଇ ଓକିଲମାନେ ଜାମିନ୍ ଆବେଦନ କରିଥିଲେ। ଏହି ୨ଟି ମାମଲାରେ ଜାମିନ୍ ମିଳିବା ତାଙ୍କ ପାଇଁ ଏକ ବଡ଼ ଆଇନଗତ ସଫଳତା ହୋଇଥିଲେ ସୁଦ୍ଧା ଅନ୍ୟ ମାମଲାର ଶୁଣାଣି ପର୍ଯ୍ୟନ୍ତ ତାଙ୍କୁ ଜେଲ୍‌ରେ ରହିବାକୁ ପଡ଼ିବ।



## ସୁପ୍ରିମ୍‌କୋର୍ଟ ବିଚାରପତି ସଂଖ୍ୟା ବୃଦ୍ଧି ବିଲ୍ ଗୃହୀତ

**■ ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଲୋକସଭାରେ ପାରିତ**

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ବିରୋଧୀ ସାଂସଦମାନଙ୍କ ପ୍ରବଳ ହଙ୍ଗାମା, ହଟ୍ଟଗୋଳ ଓ ସ୍ଲୋଗାନବାଜି ମଧ୍ୟରେ ବିନା ଆଲୋଚନାରେ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ସମ୍ପର୍କିତ ନୂତନ ସଂଶୋଧନ ବିଲ୍ ଲୋକସଭାରେ ପାରିତ ହୋଇଛି। ଏହି ବିଲ୍ ବଳରେ ମୁଖ୍ୟ ବିଚାରପତିଙ୍କ ସମେତ ମୋଟ ବିଚାରପତି ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି ପାଇବ। ନିଟ୍ ପ୍ରଶ୍ନପତ୍ର ପ୍ରକାଶ ଓ ରାମମନ୍ଦିର ଦାନ ହେରଫେର ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ଗୃହରେ ପ୍ରବଳ ହଙ୍ଗାମା କରିଥିଲେ। ଆଇନ ମନ୍ତ୍ରୀ ଅର୍ଜୁନ ରାମ୍ ମେଘୱାଲ ପ୍ରାରମ୍ଭିକ ସୂଚନା ଦେବା ପରେ ଗୃହର ଅଧ୍ୟକ୍ଷ ସାଂସଦମାନଙ୍କୁ ଚର୍ଚ୍ଚାରେ ଭାଗ ନେବାକୁ ଅନୁରୋଧ କରିଥିଲେ। ତେବେ ହଙ୍ଗାମା ଜାରି ରହିବାରୁ ସଂଶୋଧିତ ବିଲ୍‌କୁ ବାଚନିକ ଭୋଟ୍ ମାଧ୍ୟମରେ ପାରିତ କରାଯାଇଥିଲା। ଗତ ସପ୍ତାହରେ ମଧ୍ୟ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଲ୍ ବିନା ଆଲୋଚନାରେ ପାରିତ ହୋଇଥିଲା। ସୁପ୍ରିମ୍‌କୋର୍ଟ ସଂଶୋଧନ ବିଲ୍-୨୦୨୬ ଗୃହୀତ ହେବା ପରେ ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିନଥିଲା ଏବଂ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଏହି ବିଲ୍ ଦ୍ୱାରା ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକର ଶୀଘ୍ର ସମାଧାନ ହୋଇପାରିବ।

## ମୁଁ ଏବେ ସଂଘୀ ହିନ୍ଦୁ ହେବି: କଙ୍ଗନା



ନୂଆଦିଲ୍ଲୀ/ମୁମ୍ବାଇ, ୩।୮ (ଏଜେନ୍ସି): 'ମୁଁ ଜଣେ ସଂଘୀ ହେବାକୁ ଚାହୁଁଛି। ମୁଁ ବିଜେପି ଏବଂ ଆରଏସଏସ ଆଦର୍ଶ ଅନୁଯାୟୀ ଜଣେ ଜାଗ୍ରତ ହିନ୍ଦୁ ହେବାକୁ ଚାହୁଁଛି'। ବଲିଉଡ୍ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାନାୱତଙ୍କ ଏଭଳି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରି କଙ୍ଗନା କହିଛନ୍ତି ଯେ, ସେ ବିଜେପି ଏବଂ ଆରଏସ୍ଏସ୍‌ର ଆଦର୍ଶକୁ ସମ୍ପୂର୍ଣ୍ଣ ଭାବେ ଆପଣାଇବାକୁ ଚାହୁଁଛନ୍ତି। ଜଣେ 'ଜାଗ୍ରତ ହିନ୍ଦୁ' ହେବାକୁ ଚାହାନ୍ତି। ଏହାସହିତ ସେ ସ୍ୱୀକାର କରିଛନ୍ତି ଯେ ଅତୀତରେ ସେ ପାର୍ଟି କରୁଥିଲେ ଏବଂ ସେହିଭଳି ଅନେକ କାର୍ଯ୍ୟ କରୁଥିଲେ। ତେବେ ସେ ନିଜର ଅତୀତ ଲୁଚାଇବାକୁ ଚାହାନ୍ତି ନାହିଁ। ପ୍ରତ୍ୟେକ ବ୍ୟକ୍ତିଙ୍କର ସମୟ ଅନୁସାରେ ପରିବର୍ତ୍ତିତ ହେବାର ଅଧିକାର ଅଛି। ସେ ପ୍ରଶ୍ନ କରିଛନ୍ତି ଯେ ଯଦି ଦେଶର ସମ୍ବିଧାନ ଲୋକଙ୍କୁ ସେକୁଲାର୍ କିମ୍ବା ବାମପନ୍ଥୀ ହେବାର ସ୍ୱାଧୀନତା ଦେଉଛି, ତେବେ ହିନ୍ଦୁ ନାରୀଙ୍କୁ ଜଣେ ଶୃଙ୍ଖଳିତ ଏବଂ ଜାଗ୍ରତ ହିନ୍ଦୁ ହେବାର ସ୍ୱାଧୀନତା କାହିଁକି ମିଳିବ ନାହିଁ? ଏହି ଭିଡିଓରେ କଙ୍ଗନା ଚଳଚ୍ଚିତ୍ର ଜଗତର କିଛି 'ହିନ୍ଦୁ ଭଉଣୀ'ଙ୍କ ଉପରେ ମଧ୍ୟ ବର୍ଷିଛନ୍ତି। ସେ କହିଛନ୍ତି ଯେ ସେମାନଙ୍କର ରାଜନୀତି କିମ୍ବା ଧର୍ମ ଉପରେ କୌଣସି ନିର୍ଦ୍ଦିଷ୍ଟ ଚିନ୍ତାଧାରା ନାହିଁ ଏବଂ ଅନେକ ସମୟରେ ସେମାନେ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥାନ୍ତି।

**ମହିଳା କୁସ୍ତିଯୋଦ୍ଧା ଯୌନ ନିର୍ଯାତନା ମାମଲା**

## ବ୍ରିଜ୍‌ଭୂଷଣଙ୍କୁ କୋର୍ଟରେ କ୍ଲିନ୍‌ଚିଟ୍



ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ମହିଳା କୁସ୍ତିଯୋଦ୍ଧାଙ୍କ ଦ୍ୱାରା ଆଗତ ଯୌନ ନିର୍ଯାତନା ମାମଲାରେ ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ଅଧ୍ୟକ୍ଷ ବ୍ରିଜଭୂଷଣ ଶରଣ ସିଂହଙ୍କୁ ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୋମବାର ପ୍ରକାଶ ପାଇଥିବା ଏହି ରାୟ ପରେ ଭାରତୀୟ କ୍ରୀଡ଼ା ଜଗତର ଅନ୍ୟତମ ବହୁଚର୍ଚ୍ଚିତ ତଥା ଦୀର୍ଘଦିନର ଆଇନଗତ ଲଢେଇରେ ବ୍ରିଜଭୂଷଣଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଭାରତୀୟ କୁସ୍ତି ମହାସଂଘର ମୁଖ୍ୟ ଥିବା ସମୟରେ ବ୍ରିଜଭୂଷଣ ଶରଣ ସିଂହ ଯୌନ ନିର୍ଯାତନା ଦେଇଥିବା ନେଇ ଛଅ ଜଣ ମହିଳା କୁସ୍ତିଯୋଦ୍ଧା ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗକାରୀଙ୍କ ମଧ୍ୟରେ ଅଲିମ୍ପିଆନ୍ ଭିନେଶ ଫୋଗଟ ମଧ୍ୟ ସାମିଲ ଥିଲେ। କୋର୍ଟଙ୍କ ନିୟମାନୁସାରେ ନିଜର ପରିଚୟ ଗୋପନ ରଖିଥିବା ଭିନେଶ, ପରବର୍ତ୍ତୀ ସମୟରେ ନିଜେ ଏହି ମାମଲାର ଅନ୍ୟତମ ଅଭିଯୋଗକାରୀ ବୋଲି ସାର୍ବଜନୀନ କରିଥିଲେ। ତେବେ ବ୍ରିଜଭୂଷଣ ନିଜ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ପ୍ରାରମ୍ଭରୁ ହିଁ ଖଣ୍ଡନ କରିଆସୁଥିଲେ।

୨୦୨୩ ଜାନୁଆରୀରେ ବିନେଶ ଫୋଗଟ, ସାକ୍ଷୀ ମାଲିକ ଓ ବଜରଙ୍ଗ ପୁନିଆଙ୍କ ଭଳି ପ୍ରମୁଖ କୁସ୍ତିଯୋଦ୍ଧାମାନେ ଦିଲ୍ଲୀର ଯନ୍ତର ମନ୍ତରଠାରେ ଧାରଣା ଦେଇ ବ୍ରିଜଭୂଷଣଙ୍କ ଗିରଫଦାରୀ ଓ ଇସ୍ତଫା ଦାବି କରିଥିଲେ। ୨୦୨୩ ଏପ୍ରିଲ-ମେ'ରେ ପୁଲିସ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନହେବାରୁ କୁସ୍ତିଯୋଦ୍ଧାମାନେ ସର୍ବୋଚ୍ଚ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ହସ୍ତକ୍ଷେପ ପରେ ଦିଲ୍ଲୀ ପୁଲିସ ଦୁଇଟି ପ୍ରଥମ ସୂଚନାପତ୍ର ଦାଏର କରିଥିଲା, ଜଣେ ଛଅ ଜଣ ବୟସ୍କା ମହିଳାଙ୍କ ଅଭିଯୋଗ ଆଧାରରେ ଓ ଅନ୍ୟଟି ଜଣେ ନାବାଳିକାଙ୍କ ଅଭିଯୋଗ ଆଧାରରେ। ୨୦୨୩ ମଇ ୨୮ରେ ନୂତନ ସଂସଦ ଭବନ ଆଡ଼କୁ ପଦଯାତ୍ରା କରୁଥିବା ସମୟରେ ପୁଲିସ କୁସ୍ତିଯୋଦ୍ଧାମାନଙ୍କୁ ଅଟକ ରଖିଥିଲା, ଯାହା ବିଶ୍ୱସ୍ତରୀୟ କ୍ରୀଡ଼ା ମହଲରେ ଚର୍ଚ୍ଚାର ବିଷୟ ହୋଇଥିଲା। ୨୦୨୩ ଜୁନ୍ ମାସରେ ପୁଲିସ ଅଭିଯୋଗପତ୍ର ଦାଖଲ କରିଥିଲା। ୨୦୨୪ ମଇ ମାସରେ କୋର୍ଟରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ମାମଲାରେ ମୋଟ ୩୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାପୂର୍ବରୁ, ନାବାଳିକା ଅଭିଯୋଗକାରୀଙ୍କ ମାମଲାରେ ପୁଲିସ ଦ୍ୱାରା ଦାଖଲ କରାଯାଇଥିବା ଚୂଡ଼ାନ୍ତ ରଦ୍ଦ ରିପୋର୍ଟକୁ କୋର୍ଟ ଗ୍ରହଣ କରିସାରିଥିଲେ। ସୋମବାର ଶୁଣାଣି ଶେଷ କରି କୋର୍ଟ ବ୍ରିଜଭୂଷଣ ଶରଣ ସିଂହଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ରାୟ ପ୍ରକାଶ ପାଇବା ପରେ ନିଜର ପ୍ରତିକ୍ରିୟା ରଖି ବ୍ରିଜଭୂଷଣ କରି କହିଛନ୍ତି ଯେ, 'ମୁଁ ପ୍ରଥମ ଦିନରୁ ହିଁ କହିଆସୁଥିଲି ଯେ ଯଦି ମୋ ବିରୋଧରେ ଆସିଥିବା ଗୋଟିଏ ବି ଅଭିଯୋଗ ପ୍ରମାଣିତ ହୁଏ, ତେବେ ମୁଁ ଫାଶୀରେ ଝୁଲିପଡ଼ିବି। ଆଜି କୋର୍ଟ ମୋତେ ନିର୍ଦ୍ଦୋଷରେ ଖଲାସ କରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଏହା ମୋର ଓ ମୋ ସମର୍ଥକଙ୍କ ପାଇଁ ଏକ ବଡ଼ ଖୁସିର ଖବର।' କୋର୍ଟଙ୍କ ଏହି ନିଷ୍ପତ୍ତି ସହ ବିଗତ ତିନି ବର୍ଷ ଧରି ଭାରତୀୟ କୁସ୍ତି ଜଗତକୁ ଅନ୍ଦୋଳିତ କରିରଖିଥିବା ଏକ ପ୍ରମୁଖ ଆଇନଗତ ବିବାଦର ଆପାତତଃ ଅନ୍ତ ଘଟିଛି।

## ଆସାମରେ ୧୫ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ପରେ ବୀଭତ୍ସ ହତ୍ୟା



**ଜାତୀୟ ରାଜପଥ ଅବରୋଧ ପରେ ତୀବ୍ର ଉତ୍ତେଜନା**

ଗୌହାଟୀ, ୩।୮ (ଏଜେନ୍ସି): ଆସାମର ହାଇଲାକାନ୍ଦି ଜିଲ୍ଲାରେ ଏକ ଅତ୍ୟନ୍ତ ମର୍ମନ୍ତୁଦ ଓ ସଂଘାତିକ ଘଟଣା ସାମ୍ନାକୁ ଆସିଛି। ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଘରେ ଏକାକୀ ପାଇ ଯୌନ ନିର୍ଯାତନା ଦିଆଯିବା ପରେ ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। କାଟଲିଚେରା ପୁଲିସ ଥାଣା ଅନ୍ତର୍ଗତ ଆଲୋଇଚଡ଼ା ଅଞ୍ଚଳରେ ଶନିବାର ରାତିରେ ଏହି ଅପରାଧ ଘଟିଛି। ପରିବାର ଲୋକେ ଜଣେ ସମ୍ପର୍କୀୟଙ୍କ ଘରକୁ ପ୍ରସାଦ ସେବନ ପାଇଁ ଯାଇଥିବା ବେଳେ ଝିଅଟି କୌଣସି କାରଣରୁ ଘରକୁ ଫେରିଆସିଥିଲା। ପରିବାର ଲୋକେ ଘରକୁ ଫେରିବା ପରେ ଝିଅର ରକ୍ତାକ୍ତ ମୃତଦେହ ତଳେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ତାଙ୍କ ମୁହଁ ଓ ମୁଣ୍ଡକୁ କୌଣସି ଭାରୀ ଜିନିଷରେ ଛେଚି ଦିଆଯାଇଥିବା ବେଳେ ଅତ୍ୟନ୍ତ ଅମାନୁଷିକ ଭାବେ ଗୁପ୍ତାଙ୍ଗରେ ଲୁହା ରଡ୍ ପୂରାଇ ଦିଆଯାଇଥିବା ପୁଲିସ ପ୍ରାଥମିକ ସୂଚନାରୁ ପ୍ରକାଶ କରିଛି। ଏହି ନୃଶଂସ କାଣ୍ଡ ବିରୋଧରେ ସ୍ଥାନୀୟ ଲୋକେ ୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଦୋଷୀଙ୍କୁ ତୁରନ୍ତ ଗିରଫ ଓ କଠୋର ଦଣ୍ଡ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ମାମଲା ରୁଜୁ କରାଯାଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ବରିଷ୍ଠ ପୁଲିସ ସୁପରିଟେଣ୍ଡେଣ୍ଟ ଅମିତାଭ ସିଂଙ୍କ ସୂଚନା ଅନୁଯାୟୀ, ସନ୍ଦେହରେ କେତେକ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଶବବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ଯୌନ ନିର୍ଯାତନାର ସ୍ପଷ୍ଟ ପୁଷ୍ଟି ହେବ ବୋଲି ପୁଲିସ ପ୍ରକାଶ କରିଛି।

# ବିକଶିତ ଭାରତ ଲକ୍ଷ୍ୟରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଷ୍ଟ୍ରପତି

କଟକ,୩।୮ (ସମିସ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସୋମବାର କଟକରେ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଔପଚାରିକ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସମାରୋହରେ ଉଦବୋଧନ ଦେଇ ସେ କହିଛନ୍ତି ଯେ, ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଓ ସେବାର ସମୃଦ୍ଧ ପରମ୍ପରାର ଭୂମି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମ ଭାବେ ଏହି ମାଟି ଶତାବ୍ଦୀ ଧରି ସମାବେଶୀ ଚିନ୍ତାଧାରା, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରଚାର କରିଆସିଛି। ରାଷ୍ଟ୍ରପତି କହିଥିଲେ, କଟକ ହେଉଛି 'ଉତ୍କଳ ଗୌରବ' ମଧୁସୂଦନ ଦାସ, 'କର୍ମବୀର' ଗୌରୀଶଙ୍କର ରାୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବିଜୁ ପଟ୍ଟନାୟକଙ୍କ ଜନ୍ମଭୂମି। ସେହିପରି 'ଉତ୍କଳମଣି' ପଣ୍ଡିତ ଗୋପବନ୍ଧୁ ଦାସ ଏବଂ 'ଉତ୍କଳ କେଶରୀ' ଡ. ହରେକୃଷ୍ଣ ମହତାବଙ୍କ କର୍ମଭୂମି ଭାବେ ମଧ୍ୟ କଟକର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏପରି ଗୌରବମୟ ଅଞ୍ଚଳରେ ପ୍ରତିଷ୍ଠିତ ଏହି ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆଧୁନିକ ଶିକ୍ଷା ସହ ଯୋଡ଼ି ସମାଜ ଓ ରାଷ୍ଟ୍ର ସେବାର ଏକ ପ୍ରଭାବଶାଳୀ କେନ୍ଦ୍ରରେ ପରିଣତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେ କହିଥିଲେ, ଭାରତର ବିଶାଳ ଯୁବଶକ୍ତି ଦେଶର ସବୁଠାରୁ ବଡ଼ ସମ୍ପଦ। ଏହି ସମ୍ପଦର ସଠିକ୍ ବିକାଶ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ପରିବେଶ ସୃଷ୍ଟି କରିବାକୁ ହେବ, ଯେଉଁଠାରେ ଯୁବପିଢ଼ି ନିଜର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବେ ବିକଶିତ କରି ସ୍ୱପ୍ନକୁ ସାକାର କରିପାରିବେ। କେବଳ ବୈଷୟିକ ଜ୍ଞାନ ନୁହେଁ, ବରଂ ସଚ୍ଚୋଟତା, ଶୃଙ୍ଖଳା, ସମ୍ବେଦନଶୀଳତା ଓ ଜାତୀୟ ସ୍ୱାର୍ଥବୋଧ ଭଳି ମୂଲ୍ୟବୋଧର ବିକାଶ ମଧ୍ୟ ଶିକ୍ଷା ପ୍ରତିଷ୍ଠାନର ପ୍ରମୁଖ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ।

ରାଷ୍ଟ୍ରପତି କହିଥିଲେ, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ଦେଶ ଅଗ୍ରସର ହେଉଛି। ଏହି ଲକ୍ଷ୍ୟ ହାସଲରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜ୍ଞାନ, ଗବେଷଣା, ନୂତନ ଉଦ୍ଭାବନ ଓ ପ୍ରଯୁକ୍ତି ବିକାଶର କେନ୍ଦ୍ର ଭାବେ ଗଢ଼ି



ତୋଳିବା ସହ ନୈତିକ ମୂଲ୍ୟବୋଧକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗବେଷଣା, ନବସୃଜନ, ଉଦ୍ୟୋଗ ବିକାଶ ଓ ଦକ୍ଷ ମାନବସମ୍ପଦ ସୃଷ୍ଟି ସହ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ବିକାଶ ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବ ବୋଲି ଆଶା ପ୍ରକାଶ କରି ରାଷ୍ଟ୍ରପତି କହିଥିଲେ ଯେ, ଏହି ଅନୁଷ୍ଠାନ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଦକ୍ଷ ଗବେଷକ, ଉଦ୍ୟୋଗୀ ଓ ନେତୃତ୍ୱସମ୍ପନ୍ନ ଯୁବପିଢ଼ି ସୃଷ୍ଟିରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଜଗଦ୍‌ଗୁରୁ ଶ୍ରୀ କୃପାଳୁଜୀ ମହାରାଜ ଥିଲେ ଆଧୁନିକ ଯୁଗର ଜଣେ ଯୁଗପ୍ରବର୍ତ୍ତକ ସନ୍ଥ, ଯିଏ ଭାରତର ବୈଦିକ ଜ୍ଞାନ, ଆଧ୍ୟାତ୍ମିକ ଚେତନା ଏବଂ ପ୍ରେମ-ଭକ୍ତିର ବାର୍ତ୍ତାକୁ ବିଶ୍ୱବ୍ୟାପୀ ପ୍ରସାର କରିଥିଲେ। ତାଙ୍କର ଅଗାଧ ଶାସ୍ତ୍ରଜ୍ଞାନ, ମାନବକଲ୍ୟାଣକାରୀ ଦର୍ଶନ ଏବଂ ନିଷ୍କାମ ସେବା ଭାବନା ପ୍ରତ୍ୟେକ ନାଗରିକଙ୍କୁ ଆଧ୍ୟାତ୍ମିକତା ସହ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ଦେଇଥାଏ। ଆଜିର ଯୁଗ ହେଉଛି କୌଶଳ ଓ ଦକ୍ଷତାର ଯୁଗ। ଓଡ଼ିଶାର ଯୁବ ସାମର୍ଥ୍ୟ ପାଇଁ ଆମ ସରକାର ଅପାର ସୁଯୋଗ ସୃଷ୍ଟି କରିବାକୁ ନିରନ୍ତର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ରାଜ୍ୟ ସରକାର ମଧ୍ୟ ଯୁବପିଢ଼ିଙ୍କ ପାଇଁ ଆଧୁନିକ ଓ ଗୁଣାତ୍ମକ ଶିକ୍ଷା ଭିତ୍ତିଭୂମି ଯୋଗାଇଦେବାକୁ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଦିଲ୍ଲୀରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ

ନୂଆଦିଲ୍ଲୀ,୩।୮ (ସମିସ): ଦିଲ୍ଲୀର ଲଜ୍‌ପତ ଭବନ ପରିସରରେ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଅନାବରଣ କରିଛନ୍ତି। ଏହି ଅବସରରେ ସେ ଲୋକସେବକ ମଣ୍ଡଳର ସଂସ୍ଥାପକ ପଞ୍ଜାବ କେଶରୀ ଲାଲା ଲଜ୍‌ପତ ରାୟଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ଲୋକସେବକ ମଣ୍ଡଳର ସଭାପତି ରାଜକୁମାର, ଉପସଭାପତି ଦୀପକ ମାଲବ୍ୟ, ସମ୍ପାଦକ ରମାନାଥ ଝା, କୋଷାଧ୍ୟକ୍ଷ ତଥା ସମାଜର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏହି ଅବସରକୁ ଏକ ଐତିହାସିକ ଓ ଗୌରବମୟ କ୍ଷଣ ବୋଲି ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଏହା ଓଡ଼ିଶାର ଗୌରବମୟ ଐତିହ୍ୟ, ରାଷ୍ଟ୍ରସେବା ଓ ଜନକଲ୍ୟାଣର ମୂଲ୍ୟବୋଧ ପ୍ରତି ଏକ ଶ୍ରଦ୍ଧାଞ୍ଜଳି।

ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଲାଲା ଲଜ୍‌ପତ ରାୟଙ୍କ ଭଳି ଦୁଇ ମହାନ ବ୍ୟକ୍ତିତ୍ୱ ଜନସେବା, ତ୍ୟାଗ, ଶିକ୍ଷା ଓ ରାଷ୍ଟ୍ରନିଷ୍ଠାର ଉଚ୍ଚ ଆଦର୍ଶ ସ୍ଥାପନ କରିଛନ୍ତି। ସେମାନଙ୍କ ଚିନ୍ତାଧାରା ଓ ମୂଲ୍ୟବୋଧ ବିକଶିତ ଭାରତ ଗଠନ ଦିଗରେ ଦେଶବାସୀଙ୍କୁ ନିରନ୍ତର ପ୍ରେରଣା ଓ ସାମର୍ଥ୍ୟ ଯୋଗାଇ ଆସୁଛି।

କାର୍ଯ୍ୟକ୍ରମରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ବୈଜୟନ୍ତ ପଣ୍ଡା, ସପ୍ତଗିରି ଉଲାକା, ଅପରାଜିତା ଷଡ଼ଙ୍ଗୀ, ରବିନାରାୟଣ ବେହେରା, ଦେବାଶିଷ ସାମନ୍ତରାୟ, ସୁଜିତ କୁମାର, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ ଓ ସନ୍ତୃପ୍ତ ମିଶ୍ରଙ୍କ ସମେତ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଅନୀତା ଗୋୟଲ, ନୈନା ଭେକାରିଆ, ଭୀମସେନ ଯାଦବ, ଡ. ପ୍ରଭାସଚନ୍ଦ୍ର ଆଚାର୍ଯ୍ୟ, ହରବଂଶ ଲାଲ ଓଙ୍କଲ, ଅଶୋକ ଜୈନ, ଜ୍ୟୋତିପ୍ରକାଶ ବର୍ମା, ଆଜୀବନ କର୍ମୀ ଅଭିଷେକ ରାଜ୍ ଓ ବାବା ଯୋରେ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରିବାର ସଦସ୍ୟ ଧୀରେନ୍ଦ୍ରନାଥ ଦାସ, ଦେବେନ୍ଦ୍ରନାଥ ଦାସ, ସ୍ମିତା ଦାସ ଓ ଆଦିତ୍ୟ ଦାସ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଲୋକସେବକ ମଣ୍ଡଳର ସଭାପତି ରାଜକୁମାର କହିଥିଲେ ଯେ, ଦିଲ୍ଲୀରେ



ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦେଶବାସୀଙ୍କୁ ଜନସେବା ଓ ରାଷ୍ଟ୍ରପ୍ରେମର ପ୍ରେରଣା ଦେବ। ଭାରତର ମହାନ ଜନସେବକ, ଦରିଦ୍ରଙ୍କ ବନ୍ଧୁ ଓ ରାଷ୍ଟ୍ରଭକ୍ତ ଭାବେ ଉତ୍କଳମଣି ଗୋପବନ୍ଧୁ ଦାସ ସାରା ଦେଶରେ ପରିଚିତ। ରାଷ୍ଟ୍ରୀୟ ରାଜଧାନୀରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦ୍ୱାରା ଓଡ଼ିଶା ବାହାରର ଲୋକମାନେ ମଧ୍ୟ ତାଙ୍କ ଜୀବନ, ଆଦର୍ଶ ଓ ଅବଦାନ ସମ୍ପର୍କରେ ଅଧିକ ଜାଣିବାର ସୁଯୋଗ ପାଇବେ। ସମାଜର ଦିଲ୍ଲୀ ବ୍ୟୁରୋ ମୁଖ୍ୟ ଶକ୍ତି ପ୍ରସାଦ ନାୟକ ଓ ଲୋକସେବକ ମଣ୍ଡଳର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ ପିତ୍ତଳ ଓ ତମ୍ବା ଧାତୁରେ ଉତ୍କଳମଣିଙ୍କ ୫୨୦ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି।

**କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି**

# ୟୁନେସ୍କୋ ଐତିହ୍ୟ ସୂଚୀରେ ସାମିଲ ହେଉ ପୁରୀ ରଥଯାତ୍ରା

ଭୁବନେଶ୍ୱର,୩।୮ (ସମିସ): ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ଇନଟାଞ୍ଜିବୁଲ କଲଚୁରାଲ ହେରିଟେଜ ଅଫ୍ ହ୍ୟୁମାନିଟି ଅର୍ଥାତ୍ ୟୁନେସ୍କୋ 'ସାଂସ୍କୃତିକ ଐତିହ୍ୟ' ତାଲିକାରେ ସାମିଲ କରିବା ପାଇଁ ବହୁଦିନରୁ ସାଧାରଣରେ ଦାବି ହୋଇଆସୁଛି। ଏହିକ୍ରମରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରଥଯାତ୍ରାକୁ ଉପରୋକ୍ତ ତାଲିକାରେ ସାମିଲ କରିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦାଖଲ କରାଯାଇଥିବା ପ୍ରସ୍ତାବ ଉପରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

**ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ଦାଖଲ କରାଯାଇଛି ପ୍ରସ୍ତାବ**

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ; ବରଂ ଏହା ଭାରତର ସମୃଦ୍ଧ ସାଂସ୍କୃତିକ ବିବିଧତା, ସମାବେଶୀ ପରମ୍ପରା, ଆଧ୍ୟାତ୍ମିକତା, କାରୁକାର୍ଯ୍ୟ, ସଙ୍ଗୀତ, ନୃତ୍ୟ ଏବଂ ସାମୁଦାୟିକ ଅଂଶଗ୍ରହଣର ଏକ ଚିରନ୍ତନ ସଭ୍ୟତାଗତ ପ୍ରତୀକ। ଶତାବ୍ଦୀ ଧରି ପାଳିତ ହୋଇଆସୁଥିବା ଏହି ମହାପର୍ବ ବିଶ୍ୱର ବିଭିନ୍ନ ସ୍ଥାନରୁ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ଏବଂ ଭାରତର ଜୀବନ୍ତ ଐତିହ୍ୟର ଏକ ଅନନ୍ୟ ପ୍ରତୀକ ଭାବେ ପରିଚିତ। ୟୁନେସ୍କୋ ତାଲିକାରେ ଏହାର ସ୍ଥାନ ପାଇବା ଦ୍ୱାରା ଭାରତର ଅମୂର୍ତ୍ତ ସାଂସ୍କୃତିକ ପରମ୍ପରା ବିଶ୍ୱସ୍ତରରେ ଅଧିକ ସ୍ୱୀକୃତି ପାଇବା ସହ ଏହାର ସଂରକ୍ଷଣ ଓ ଭବିଷ୍ୟତ ପିଢ଼ି ପାଇଁ ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ସହାୟକ ହେବ। ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ଫର୍ମାଟରେ ସମସ୍ତ ଆବଶ୍ୟକ ସହାୟକ ଦସ୍ତାବିଜ ପୂର୍ବରୁ ଦାଖଲ କରାଯାଇଛି। ଏହି ମହାପର୍ବର ଅସାଧାରଣ ସାଂସ୍କୃତିକ ଗୁରୁତ୍ୱ ଏବଂ ସାର୍ବଜନୀନ ସମନ୍ୱୟ ଓ ମାନବୀୟ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି, ପ୍ରସ୍ତାବଟିର ଶୀଘ୍ର ପରୀକ୍ଷା କରାଯିବା ଏବଂ ୟୁନେସ୍କୋ ନିକଟରେ ନାମାଙ୍କନ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଆପଣଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଓ ସମର୍ଥନ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଭାରତର ଅନେକ ପର୍ବ ଏହି ତାଲିକାରେ ସ୍ଥାନ ପାଇସାରିଛି। ଗତବର୍ଷ ଆଲୋକର ପର୍ବ ଦୀପାବଳିକୁ ଏହି ତାଲିକାରେ ଯୋଡା ଯାଇଥିଲା। ସେହିଭଳି ୨୦୨୩ରେ ଗୁଜରାଟର ଗର୍ବା ନୃତ୍ୟ, ୨୦୨୧ରେ କୋଲକାତାର ଦୁର୍ଗାପୂଜା, ୨୦୧୭ରେ କୁମ୍ଭ ମେଳା, ୨୦୧୬ରେ ଯୋଗ ଏବଂ ୨୦୧୦ରେ ପୂର୍ବ ଭାରତ ଛଉ ନୃତ୍ୟକୁ ୟୁନେସ୍କୋ ମାନ୍ୟତା ମିଳିଥିଲା। ସେହିଭଳି ରାମଲୀଳା, ମଣିପୁର ସଂକୀର୍ତ୍ତନ ମଧ୍ୟ ୟୁନେସ୍କୋର ମଧ୍ୟ ଉପରୋକ୍ତ ତାଲିକାରେ ସ୍ଥାନ ପାଇଛି।

**■ ୟୁନେସ୍କୋ ହେରିଟେଜ୍ ତାଲିକାରେ ରଥଯାତ୍ରାକୁ ସାମିଲ ପ୍ରସଙ୍ଗ**

# ଅପବାଦରୁ ବଞ୍ଚିବା ଲାଗି ଲୋକଦେଖାଣିଆ ପଦକ୍ଷେପ: ବିଜେଡି

ଭୁବନେଶ୍ୱର,୩।୮ (ସମିସ): ପ୍ରଭୁ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ୟୁନେସ୍କୋ ହେରିଟେଜ ତାଲିକାରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଠି ଲେଖିଥିବା ବେଳେ ବିଜେଡି ଏହାକୁ ନେଇ କଟାକ୍ଷ କରିଛି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ଆୟୋଜିତ ହୋଇଥିବା ସମସ୍ତ ତିନୋଟି ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିବାରେ ସରକାର ସକ୍ଷମ ହୋଇନାହାନ୍ତି। ଏପରି ସମୟରେ ୟୁନେସ୍କୋ ହେରିଟେଜ ତାଲିକାରେ ସାମିଲ ପାଇଁ ମୁଖ୍ୟମନ୍ତ୍ରୀ ଚିଠି ଲେଖିବା କେବଳ ଏକ ଲୋକ ଦେଖାଣିଆ ପଦକ୍ଷେପ ଓ ରଥଯାତ୍ରାରେ ଘଟିଥିବା ଅଘଟଣଜନିତ ଅପବାଦରୁ ବଞ୍ଚିବା ପାଇଁ ଏକ ବାହାନା ବୋଲି କହିଛି ବିଜେଡି।

**୩ ବର୍ଷ ହେଲା ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନରେ ସରକାର ବିଫଳ**

ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ପବିତ୍ର ରଥଯାତ୍ରାକୁ ତ୍ରୁଟିଶୂନ୍ୟ ଭାବେ ଆୟୋଜନ କରିବାରେ ରାଜ୍ୟ ସରକାର ସଫଳ ହୋଇପାରିନାହାନ୍ତି। ୩ ବର୍ଷ ହେଲା ରଥଯାତ୍ରାରେ ବିଭ୍ରାଟ ଦେଖିବାକୁ ମିଳୁଛି। କେତେବେଳେ ଭକ୍ତମାନେ ଦଳାଚକଟାରେ ପ୍ରାଣ ହରାଉଛନ୍ତି ପୁଣି କେତେବେଳେ ନୀତି ନିୟମରେ ବିଭ୍ରାଟ ଦେଖିବାକୁ ମିଳୁଛି। ବଡ଼ଠାକୁର ପହଣ୍ଡି ବେଳେ ଖସି ପଡୁଛନ୍ତି, ବିନା ଟାହିଆରେ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି କରାଯାଉଛି, ଠାକୁରଙ୍କ ମୋଦକ ଚୋରି ହୋଇ ଯାଉଛି, ଠିକ୍ ସମୟରେ ରଥ ଟଣା ଯାଇ ପାରୁନାହିଁ। ପ୍ରତିବର୍ଷ ରଥଯାତ୍ରାବେଳେ ଶ୍ରଦ୍ଧାଳୁଙ୍କ ମୁଣ୍ଡ ଗଡୁଛି। ବିଭିନ୍ନ ସମୟରେ ଘଟୁଥିବା ଘଟଣାର ତଦନ୍ତ କେବଳ ନିର୍ଦ୍ଦେଶ ଭିତରେ ଅଟକି ଯାଇଛି। ଗୋଟିଏ ବି ତଦନ୍ତର ରିପୋର୍ଟ ସାର୍ବଜନୀନ ହୋଇ ପାରୁନାହିଁ। ବିଫଳ ପରିଚାଳନାର ଅପବାଦ ସରକାରଙ୍କ ମଥାରେ ଲାଗିଛି। ଏହିଥିରୁ ମୁକୁଳିବା ପାଇଁ ୟୁନେସ୍କୋ ହେରିଟେଜ ତାଲିକାରେ ରଥଯାତ୍ରାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଚିଠି ଲେଖା କେବଳ ଏକ ଲୋକ ଦେଖାଣିଆ ପଦକ୍ଷେପ। ୟୁନେସ୍କୋର ହେରିଟେଜ ତାଲିକାରେ ରଥଯାତ୍ରାକୁ ସାମିଲ କରିବା ପୂର୍ବରୁ ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ଆୟୋଜନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ବରିଷ୍ଠ ଓଏଏସ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟ ସରକାର ସୋମବାର ବରିଷ୍ଠ ଓଏଏସ ସ୍ତରରେ ଏକ ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଦେବଦତ୍ତ ଜେନାଙ୍କୁ ଶକ୍ତି ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ମିଳିଛି। ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ରଶ୍ମି ରଞ୍ଜନ ନାୟକଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ତାଙ୍କୁ ବେସାମରିକ ବିମାନ ଚଳାଚଳର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଶକ୍ତି ବିଭାଗର ଅତିରିକ୍ତ ସଚିବ ରମେଶ ଚନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ସୂଚନା କମିଶନରେ ସଚିବ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ବରିଷ୍ଠ ଓଏଏସ ନିରୂପମା ସ୍ୱାଇଁଙ୍କୁ କଟକସ୍ଥିତ ରାଜସ୍ୱ ପର୍ଷଦର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯଇଛି। ଓଏଏସ ସବିତା ମଲ୍ଲିକଙ୍କୁ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଥିବା ବେଳେ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଅନାମିକା ଅଧିକାରୀଙ୍କୁ କୃଷି ବିଭାଗର ଯୁଗ୍ମ ସଚିବ ଭାବେ ଦାୟିତ୍ୱ ମିଳିଛି। ସେହିପରି ରାଜସ୍ୱ ବିଭାଗର ଉପଶାସନ ସଚିବ ଦେବାଶିଷ ପାତ୍ରଙ୍କୁ ଭୁବନେଶ୍ୱରସ୍ଥିତ ପ୍ରଧାନ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତି ମିଳିଥିବା ବେଳେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ରନାଥ କହଁରଙ୍କୁ ରାୟଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ନୂଆ ଦାୟିତ୍ୱ ମିଳିଛି।

# କାର୍ ଭିତରୁ ବୈଶିଙ୍ଗା ଥାନା କନଷ୍ଟେବଲଙ୍କ ମୃତଦେହ ଜବତ

ବେତନଟୀ, ୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନାରେ କାର୍ଯ୍ୟରତ ଜଣେ ପୁଲିସ କନଷ୍ଟେବଲଙ୍କ ମୃତଦେହ ଆଜି ୧୮ ନଂ ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇଥିବା ଏକ ଲାଲ ରଙ୍ଗର ମାରୁତି ସୁଇଫଟ୍ କାର୍ ଭିତରୁ ଜବତ କରାଯାଇଛି। ମୃତ କର୍ମଚାରୀ ଓଡ଼ିଶା ରିଜର୍ଭ ବାଟାଲିୟନର ବସନ୍ତ କୁମାର ମହାନ୍ତ। ତାଙ୍କ ଘର ଝଡ଼ପୋଖରିଆ ଥାନା ମାନଭଞ୍ଜ ଗ୍ରାମରେ ବୋଲି ଜଣାପଡ଼ିଛି। ସେ ପୂର୍ବତନ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କାଳୀଚରଣ ମହାନ୍ତଙ୍କ ସାନ ଭାଇ। ପ୍ରାରମ୍ଭିକ ତଦନ୍ତରୁ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।



ସୂଚନା ମୁତାବକ, ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟ ନିକଟରେ ଏକ କାର୍ ଦୀର୍ଘ ଘଣ୍ଟା ଧରି ଅଚଳ ଅବସ୍ଥାରେ ଛିଡ଼ା ହୋଇରହିଥିଲା। କାର୍‌ଟି ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ସନ୍ଦେହଜନକ ଭାବେ ଛିଡ଼ା ହୋଇଥିବା ଦେଖି ସ୍ଥାନୀୟ ଲୋକେ ନିକଟକୁ ଯାଇ ଯାଞ୍ଚ କରିଥିଲେ। କାର୍ ଭିତରେ ବସନ୍ତ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ବୈଶିଙ୍ଗା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ କନଷ୍ଟେବଲ ବସନ୍ତ କୁମାରଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପ୍ରାଥମିକ ଯାଞ୍ଚ ପରେ ହୃଦ୍‌ଘାତ ଯୋଗୁଁ ମୃତ୍ୟୁ ଘଟିଥାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଜଣେ ନିଷ୍ଠାପର ପୁଲିସ କର୍ମଚାରୀଙ୍କ ଏଭଳି ଆକସ୍ମିକ ମୃତ୍ୟୁରେ ମାନଭଞ୍ଜ ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳ, ପୁଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି।

**ହୃଦ୍‌ଘାତରୁ ମୃତ୍ୟୁ ଘଟିଥିବା ସନ୍ଦେହ**

# ଓୟୁଏଟି ପିଲାଙ୍କୁ ମିଳିବ ମାସିକ ଷ୍ଟାଇପେଣ୍ଡ

## ପିଜି ପିଲାଙ୍କୁ ୧୦ ଓ ପିଏଚ୍‌ଡି ପିଲାଙ୍କୁ ମାସିକ ୧୫ ହଜାର ସହାୟତା

ଭୁବନେଶ୍ୱର,୩।୮ (ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପିଜି ଓ ପିଏଚ୍‌ଡି ଛାତ୍ରଛାତ୍ରୀ ପାଇବେ ମାସିକ ଷ୍ଟାଇପେଣ୍ଡ। ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନା ଅନୁଯାୟୀ ପିଜି ଛାତ୍ରଛାତ୍ରୀଙ୍କୁ ମାସିକ ୧୦ ହଜାର ଟଙ୍କା ଏବଂ ପିଏଚ୍‌ଡି ପିଲାଙ୍କୁ ମାସିକ ୧୫ ହଜାର ଟଙ୍କା ମିଳିବ। ପିଜି ଛାତ୍ରଛାତ୍ରୀମାନେ ଦୁଇ ବର୍ଷ ଏବଂ ପିଏଚ୍‌ଡି ପିଲାମାନେ ତିନି ବର୍ଷ ଯାଏଁ ଏହି ବୃତ୍ତିରାଶି ପାଇବେ। ଏନେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଯୁବ ଗବେଷକଙ୍କ ଉପରେ ବିନିଯୋଗ କରିବା ଅର୍ଥ ରାଜ୍ୟର ଚାଷୀଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା। ଏହି ସହାୟତା ଦ୍ୱାରା ଛାତ୍ରଛାତ୍ରୀମାନେ ଆର୍ଥିକ ଚିନ୍ତାରୁ ମୁକ୍ତ ହୋଇ ନବସୃଜନ ଓ ଗବେଷଣା କାର୍ଯ୍ୟରେ ଅଧିକ ମନୋନିବେଶ କରିବେ। ଓୟୁଏଟିରେ କୃଷି ଓ ଆନୁଷଙ୍ଗିକ ବିଷୟରେ ଅଧ୍ୟୟନ କରୁଥିବା ନିୟମିତ ପିଜି ଓ ପିଏଚ୍‌ଡି ପିଲାମାନେ ଏହି ସୁବିଧା ପାଇପାରିବେ। ସୂଚନାଯୋଗ୍ୟ, ପୂର୍ବରୁ ବୃତ୍ତିରାଶିର ପରିମାଣ ବଢ଼ାଇବା ପାଇଁ ଓୟୁଏଟି ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରିଥିବାବେଳେ ସେମାନଙ୍କ ଦାବି ପୂରଣ ହୋଇଛି।

# 'ବିକେପିପିଇଆର୍' ପ୍ରସ୍ତାବକୁ ପ୍ରକଳ୍ପ ମନିଟରିଂ କମିଟିର ଅନୁମୋଦନ

ଭୁବନେଶ୍ୱର,୩।୮ (ସମିସ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର୍) ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ (ପିପିଆର୍)କୁ ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟି (ଏସ୍‌ଏଲପିଏମସି) ଅନୁମୋଦନ ଦେଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ (ଇଏପି) ଅଧୀନରେ ଏହି ପ୍ରକଳ୍ପକୁ ଆଗକୁ ନେବା ନେଇ ବିସ୍ତୃତ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ସିଟି ଇକୋନୋମିକ୍ ରିଜିଅନ୍ (ସିଇଆର) ଯୋଜନାର ପ୍ରଥମ ପର୍ଯ୍ୟାୟରେ ଦେଶର ୪ଟି ପାଇଲଟ୍ ଅର୍ଥନୈତିକ ଅଞ୍ଚଳ ମଧ୍ୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍‌କୁ ସାମିଲ କରାଯାଇଛି। ଏହି ଅଞ୍ଚଳ ପାଇଁ ୫,୦୦୦ କୋଟି ଟଙ୍କାର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ପ୍ରସ୍ତାବିତ ହୋଇଛି। ଏଥିରୁ ୭୦ ପ୍ରତିଶତ (୩,୫୦୦ କୋଟି ଟଙ୍କା) ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଋଣ ମାଧ୍ୟମରେ ଏବଂ ୩୦ ପ୍ରତିଶତ (୧,୫୦୦ କୋଟି ଟଙ୍କା) କେନ୍ଦ୍ର ସରକାରଙ୍କ ସିଇଆର ଯୋଜନା ଅଧୀନରେ ଉପଲବ୍ଧ ହେବ।

ଏହି ପ୍ରକଳ୍ପ ଦ୍ୱାରା ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ଏକ ସମନ୍ୱିତ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରି ବିନିଯୋଗ, ଶିଳ୍ପ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, ବନ୍ଦରଭିତ୍ତିକ ଶିଳ୍ପ, ଜ୍ଞାନଭିତ୍ତିକ ଅର୍ଥନୀତି ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟ ରହିଛି। ପ୍ରସ୍ତାବିତ ବିକେପିପିଇଆର୍ ଅଞ୍ଚଳରେ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାର ୧୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସାମିଲ ହୋଇଛି। ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ପରେ ଏହାକୁ ଅର୍ଥ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ୍ ଆଫେୟାର୍ସ (ଡିଇଏ) ପୋର୍ଟାଲରେ ଅପଲୋଡ୍ କରାଯାଇ ପରବର୍ତ୍ତୀ ମୂଲ୍ୟାଙ୍କନ ଓ ଅନୁମୋଦନ ପ୍ରକ୍ରିୟା ଆରମ୍ଭ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଛି।

**ବିଜେପି ସରକାରରେ ଆବାସ ଯୋଜନାରେ ମହାଘୋଟାଲା**

# ପ୍ରକୃତ ହିତାଧିକାରୀ ବଞ୍ଚିତ; ଦଳୀୟ ଭିତ୍ତିରେ ବଣ୍ଟା ଯାଉଛି ଘର: ବିଜେଡି

ଭୁବନେଶ୍ୱର,୩।୮ (ସମିସ): ବିଜେପି ସରକାରରେ ଆବାସ ଯୋଜନାରେ ମହାଘୋଟାଲା ହୋଇଛି। ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବିଜେପି ନେତାମାନଙ୍କ ଦ୍ୱାରା ହିତାଧିକାରୀ ଚୟନ କରାଯାଇ ଘର ବଣ୍ଟନ କରାଯାଇଛି। ସରକାରଙ୍କ ତ୍ରୁଟିକୁ ନିଜେ ମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି। ସରକାରଙ୍କ ଏହି ପାତରଅନ୍ତର ନୀତିକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନି ଛୁରିଆ ଆବାସ ଯୋଜନାରେ ହୋଇଥିବା ମହାଘୋଟାଲାକୁ ନେଇ ବିଜେପି ସରକାର ଉପରେ ବର୍ଷିଥିଲେ। ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଓଡ଼ିଶାରେ ଆବାସ ଯୋଜନା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଛି। ଗରୀବ ଶ୍ରେଣୀର ଲୋକେ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ଦୋଷ ତ୍ରୁଟିକୁ ଲୁଚାଇବା ପାଇଁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲାଗି ପଡିଛନ୍ତି। ମନ୍ତ୍ରୀ ସର୍ବସାଧାରଣରେ ସରକାରୀ ମହିଳା କର୍ମଚାରୀଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଛନ୍ତି, ଯାହାକି ଅତି ଅଶୋଭନୀୟ। ହିତାଧିକାରୀଙ୍କୁ ଘର ବଣ୍ଟନ ନେଇ ଥିବା ଗାଇଡଲାଇନକୁ ଖୁଲମଖୁଲା ଉଲ୍ଲଙ୍ଘନ କରିଛି ବିଜେପି ସରକାର। ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀ ମାନଙ୍କ ଚୟନ ନେଇ ସ୍ଥାନୀୟ ଜିଲ୍ଲାପାଳ ପଞ୍ଚାୟତିରାଜ ବିଭାଗକୁ ଜଣାଇବେ, ଏହାପରେ ମୁଖ୍ୟମନ୍ତ୍ରୀ ତାହାକୁ ଅନୁମୋଦନ କରିବା ନିୟମ ରହିଛି। କିନ୍ତୁ ତାହାକୁ ଉଲ୍ଲଙ୍ଘନ କରି ବିଜେପି ନେତା ମାନଙ୍କ ଦ୍ୱାରା ହିତାଧିକାରୀ ଚୟନ କରି ଗୃହ ପ୍ରଦାନ କରାଯାଇଛି। ବିଜେପି ନେତା



ମାନେ ଚାପ ପ୍ରୟୋଗ କରି ଜିଓ ଟ୍ୟାଗିଂ କରୁଥିବାରୁ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଗତ ୨ ବର୍ଷରେ ୧ ଲକ୍ଷ ୧ ହଜାର ଘର ଆସିଥିବା ବେଳେ ମାତ୍ର ୩୧୫୪ଟି ଘର ସମ୍ପୂର୍ଣ୍ଣ ହୋଇଛି। ସେହିପରି ଅନ୍ତ୍ୟୋଦୟ ଯୋଜନାରେ ୨ ଲକ୍ଷ ୨୫ ହଜାର ଘର ଆବଣ୍ଟନ କରାଯାଇଛି। ସର୍ଭେ କାର୍ଯ୍ୟ ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଥିବା ଗାଇଡଲାଇନକୁ ପାଳନ କରାଯାଇ ନାହିଁ, ଯାହାକି ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି। ମନ୍ତ୍ରୀ ଢେଙ୍କାନାଳ ସଦର ବ୍ଲକର କାଇମାଟି ଗ୍ରାମପଞ୍ଚାୟତର ଗହମଖୁଣ୍ଟି ଗ୍ରାମକୁ ଯାଇଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ମନ୍ତ୍ରୀ ସେଠାରେ ସ୍ୱୀକାର କରିଥିଲେ। ଟଙ୍କା ନେଇ ଆବାସ ଗୃହ ବଣ୍ଟା ଯାଇଥିବା କହି ବିଡିଓ ଓ ପିଇଓଙ୍କୁ ସର୍ବସାଧାରଣରେ ଅଶୋଭନୀୟ ବ୍ୟବହାର କରି ଗାଳିଗୁଲଜ କରିଥିଲେ ମନ୍ତ୍ରୀ। ଏନେଇ ପିଇଓ ସଂଘ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଜଣେ ମହିଳା କର୍ମଚାରୀଙ୍କୁ ଏପରି ବ୍ୟବହାର କରିବା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ବିଜେପି ସରକାର ଦଳୀୟ ଭିତ୍ତିରେ ଘର ବଣ୍ଟନ ନ କରି ପ୍ରକୃତ ହିତାଧିକାରୀଙ୍କୁ ଘର ବଣ୍ଟନ କରନ୍ତୁ ବୋଲି ସେ ଦାବି କରିଥଲେ।

**■ ହିତାଧିକାରୀ ଚୟନ କରୁଛନ୍ତି ବିଜେପି ନେତା, ତ୍ରୁଟିକୁ ନିଜେ ସ୍ୱୀକାର କରିଛନ୍ତି ମନ୍ତ୍ରୀ**
**■ ୨ ବର୍ଷରେ ଆସିଛି ୧ ଲକ୍ଷ ୧ ହଜାର ଘର; ମାତ୍ର ୩୧୫୪ଟି ଘର ସମ୍ପୂର୍ଣ୍ଣ**
**■ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ**

ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ଆବାସ ଯୋଜନାରେ ଗରୀବ ଲୋକ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଡବଲ ଇଞ୍ଜିନ ସରକାରର ଦୋଷ ତ୍ରୁଟିକୁ ଲୁଚାଇବାକୁ ଯାଇ ସର୍ବସାଧାରଣରେ ସରକାରୀ ମହିଳା କର୍ମଚାରୀଙ୍କୁ ମନ୍ତ୍ରୀ ଗାଳିଗୁଲଜ କରୁଛନ୍ତି। ବିଜେପି ସରକାର ମହିଳା ସୁରକ୍ଷା ଓ ମହିଳା ବନ୍ଦନାର ଡିଣ୍ଡିମ ପିଟୁଥିବା ବେଳେ ଏହା କେଉଁ ପ୍ରକାର ମହିଳାଙ୍କୁ ସମ୍ମାନ? ମନ୍ତ୍ରୀ ମହିଳା କର୍ମଚାରୀଙ୍କୁ ଅପଶବ୍ଦ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ। ବିଜେପିର କୁଜି ନେତା ମାନେ ଆବାସ ଯୋଜନାର ହିତାଧିକାରୀ ଚୟନ କରୁଛନ୍ତି। ଏଥିରେ ବାଧା ସୃଷ୍ଟି କଲେ ସରକାରୀ କର୍ମଚାରୀ ମାନେ ଅପମାନିତ ହେଉଛନ୍ତି। ହିତାଧିକାରୀ ମାନଙ୍କୁ ଗାଇଡଲାଇନ ଅନୁଯାୟୀ ଘର ପ୍ରଦାନ କରାଯାଉ ନାହିଁ। ୨ ମହଲା କୋଠା ଘର ଥାଇ ବି ଲୋକେ ଆବାସ ଯୋଜନାରେ ଗୃହ ହାତେଇଛନ୍ତି। ଏହି ଦୁର୍ନୀତି ପାଇଁ ବିଜେପି ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ। ଆବାସ ଦୁର୍ନୀତିରେ ନିଜେ ମନ୍ତ୍ରୀ ମଧ୍ୟ ସାମିଲ ଅଛନ୍ତି। କେବଳ ଢେଙ୍କାନାଳ ଜିଲ୍ଲା ନୁହେଁ ସାରା ରାଜ୍ୟରେ ଆବାସ ଯୋଜନାରେ ଅନିୟମିତତା ଦେଖିବାକୁ ମିଳୁଛି। ଆବାସ ଦୁର୍ନୀତିର ତଦନ୍ତ କରାଯାଉ ଓ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରି ଗୃହ ବଣ୍ଟନ କରାଯାଉ ବୋଲି ସେ ଦାବି କରିଛନ୍ତି।

ସକାଳ THE SAKALA



# ଖୋଲା ଡାଲାରେ ପାଉଁଶ ପରିବହନକୁ ବିରୋଧ

ତାଳଚେର ସହର,୩।୮ (ସମିସ):





ତାଳଚେର ଏବଂ କଣିହାଁବାସୀଙ୍କ ପାଇଁ ଅଭିଶାପ ପାଲଟିଛି ଏନଟିପିସି ତାପଜ ବିଦ୍ୟୁତ କେନ୍ଦ୍ର। ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ତାପଜ ବିଦ୍ୟୁତ କେନ୍ଦ୍ର ଭାବେ ବାହାବା ନେଉଥିବା ଏନଟିପିସି ଏବେ ଅଞ୍ଚଳବାସୀଙ୍କ ଦୁଃଖର କାରଣ ପାଲଟିଛି। ଦୀର୍ଘବର୍ଷ ଧରି ଅଞ୍ଚଳରେ ପ୍ରଦୂଷଣ ମାତ୍ରା ବଢ଼ାଉଥିବା ବେଳେ ଏବେ ସମଗ୍ର ତାଳଚେର ଉପଖଣ୍ଡକୁ ଦୂଷିତ କରିସାରିଲାଣି। ପାଉଁଶ ପାଇଁ ଲୋକେ ନୟାନ୍ତ ହୋଇ ସାରିଲେଣି। କିନ୍ତୁ ନା ଶୁଣୁଛନ୍ତି ଜିଲ୍ଲାପାଳ ନା ଶୁଣିଛି ପ୍ରଦୂଷଣ ବିଭାଗ। ଏନଟିପିସି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସତେ ଯେମିତି କାହା ପାଖରେ ସାହସ ନାହିଁ। ଦୀର୍ଘବର୍ଷ ଧରି ଟିକିରା ନଦୀରେ ପାଉଁଶ ପାଣି ଛାଡ଼ି ନଦୀ ଜଳକୁ ସମ୍ପୂର୍ଣ୍ଣ ପ୍ରଦୂଷିତ କରୁଛି କମ୍ପାନୀ। ଯେଉଁଥିପାଇଁ ବାରମ୍ବାର ଅଭିଯୋଗ ହୋଇଛି। ଦୂଷିତ ପାଣି ଛାଡ଼ିବା ଦ୍ୱାରା ବ୍ରାହ୍ମଣୀ ନଦୀରେ ଜଳଜୀବଙ୍କ ସଂଖ୍ୟା କମିଛି। ସ୍ଥାନୀୟ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ତଥାପି କାର୍ଯ୍ୟାନୁଷ୍ଠାନ ଶୂନ। ନିକଟ ଅତୀତରେ ଏନଟିପିସି ପାଉଁଶ ପୋଖରୀ ବନ୍ଧ ଭାଙ୍ଗି କଣିହାଁ ବ୍ଲକ ଅନ୍ତର୍ଗତ ମଶାଣିହତା, ଡେରେଙ୍ଗ ଆଦି ଗାଁରେ ଲୋକଙ୍କ ଘର ଭିତରେ ପାଉଁଶ ପାଣି ପଶିଯାଇଥିଲା। ବିଜୁଗୋଳ ଗାଁରେ ପାଉଁଶ ପାଇପ୍ ଫାଟି ନିମତଇଲା ସାହିରେ ପାଉଁଶ ପାଣି ଲହଡ଼ି ମାରିଲା। ସବୁ ପରେ ଏବେ ଲୋକଙ୍କ ମୁଖ୍ୟ ସମସ୍ୟା ପାଲଟିଛି ଖୋଲା ଡାଲା ଟ୍ରକ୍‌ରେ ପାଉଁଶ ପରିବହନ।

ନିୟମ ଅନୁଯାୟୀ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଡାଲାରେ ଢାଙ୍କୁଣି ଥିବା ଟ୍ରକ୍‌ରେ ପାଉଁଶ ପରିବହନ ହେବା କଥା। କିନ୍ତୁ ଖର୍ଚ୍ଚ କମାଇବା ଉଦ୍ଦେଶ୍ୟରେ ରାଜ୍ୟ ବାହାର ଠିକାସଂସ୍ଥା ଖୋଲା ଡାଲା ଟ୍ରକ୍‌ରେ ଓଭର ଲୋଡ୍ କରି ପାଉଁଶ ପରିବହନ କରୁଛନ୍ତି। ଧର୍ମକୁ ଆଖିଠାର ଭଳି ଟ୍ରକ୍‌ରେ ଯେଉଁ ପାଲ ଘୋଡ଼ାଉଛନ୍ତି ତାହା କେଉଁ କାମକୁ ନୁହେଁ। ରାସ୍ତା ସାରା ପାଉଁଶ ପକାଇ ପକାଇ ଯାଉଛି ଟ୍ରକ୍। ପବନ ହେଲେ ଏହି ପାଉଁଶ ଉଡ଼ି ପୂରା ପରିବେଶକୁ ପ୍ରଦୂଷିତ କରୁଛି। ଆହୁରି ମଧ୍ୟ ଲାଭ କମେଇବା ଉଦ୍ଦେଶ୍ୟରେ ଅନେକ ଟ୍ରକ୍ ଜଙ୍ଗଲ ମଝିରେ କିମ୍ବା ସାଧାରଣ ସ୍ଥାନ ତଥା ସରକାରୀ ଜମିରେ ପାଉଁଶ ଗଦା କରି ଚାଲିଆସୁଛନ୍ତି। କିଛି ଜମି ମାଲିକ ମଧ୍ୟ ଖାଲୁଆ ଜମି ପୋତିବା ଉଦ୍ଦେଶ୍ୟରେ ଏହି ପାଉଁଶ ଟ୍ରକ୍‌କୁ କିଛି ହାତଗୁଞ୍ଜା ଦେଇ ନିଜ ଜମିରେ ପାଉଁଶ ପକାଉଛନ୍ତି। ଏହା ଦ୍ୱାରା ପ୍ରଦୂଷଣ ମାତ୍ରା ବଢ଼ିବା ସହ ମୃତ୍ତିକାର ଉର୍ବରତା ମଧ୍ୟ ହ୍ରାସ ପାଉଛି। ତେବେ ଏଠି ପ୍ରଶ୍ନ ଉଠୁଛି ଯେ ଏନଟିପିସି କର୍ତ୍ତୃପକ୍ଷ କିଭଳି ଖୋଲା ଡାଲା ଟ୍ରକରେ ପାଉଁଶ ପରିବହନର ଅନୁମତି ଦେଉଛନ୍ତି? ଟ୍ରକ୍‌ଗୁଡ଼ିକରେ ଓଭରଲୋଡ୍ ଯାଉଥିବା ବେଳେ ଏହାର ଯାଞ୍ଚ କାହିଁକି କରୁନାହାନ୍ତି? ଯେଉଁ ସ୍ଥାନରେ ପାଉଁଶ ଖାଲି ହେବା କଥା ସେଠାରେ ଖାଲି ନ ହେଇ କିଭଳି କାରଖାନା ପାଖାପାଖି ଅଞ୍ଚଳରେ ଖାଲି ହେଉଛି? ଅପରପକ୍ଷେ ପାଉଁଶ ପରିବହନ ହେଉଥିବା ରାସ୍ତାରେ ଏକାଧିକ ଥାନା ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଥିବା ବେଳେ ଅଧିକାରୀମାନଙ୍କ ନଜରକୁ ଏହି ବ୍ୟତିକ୍ରମ ଆସୁନାହିଁ ନା ମାସିକିଆ ଦେଣନେଣରେ ଚାଲିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସମସ୍ୟାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏ ନେଇ ଜନସ୍ୱାର୍ଥ ମାମଲା କରିବା ପାଇଁ କିଛି ବୁଦ୍ଧିଜୀବୀ ଅଣ୍ଟା ଭିଡ଼ିଲେଣି।

- ପ୍ରଦୂଷିତ ହେଉଛି ବାୟୁମଣ୍ଡଳ
- ଏନଟିପିସି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ତାଳଚେର, କଣିହାଁବାସୀ
- ପ୍ରଶାସନକୁ ହାତକରି ଏନଟିପିସି ଚଳାଇଛି ଦବଙ୍ଗଗିରି
- ଲାଭ ପାଇଁ ଲୋକଙ୍କ ଜୀବନ ସହ ଖେଳୁଛି କମ୍ପାନୀ
- ଯେତେ ଅଭିଯୋଗ କଲେ ବି କାର୍ଯ୍ୟାନୁଷ୍ଠାନ ଶୂନ

## ନିଶା ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି ସମଲ

ତାଳଚେର ସହର,୩।୮ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳ ଏବେ ନିଶା ବେପାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ବେଧଡ଼କ ଚାଲିଛି ନିଶା କାରବାର। ନିଶା ବେପାରୀ ଗ୍ରାହକଙ୍କ ସୁବିଧା ପାଇଁ ଏବେ ଡୋର୍ ଡେଲିଭରି ବ୍ୟବସ୍ଥା ମଧ୍ୟ କରିଦେଇଛନ୍ତି। ପୁଲିସ ଜଳକା ହୋଇ ଚାହିଁ ରହିଛି। ବେଆଇନ କଫସିରପ କାରବାର ପାଇଁ ସମଲ ଅଞ୍ଚଳ ସବୁବେଳେ ଚର୍ଚ୍ଚାରେ ରହିଥିବା ବେଳେ କିଛିଦିନ ବ୍ୟବଧାନ ପରେ ଏବେ ପୁଣି ମାତିଛନ୍ତି ବେପାରୀ। ପୁଲିସ ଆଖିରେ ଧୂଳି ଦେଇ ନୂଆ ନୂଆ ଟ୍ରିକରେ ଚଳାଇଛନ୍ତି ବେପାର। ଗାଡ଼ି ଡିକିରେ କଫସିରପ ନେଇ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି ବେପାରୀ। ଥାନାର ଅତି ନିକଟରେ ହେଉଛି ଏହି କାରବାର। ଥାନା ଚାରିପାଖ, ସ୍କୁଲ, ଖେଳପଡ଼ିଆ, କ୍ଲବ୍ ଘର ଇତ୍ୟାଦି ଚାରିପାଖରେ ଗଦା ହୋଇଛି ପୁଳା ପୁଳା କଫସିରପ ବୋତଲ। ସରକାର ଏହି କଫସିରପକୁ ବ୍ୟାନ କରିଥିବା ବେଳେ ବିଭିନ୍ନ ବେନାମୀ କମ୍ପାନୀ ବେଆଇନ ଭାବେ କଫସିରପ ତିଆରି କରୁଛନ୍ତି ଆଉ କିଛି ଲାଭଖୋର ବ୍ୟବସାୟୀ ଏହାକୁ ବିକ୍ରି କରୁଛନ୍ତି। ସମଲ ଆଖ ପାଖ ଅଞ୍ଚଳରୁ ଲୋକେ କଫସିରପ ପାଇଁ ସମଲ ଅଞ୍ଚଳକୁ ଆସୁଥିବା ଦେଖିବାକୁ ମିଳୁଛି। କିନ୍ତୁ ପୁଲିସ କିଭଳି ଏ ସବୁର ଟେର୍ ପାଉନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

- ଥାନା ପାଖରେ ଚାଲିଛି କଫସିରପ କାରବାର
- ଟେର୍ ପାଉନି ସମଲ ପୁଲିସ

## ଓମ୍‌ପ୍ରକାଶ ଓ ଆଦିତ୍ୟଙ୍କ ସ୍ମୃତିରେ ରକ୍ତଦାନ ଶିବିର

ଅନୁଗୋଳ,୩।୮ (ସମିସ): ଓମ୍‌ପ୍ରକାଶ ଓ ଆଦିତ୍ୟଙ୍କ ସ୍ମୃତିରେ ରବିବାର ଜନପଦ କ୍ଲବ୍ ଆନୁକୂଲ୍ୟରେ ହିନ୍ଦୋଳପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଗ୍ରାମର ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଦିଲେଶ୍ୱର ସାହୁ, ଅଶୋକ ସାହୁ, ପ୍ରଶାନ୍ତ ସାମଲ, ଗ୍ରାମ ସଭାପତି ସୁଧାକର ବେହେରା, ବିପ୍ରବର ନାଥ, ସରପଞ୍ଚ ସୁଜିତ୍ ନାୟକ, କଣ୍ଡୁରୁ ବେହେରା, ସୁଧାକର ସାହୁ, ବିଭୂତି ସାହୁ, ପୁରୁଷୋତ୍ତମ ସାହୁ, ନିରଞ୍ଜନ ସାହୁ, ଅଭୟ ସାହୁ, ଭରତ ବେହେରା, ମିଲୁ ସାହୁ, ନାଲୁ ସାହୁ, ନିରାକାର ପ୍ରଧାନ, ହିମାଂଶୁ ପଟ୍ଟନାୟକ ସହଯୋଗ କରିଥିଲେ। ଶିବିରରୁ ୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।



## ୭ ରୁ ଓପି ଜିନ୍ଦଲ ସ୍ମାରକୀ ଫୁଟବଲ

ଅନୁଗୋଳ,୩।୮ (ସମିସ): ଆସନ୍ତା ୭ ତାରିଖ ସ୍ଥାନୀୟ କଦମ ପଡ଼ିଆରେ ପ୍ରତିବର୍ଷ ଭଳି ଓପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହେବ। ଉଦଘାଟନୀ ମ୍ୟାଚ୍ ପାଲଲହଡ଼ା ଓ ଢେଙ୍କାନାଳ ପପୁଲାର କ୍ଲବ୍ ମଧ୍ୟରେ ଖେଳାଯିବ। ଏଥିରେ ମୋଟ ୧୨ ଦଳ ଅଂଶଗ୍ରହଣ କରୁଥିବା ବେଳେ ୧୮ ତାରିଖ ଫାଇନାଲ ମ୍ୟାଚ୍ ଖେଳାଯିବ। ପ୍ରତିଦିନ ଅପରାହ୍ନ ୩ଟାରେ ଖେଳ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଡକାୟତି ଯୋଜନା ପଣ୍ଡ: ୬ ଗିରଫ



ଅନୁଗୋଳ,୩।୮ (ସମିସ): ୫୫ନଂ ଜାତୀୟ ରାଜପଥ ବାଇପାସ ଶରଧାପୁର ନିକଟ ଏକ ଆମ୍ବତୋଟାରେ ଡକାୟତି ଯୋଜନା କରୁଥିବା ୬ ଦୁର୍ବୃତ୍ତଙ୍କୁ ଅନୁଗୋଳ ସଦର ଥାନା ପୁଲିସ ଗିରଫ କରିଛି। ରବିବାର ରାତିରେ ପାଟ୍ରୋଲିଂ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଟ୍ରକ୍ ଚାଳକ ଏବଂ କରଡ଼ାଗଡ଼ିଆସ୍ଥିତ ଏକ ପେଟ୍ରୋଲ ପମ୍ପକୁ ଟାର୍ଗେଟ କରି ଏହି ଅପରାଧ ଯୋଜନା କରାଯାଉଥିଲା। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ରାଜନ ଓରଫ ପୂର୍ଣ୍ଣଚନ୍ଦ୍ର ନାହାକ, ନାଗା ଓରଫ ସୋମେଶ ମହାପାତ୍ର, ଛେଣ୍ଟୁ ଓରଫ ମୋହନ ନାଏକ, ରାକେଶ ନାଏକ, ରାହୁଲ ନାଏକ ଏବଂ ଅମୂଲ୍ୟ ନାଏକ। ସେମାନଙ୍କ ନିକଟରୁ ୨ଟି ବାଇକ୍, ୨ଟି ଖଣ୍ଡା, ୨ଟି ଲୁହା ରଡ୍, ୬ଟି କଳା ମୁଖା, ୨ଟି ମୋବାଇଲ ଏବଂ ମଦ ବୋତଲ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ କୌଣସି ଅପରାଧରେ ସେମାନଙ୍କ ସମ୍ପୃକ୍ତି ଅଛି କି ନାହିଁ, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ସାପ କାମୁଡ଼ାରେ ବାଳକ ମୃତ

ଆଠମଲ୍ଲିକ,୩।୮ (ସମିସ): ସାପ କାମୁଡ଼ାରେ ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ପୀତବାସପୁର ଗ୍ରାମର ପ୍ରିୟବ୍ରତ ମେଣ୍ଡୁଲିଙ୍କ ପୁଅ ପ୍ରୀତମ ମେଣ୍ଡୁଲି (୧୧)ଙ୍କ ମୃତ୍ୟୁ ହୋଇଛି। ରବିବାର ରାତିରେ ପ୍ରୀତମ ଘରେ ଶୋଇଥିବା ବେଳେ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ମାଧପୁର ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉପଖଣ୍ଡ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

କିଶୋରନଗର,୩।୮ (ସମିସ): ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ରବିବାର ପିଏମଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ ଗୀତାର ଷଷ୍ଠ ଅଧ୍ୟାୟକୁ ସୁନ୍ଦର, ସ୍ପଷ୍ଟ ଓ ନିର୍ଭୁଲ ଭାବେ ଆବୃତ୍ତି କରିଥିବା ପ୍ରତିଯୋଗୀଙ୍କୁ ଚୟନ କରାଯାଇ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ପ୍ରଜ୍ଞାନ ମିଶନ ତରଫରୁ ଡ. ସିଦ୍ଧଚରଣ ସାମନ୍ତରାୟ, ପ୍ୟାରୀମୋହନ ରାଉତ, ଦିଲୀପ କୁମାର ପ୍ରଧାନ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ତଥା ସୁଦାମ ଚରଣ ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଶିଶୁ ସାହିତ୍ୟିକ ତଥା ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ରମଣୀ ରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ବାମୁର ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇଥିଲେ। ଅନୁଷ୍ଠାନର ଆଞ୍ଚଳିକ ସଂଯୋଜକ ସୁଧାଂଶୁ ଶେଖର ରାଉଳ, ସରୋଜ କୁମାର ସାହୁ, ସୁଧାଂଶୁ ଶେଖର ପ୍ରଧାନଙ୍କ ସମେତ ଶିକ୍ଷକ ଜାଗ୍ରତ କୁମାର ସ୍ୱାଇଁ ଓ ସଂସ୍କୃତ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ସହଯୋଗ କରିଥିଲେ।




## ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି




ଆଠମଲ୍ଲିକ,୩।୮ (ସମିସ): ଆଠମଲ୍ଲିକ ବ୍ଲକ ସଭାଗୃହରେ ସୋମବାର ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ ଅଖତର ଓ ଏସ୍‌ପି ରାହୁଲ ଜୈନଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୧୭ଟି ବ୍ୟକ୍ତିଗତ, ୩ଟି ସାମୂହିକ ଓ ୩ଟି ରେଡ୍‌କ୍ରସ ପାଣ୍ଠିରୁ ସହାୟତା ସମ୍ପର୍କିତ ମୋଟ ୨୩ ଅଭିଯୋଗର ଶୁଣାଣି ହୋଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ତିନିଜଣଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର କାଫୁଲା, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ମଦନ ମୋହନ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବିଡିଓ ଟିଟସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ ଟେଟେଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

- ଶ୍ରାବଣ ପ୍ରଥମ ସୋମବାର

## ଦେଉଳଝରୀରେ କାଉଡ଼ିଆଙ୍କ ଭିଡ଼

ଆଠମଲ୍ଲିକ,୩।୮ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଦେଉଳଝରୀସ୍ଥିତ ପ୍ରସିଦ୍ଧ ବାବା ସିଦ୍ଧେଶ୍ୱର ଦେବଙ୍କ ପୀଠରେ ଶ୍ରାବଣ ପ୍ରଥମ ସୋମବାର ଉପଲକ୍ଷେ ହଜାର ହଜାର ସଂଖ୍ୟାରେ କାଉଡ଼ିଆ ଜଳଲାଗି କରିଛନ୍ତି। ଅନୁଗୋଳ ସମେତ ପଡ଼ୋଶୀ ବୌଦ୍ଧ, ସୁବର୍ଣ୍ଣପୁର, ସମ୍ବଲପୁର ଅଞ୍ଚଳରୁ ବହୁ କାଉଡ଼ିଆ ଜଳଲାଗି କରିଥିବା ଜଣାଯାଇଛି। ଦେବୋତ୍ତର ବିଭାଗ ପକ୍ଷରୁ କାଉଡ଼ିଆଙ୍କ ସମସ୍ତ ସୁବିଧା ସହ ଶୃଙ୍ଖଳିତ ଧାଡ଼ିରେ ଜଳଲାଗି ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ମାଳିମାନେ କାଉଡ଼ିଆମାନଙ୍କୁ ଶୃଙ୍ଖଳିତ ଦର୍ଶନ କରାଇଥିଲେ। ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



## ଜିଲ୍ଲାପାଳଙ୍କ ଦ୍ୱାରା ଲଳିତ ପୁରସ୍କୃତ




କିଶୋରନଗର,୩।୮ (ସମିସ): ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଏସ୍‌ଆଇଆର କାମରେ ଭଲ ପ୍ରଦର୍ଶନ କରିଥିବା କିଶୋରନଗର ବ୍ଲକ ଖଣ୍ଡହତା ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ ଲଳିତ କୁମାର ପ୍ରଧାନ ଶ୍ରେଷ୍ଠ ବିଏଲ୍‌ଓ ସୁପରଭାଇଜର ଭାବେ ପୁରସ୍କୃତ ହୋଇଛନ୍ତି। ସୋମବାର ଜିଲ୍ଲାପାଳ ଅବଦଲ ଏମ୍ ଅଖତର ତାଙ୍କୁ ମାନପତ୍ର ସହ କପ୍ ପ୍ରଦାନ କରି ପୁରସ୍କୃତ କରିଛନ୍ତି। ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଉପସ୍ଥିତ ଥିଲେ।

- ଅନୁଗୋଳରେ ଫୁଟବଲ୍ ପ୍ରଶିକ୍ଷଣ ଶିବିର

## ଓପି ଜିନ୍ଦଲ କପ୍ ପାଇଁ ଖେଳାଳି ଚୟନ




ଅନୁଗୋଳ,୩।୮ (ସମିସ): ଅନୁଗୋଳ ଫୁଟବଲର୍ସ ଆସୋସିଏସନ୍ ଦ୍ୱାରା ଆୟୋଜିତ ଅନୁଗୋଳ ଜିଲ୍ଲା ଗ୍ରାମୀଣ ଫୁଟବଲ ଲିଗ୍-୨୦୨୬ରୁ ଚୟନ ହୋଇଥିବା ଖେଳାଳିମାନଙ୍କ ପାଇଁ ବିଶେଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶାର ବରିଷ୍ଠ ଫୁଟବଲ୍ ପ୍ରଶିକ୍ଷକ ସୁବୋଧ କୁମାର ଜେନା ଏହି ଶିବିରରେ ଖେଳାଳିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବସନ୍ତ କୁମାର ଦାସ, ରମେଶ ଚନ୍ଦ୍ର ସାହୁ, ରୁଚିର କୁମାର ଦାସ, ହୃଦାନନ୍ଦ ପଣ୍ଡା, ଯୁଧିଷ୍ଠିର ସେଠ, ପଦ୍ମଲୋଚନ ପ୍ରଧାନ, ମାନସ ରଞ୍ଜନ ସାମଲ, ପବନ ସାହୁ, ବିନ ସାହୁ, ନିଲୁ ସାହୁ, ଶୌରଜିତ ରାଉତ, ବାପୁନ ବେହେରା, କୁନା ମୁଖୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଚୟନ ହୋଇଥିବା ଦଳ ଆସନ୍ତା ୭ ତାରିଖରୁ ଆରମ୍ଭ ହେଉଥିବା ଓପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଓ ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାରେ ଅନଗୁଳ ଜିଲ୍ଲା ଦଳ ତରଫରୁ ଅଂଶଗ୍ରହଣ କରିବେ। ଅନୁଗୋଳ ଫୁଟବଲର୍ସ ଆସୋସିଏସନ ସଭାପତି ପବନ ସାହୁ ଏବଂ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ଆଗକୁ ଆଣିବା ହିଁ ଆସୋସିଏସନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି।

## ତାଳଚେରର ଅଧିକାଂଶ ରାସ୍ତା ଅବସ୍ଥା ଶୋଚନୀୟ

ତାଳଚେର,୩।୮ (ସମିସ): ତାଳଚେର ସହର ଓ ଶିଳ୍ପାଞ୍ଚଳରେ ଥିବା ବିଭିନ୍ନ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖରାପ ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଲୋକ ମୃତାହତ ହେଉଛନ୍ତି। ବାଇପାସ୍ ଛକରୁ ବାହାରିଥିବା ରାସ୍ତାଗୁଡ଼ିକ ବିଭିନ୍ନ ଦିଗକୁ ଯାଇଥିବା ବେଳେ ସେଗୁଡ଼ିକ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ତାଳଚେର ସହର, ଏନଟିପିସି କୋଇଲା ଖଣି ଓ କୋର୍ଟ କଚେରି ତଥା ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଉଥିବା ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଖାଲଖମା ଥିବାରୁ ଗାଡ଼ିମଟର ଯିବା ବେଳେ ପ୍ରଚୁର ମାତ୍ରାରେ ଧୂଳି ଉଡ଼ୁଛି। ଏହାଦ୍ୱାରା ଫଳରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିଛନ୍ତି। ପବିତ୍ରମୋହନ ଛକରୁ ମହାବିଦ୍ୟାଳୟ ଆଡ଼କୁ ଯାଇଥିବା ମୁଖ୍ୟ ରାସ୍ତା ବାଇପାସ୍ ଛକରେ ସାମାନ୍ୟ ବର୍ଷା ହେଲେ ତିନିଚାରି ଫୁଟ ପାଣି ଜମିରହି ଯାତାୟାତରେ ବ୍ୟାଘାତ ସୃଷ୍ଟି କରୁଛି। ସେହିଭଳି ବାଙ୍କଧରା ଛକରୁ ମିଶିଥିବା ବିଭିନ୍ନ ରାସ୍ତାରେ କୋଇଲା ପରିବହନ ପାଇଁ ଆସୁଥିବା ଟ୍ରକଗୁଡ଼ିକ ଚଳାଚଳ କରିବା ଫଳରେ ରାସ୍ତାରେ ଧୂଳି ଉଡ଼ି ପରିବେଶ ପ୍ରଦୂଷିତ ହେବା ସହ ଏହି ବାଙ୍କଧରା ଛକ ମରଣାଯନ୍ତା ପାଲିଟିଛି। ତେବେ ଏହି ରାସ୍ତା ମରାମତି ପାଇଁ ଜାତୀୟ ରାଜପଥ, ଏମସିଏଲ କିମ୍ବା ଏନଟିପିସି ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ।

ସଡ଼କ ପଥରେ କୋଇଲା ପରିବହନ ପାଇଁ ହୋଇଥିବା କୋଲ କରିଡର ରାସ୍ତା ଏହି ବାଙ୍କଧରା ଛକରେ ମିଶୁଥିବା ବେଳେ ସେଠାରେ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଚଳପ୍ରଚଳ କରିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ଶର୍ମାଛକରେ ଆଣ୍ଠୁଏ ପାଣି ଜମି ରହୁଥିବା ବେଳେ ଦୁଇପାର୍ଶ୍ୱରେ ଥିବା ନଳା ପୋତିହୋଇ ଯାଇଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ବର୍ଷାଜଳ ରାସ୍ତାରେ ଜମିବା ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି। ଘଣ୍ଟପଡ଼ା ରେଲୱେ କ୍ରସିଂ ରାସ୍ତାର ଉଭୟ ପାର୍ଶ୍ୱରେ ଖାଲଖମା ହୋଇଥିବା ଏବଂ କୋଇଲା ୱାଗନ ଯିବା ଫଳରେ ଧୂଳି ଝଡ଼ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହି ଲେବଲକ୍ରସିଂଠାରେ ଅଧିକାଂଶ ସମୟରେ ଅଧଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। ଓଭରବ୍ରିଜ ପାଇଁ ଫଳକ ଲାଗିଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ବାଙ୍କଧରା ଛକରୁ ତାଳଚେର ମହାବିଦ୍ୟାଳୟ ଦେଇ ବାଇପାସ୍, ପବିତ୍ର ମୋହନ ଛକ, ବହ୍ଲର ଛକ ୧୪୯ ନମ୍ବର ଜାତୀୟ ରାଜପଥରେ ଶହଶହ କୋଇଲା ଭାରୀଯାନ ଯାତାୟାତ କରୁଥିବାରୁ ଖାଲଖମା ହୋଇଥିବା ସହ ଦୁଇଚକିଆ ଯାନ ଯିବା ସମ୍ଭବ ହେଉନାହିଁ। ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତାଗୁଡ଼ିକ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



### ସାତକୋଶିଆ ଅଭୟାରଣ୍ୟ

## ୫ ସୁଦ୍ଧା ଦରମା ନ ମିଳିଲେ ଆନ୍ଦୋଳନ କରିବେ ୱାଚର

ଅନୁଗୋଳ,୩।୮ (ସମିସ):

କଥାରେ ଅଛି କୌଣସି ରାଜ୍ୟ ଅବା ଦେଶର ସୈନିକଙ୍କ ଅବସ୍ଥା ଯଦି ଶୋଚନୀୟ, ତେବେ ସେ ରାଜ୍ୟକୁ ସୁରକ୍ଷା ଦେବ କିଏ? ଠିକ୍ ସେହିପରି ସାତକୋଶିଆ ଅଭୟାରଣ୍ୟର ପ୍ରଥମ ପ୍ରହରୀ, ପ୍ରଥମ ଧାଡ଼ିର ଯୋଦ୍ଧା ୱାଚର୍‌ମାନେ ଆଜି ଭୋକ ଉପାସରେ। ବିନା ପ୍ରାପ୍ୟ, ବିନା ସୁରକ୍ଷା କବଚ, ବିନା ଅସ୍ତ୍ରଶସ୍ତ୍ର, ଏପରିକି ବିନା ବସ୍ତ୍ର (ୟୁନିଫର୍ମ) ରେ ସେମାନେ ସାତକୋଶିଆର ସୁରକ୍ଷାରେ କାର୍ଯ୍ୟରତ। ସ୍ୱଳ୍ପ ବେତନଭୋଗୀ ୩୦୧ ଜଣ ଏହି ଅସ୍ଥାୟୀ କର୍ମଚାରୀ ଦୀର୍ଘ ଚାରିମାସ ହେଲା ଦରମା ପାଇ ନ ଥିବା କିଛିଦିନ ପୂର୍ବେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ଏହାର କୌଣସି ପ୍ରଭାବ ପଡ଼ି ନ ଥିବା ଭଳି ମନେ ହେଉଛି। ୱାଚର୍‌ମାନଙ୍କ କହିବା ଅନୁଯାୟୀ, ବନ ବିଭାଗର ଉଚ୍ଚ ଅଧିକାରୀମାନେ ସରକାରୀ ଶୀତତାପ ନିୟନ୍ତ୍ରିତ ବଙ୍ଗଳା, କାର୍ଯ୍ୟାଳୟ, ଗାଡ଼ି ସହ ଲକ୍ଷାଧିକ ଟଙ୍କା ବେତନ ପାଉଛନ୍ତି। ପୁଣି ଲକ୍ଷାଧିକ ଟଙ୍କା ଉପୁରି ପାଇ ବିଳାସପୂର୍ଣ୍ଣ ଜୀବନଯାପନ କରୁଛନ୍ତି। ହେଲେ ଯିଏ ପ୍ରକୃତରେ ଜଙ୍ଗଲ, ବନ୍ୟଜନ୍ତୁଙ୍କୁ ନିଜ ଜୀବନକୁ ବାଜି ଲଗାଇ ରକ୍ଷା କରୁଛି, ତା' ଘରେ ଚୁଲି ଜଳୁନହିଁ। ପରିବେଶ ଓ ଜଳବାୟୁ ପରିବର୍ତ୍ତନ ପାଇଁ ସାରା ବିଶ୍ୱ ଚିନ୍ତାଶୀଳ ଥିବା ବେଳେ ପରିବେଶ ସନ୍ତୁଳନର ପ୍ରକୃତ ଯୋଦ୍ଧା ଆଜି ଭୋକ ଉପାସରେ। ଏଥିପାଇଁ ଖାମ୍‌ଖିଆଲ ନୀତି ଆପଣାଇ ଥିବା ସାତକୋଶିଆ ଅଭୟାରଣ୍ୟ ବନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ନା ସରକାର ଦାୟୀ ବୋଲି ପ୍ରଶ୍ନ ଉଠିଛି। କିଏ ଦେବ ଏହି ପରିବେଶ ସଂରକ୍ଷଣର ଯୋଦ୍ଧାମାନଙ୍କୁ ଦରମା, ଖାଦ୍ୟ ଓ ସୁରକ୍ଷା? ଏମାନେ ଆଜି ନିଜେ ଅସହାୟ। ଯେହେତୁ ଏହି ୱାଚର୍‌ମାନେ ଅସ୍ଥାୟୀ ଭାବେ ନିଯୁକ୍ତ, ତେଣୁ ବଡ଼ବାବୁ, ଅଧିକାରୀମାନେ ଜୀବନଧାରଣ ପାଇଁ ଥିବା ଏହି ଚାକିରି ଖଣ୍ଡିକ କାଳେ ଖାଇଯିବେ ବୋଲି ସେମାନେ ଭୟ କରୁଛନ୍ତି। ତଥାପି ସାହସ ବାନ୍ଧି ଆସନ୍ତା ୫ ତାରିଖ ସୁଦ୍ଧା ଦରମା ନ ମିଳିଲେ ସାମୂହିକ ଭାବେ ୱାଚର୍‌ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେମାନେ ଏସିଏଫ୍‌ଙ୍କୁ ଜଣାଇଛନ୍ତି। 'ସକାଳ' ମାଧ୍ୟମରେ ଉଚ୍ଚ ଅଧିକାରୀ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଏହି ଗରିବ, ନିରୀହ ବନଯୋଦ୍ଧାମାନେ।




- ଭୋକ ଉପାସରେ ରହି ଅଭୟାରଣ୍ୟକୁ ସୁରକ୍ଷା ଦେଉଛନ୍ତି
- ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି ବିଭାଗର ଉଚ୍ଚ ଅଧିକାରୀ
- ଗରିବ ନିରୀହ ୱାଚରମାନଙ୍କୁ କରୁଛନ୍ତି ଶୋଷଣ

# ଏବେବି ଅନେକ ପଞ୍ଚାୟତ ପାଣି ଘେରରେ

ଜଗତସିଂହପୁର/ତିର୍ତ୍ତୋଲ,୩।୮ (ସମିସ)



## ବନ୍ୟାଞ୍ଚଳ ବୁଲି ସ୍ଥିତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବନ୍ୟାଞ୍ଚଳ ବୁଲି ଦେଖିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବନ୍ୟା କ୍ଷୟକ୍ଷତି ଓ ଉଦ୍ଧାର କାର୍ଯ୍ୟର ସବିଶେଷ ସମୀକ୍ଷା କରିଛନ୍ତି। ଜିଲ୍ଲାରେ ମହାନଦୀ ଓ ଦେବୀନଦୀ ଜଳସ୍ତର ବୃଦ୍ଧି ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବ୍ୟାପକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ, ପାନୀୟଜଳ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ଚିକିତ୍ସା, ଡ୍ରେନେଜ, ଇରିଗେସନ୍, ବିଦ୍ୟୁତ୍ ବିଭାଗ ପଦକ୍ଷେପର ସମୀକ୍ଷା କରିଥିଲେ। ଜିଲ୍ଲାରେ ଏବେବି ଅନେକ ପଞ୍ଚାୟତ ପାଣି ଘେରରେ ରହିଛି। ତେଣୁ ପାଣି ଛାଡ଼ିବା ପରେ ତୁରନ୍ତ ବିଭିନ୍ନ ବିଭାଗ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ କହିଥିଲେ। ଡ୍ରେନେଜ୍ ଓ ଇରିଗେସନ ବିଭାଗରେ ଯଥାଶୀଘ୍ର ଟେଣ୍ଡର ଆହ୍ୱାନ କରି କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେବାସହ ଯେଉଁ ଏଜେନ୍ସୀ ମାନେ ଅସୁବିଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ବ୍ଲାକଲିଷ୍ଟ କରିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଦୁର୍ବଳ ନଦୀବନ୍ଧ ଯୋଗୁ ବହୁ ଅଞ୍ଚଳରେ ଘଳିଆ ହୋଇ ଜଳମଗ୍ନ ସ୍ଥିତି ଉପୁଜିଥିବାରୁ ଏହାର ତୁରନ୍ତ ମରାମତି, ଦଳ ନିଷ୍କାସନ, ଡ୍ରେନ୍ ସଫା ଆଦି ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଯେଉଁ କାରଣରୁ ସାହାରଡିଆରେ କାଳିକୁଦ, ଚୌଧୁରିକୁଦ ଆଦି ଜଳମଗ୍ନ ହୋଇଛି ତାହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ବିଭଗୀୟ ଅଧିକାରୀଙ୍କୁ କହିଥିଲେ। ସେହିପରି ରାହାମା ବଜାର ନିକଟରେ ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ଉପଦେଶ ଦେଇଥିଲେ। ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ବୈଠକରେ ଉପସ୍ଥିତ ରହି ତେଙ୍ଗାପୋଲ ନିକଟରେ ୩୩ କେଭି ଲାଇନ୍ କାର୍ଯ୍ୟକ୍ଷମ, ପାରାଦୀପ ଏସ୍ଇ ଅଫିସକୁ କଟକ ବଦଳରେ ପାରାଦୀପ ଠାରେ କାର୍ଯ୍ୟକାରୀ କରିବା, ଡ୍ରେନେଜ୍ ସିଷ୍ଟମ ପରିଷ୍କାର କରିବା, ଭାଙ୍ଗିଯାଇଥିବା ଏଏନ୍ଏମ ସେଣ୍ଟର ମରାମତି ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାର ସମସ୍ତ ବନ୍ୟା ତ୍ୱରିତ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଡିଏଫ୍ଓ କଟକ, ଡିଏଫ୍ଓ ରାଜନଗରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ଅଧୀକ୍ଷଣ ଯନ୍ତ୍ରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରେ ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଥମେ ତିର୍ତ୍ତୋଲ ବ୍ଲକ୍‌ର କୋଷ୍ଠିମଲ୍ଲିକାପୁର ବ୍ଲକ୍ ଅତାମୂଳ ଓ କୁରାଡ଼ ଗ୍ରାମ ଏବଂ ପୋରୋଗଦେଇ ପଞ୍ଚାୟତ ପରିଦର୍ଶନ କରି ବନ୍ୟା ସ୍ଥିତି ସମୀକ୍ଷା କରିବା ସହ ସ୍ଥାନୀୟ ପ୍ରଭାବିତ ମାନଙ୍କ ସହ ଆଲୋଚନା କରିଥିଲେ। ପୋରୋଗଦେଇ ପଞ୍ଚାୟତରେ ପରିବା ଚାଷ ଅମୃତଭଣ୍ଡା, କଖାରୁ, ବାଇଗଣ ଆଦି ବନ୍ୟା ଜଳରେ ନଷ୍ଟ ହୋଇଥିବାରୁ ଏହାର କ୍ଷୟକ୍ଷତି ଆକଳନ ପାଇଁ ଉଦ୍ୟାନ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଶିକ୍ଷମନ୍ତ୍ରୀ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ସିଡିଏମ୍ଓ, ଜିଲ୍ଲାପରିଷଦ ବିକାଶ ଅଧିକାରୀ ଅକ୍ଷୟ ତିଲ୍ଲେ, ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରା, ତିର୍ତ୍ତୋଲ ବିଡିଓ ଗିରିଜାଶଙ୍କର ମଲ୍ଲିକ, ତିର୍ତ୍ତୋଲ ଏସ୍‌ଡିପି ଓ ଅଜୟ କୁମାର ଦାସ ଓ ଆଇଆଇସି ବଂଶୀଧର ପ୍ରଧାନ, ଜଳସମ୍ପଦ, ଡ୍ରେନେଜ୍, କୃଷି ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ବିଜେପି ନେତା ରାଜକିଶୋର ବେହେରା, ସୁଧୀର ମଲ୍ଲିକ, ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ଅଶୋକ ମହାନ୍ତି, ପ୍ରତ୍ୟୁଷ ଦାସ, କୋଷ୍ଠିମଲ୍ଲିକାପୁର ସରପଞ୍ଚ ବିଭୁପ୍ରସାଦ ମହାନ୍ତି ଓ ପୋରଗଦେଇ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## କବାଟ ଝରକା ଭାଙ୍ଗି ଲୁଟି ନେଉଛନ୍ତି ଲୁଟେରା

ପାରାଦୀପ,୩।୮ (ସମିସ): ପାରାଦୀପ ଏବେ ଲୁଟେରାଙ୍କ ସ୍ୱର୍ଗ ପାଲଟିଛି। ଦିନ ଦ୍ୱି ପହରରେ କବାଟକୁ ଭାଙ୍ଗି ଘରୁ ଲୁଟି ନେଉଛନ୍ତି ଲୁଟେରା। ଖାଲି ପଡିଥିବା କ୍ୱାଟରର କବାଟ, ଝରକା ସମେତ ପାଇପ୍ ଓ ଟ୍ୟାପ୍ ତାଡ଼ି ନେଉଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନୂଆବଜାର କଲୋନୀରେ। ଏକ ଖାଲି ଥିବା କ୍ୱାଟରକୁ ଟାର୍ଗେଟ କରି ଦୁଇଜଣ ଦୁର୍ବୃତ୍ତ ଦିନ ବେଳା ଏକ ସ୍କୁଟିରେ ଆସି ଘରର ପଛପଟ କବାଟକୁ ବାଡେଇ ଭାଙ୍ଗୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ବିରୋଧ କରିବାରୁ ମାରିବାକୁ ଉଦ୍ୟତ ହୋଇଥିଲେ। ତେବେ ଧରା ପଡିବା ପରେ ତଞ୍ଚକତା କରି ସେଠାରୁ ଖସି ପଳାଇଥିଲେ ଉକ୍ତ ଯୁବକଦ୍ୱୟ। ପରେ ସନ୍ଧ୍ୟା ୭ଟା ବେଳେ ପୁଣି ଆସି ଉକ୍ତ ଘରୁ ପାଇପ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକ ଜଣକୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଖସି ପଳାଇଯାଇଥିଲା। ତେବେ ଧରାପଡିଥିବା ଯୁବକ ଜଣଙ୍କ ଲୋକଙ୍କ ଗୋଡ, ହାତ ଧରି ଛାଡିବାକୁ ନେହୁରା ହେଉଥିବା ବେଳେ ଲୋକଙ୍କୁ ଚକମା ଦେଖାଇ ଖସି ଯିବାକୁ ସକ୍ଷମ ହୋଇଥିଲା। ବିଳମ୍ବରେ ଘଟଣାସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୁଲିସ ପହଞ୍ଚି ସେମାନଙ୍କ ସ୍କୁଟିକୁ ଜବତ କରିଥିବା ବେଳେ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ତେବେ କେବଳ ଏହି ଗୋଟିଏ କ୍ୱାଟର ନୁହେଁ ପାରାଦୀପରେ ଖାଲି ପଡ଼ିଥିବା ଅନେକ କ୍ୱାଟରରୁ ଏହି ଚୋରମାନେ ଦିନରେ ଆସି ଠାବ କରି ରାତିରେ କବାଟ, ଝରକା, ପିତ୍ତଳ ଟ୍ୟାପ, ଜିଆଇ ପାଇପ ଓ ୱାରିଙ୍ଗ ତାର ଚୋରି କରି ନେଇ ଯାଉଥିବା ବେଳେ ପାରାଦୀପ ବନ୍ଦର ଇଷ୍ଟେଟ ବିଭାଗର ଏଥିପ୍ରତି ସେମିତି କିଛି ଆଖିଦୃଶିଆ ପଦକ୍ଷେପ ଦେଖିବାକୁ ମିଳୁନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି।

## ପଚିଗଲା ପରିବା; ଚାଷୀ ହତାସ



ପାରାଦୀପ,୩।୮ (ସମିସ): ଜଗତସିଂହପୁର ଜିଲ୍ଲାରୁ ବନ୍ୟା ଛାଡିଯାଇଛି। ହେଲେ ଛାଡିଦେଇ ଯାଇଛି ଅନେକ ଦୁଃଖ। ଏହି ଦୁଃଖ ଏବେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ପରିବା ଚାଷ ପାଇଁ ହଜାର ହଜାର ଟଙ୍କା ଋଣ ନେଇ କରିଥିଲେ ପରିବା ଚାଷ। ଦୁଇ ପଇସା ଲାଭ ପାଇବା ଆଶା କରିଥିଲେ। ହେଲେ ମହାନଦୀର ବନ୍ୟା ସବୁ କିଛି ସାରିଦେଲା। ଜମିରେ ସାତରୁ ଆଠ ଦିନ ପାଣି ଜମିବା ରହିବା ଦ୍ୱାରା ଗଛ ଗୁଡିକ ପଚି ନଷ୍ଟ ହୋଇଯାଇଛି। କଖାରୁ, କାକୁଡି, ଛଚିନ୍ଦ୍ରା, କଲରା, ଲଙ୍କା ଗଛ ଗୁଡ଼ିକ ଏବେ ପଚି ଝାଉଁଳି ଗଲାଣି। ମହାନଦୀରେ ବନ୍ୟା ହେବା ଆସିବା ଦ୍ୱାରା ଫସଲ ଗୁଡ଼ିକ ଅଧିକ ପରିମାଣରେ କ୍ଷୟକ୍ଷତି ହୋଇଛି। ଯେଉଁ ସବୁ ଗଛ ଗୁଡ଼ିକ ଅଛି ସେଥିରୁ ଫଳ ବାହାରିବା କଷ୍ଟକର। ଲହୁ ଲୁହ ଶ୍ରମ ଦେଇ ଚାଷୀ ଚାଷ କରିଥିବା ବେଳେ ଏବେ ଏଭଳି ଦୃଶ୍ୟ ସେମାନଙ୍କ କଷ୍ଟକୁ ଦ୍ୱିଗୁଣିତ କରଦେଇଛି। ପାରାଦୀପ ନିର୍ବାଚନ ମଣ୍ଡଳୀ କୁଜଙ୍ଗ ବ୍ଲକର ସାଇଲୋ ପଞ୍ଚାୟତର ଆଉ ଜିଲ୍ଲାନାସୀ ପଞ୍ଚାୟତର ପାରିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୁଜଙ୍ଗ ଓ ରାହାମା ହାଟକୁ ପରିବା ଏହି ଦୁଇ ପଞ୍ଚାୟତରୁ ଆସିଥାଏ। ବନ୍ୟାରେ ଫସଲ ପଚିଯିବାରୁ ଏକର ଏକର ଜମିରେ ।ଷ କରିଥିବା ପରିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

## ବନ୍ୟା ବିପନ୍ନଙ୍କୁ ଖାଦ୍ୟ ବଣ୍ଟନ

କୁଜଙ୍ଗ,୩।୮ (ସମିସ): ବ୍ରହ୍ମ ଜଗନ୍ନାଥ ମିଶନ, ଜ୍ୟୋତି ଜଗନ୍ନାଥ ପୀଠ, ଠାକୁରବାଟୀ, ତାଳଦଣ୍ଡା, କୁଜଙ୍ଗ, ଜଗତସିଂହପୁର ତରଫରୁ ଚଳିତ ବନ୍ୟାରେ ପ୍ରଭାବିତ ହୋଇଥିବା ଜିଲ୍ଲାନାସି (ସାହାରାଡିଆ) ପଞ୍ଚାୟତର ଅଧିବାସୀଙ୍କୁ ଶୁଖିଲା ଖାଦ୍ୟ ଦୁଇ ଦିନ ଧରି ଯୋଗାଇ ଦିଆଯାଇଛି। ବ୍ରହ୍ମ ଜଗନ୍ନାଥ ମିଶନର ଅଧକ୍ଷ ଡ. କ୍ୟାପଟେନ ସଞ୍ଜୀବ କୁମାର ମୁଦୁଲି ଏବଂ ମିଶନର ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟ ସମ୍ପାଦନ ହୋଇଥିଲା।

## ସେବା ନିବୃତ୍ତ ସେନାନୀ ସଂଘ ପକ୍ଷରୁ ରିଲିଫ୍ ବଣ୍ଟନ




ଜଗତସିଂହପୁର,୩।୮ (ସମିସ): ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ, ଜଗତସିଂହପୁର ପକ୍ଷରୁ ବନ୍ୟା ପୀଡ଼ିତଙ୍କ ସହାୟତା ନିମନ୍ତେ ଏକ ମାନବିକ ରିଲିଫ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ତିର୍ତ୍ତୋଲ ବ୍ଲକର ଗୋପିଆକୁଦ ଗ୍ରାମ ଏବଂ କୁଜଙ୍ଗ ବ୍ଲକର ସାହାଡ଼ିଆ ଗ୍ରାମର ବନ୍ୟା ପୀଡ଼ିତ ପରିବାରଙ୍କୁ ମୋଟ ୪୦୦ଟି ରିଲିଫ୍ ପ୍ୟାକେଟ୍ ଓ ଗୋମାତାଙ୍କ ପାଇଁ ୨୦୦ ଚୋକଡ ଦାନା ବସ୍ତା ବଣ୍ଟନ କରାଯାଇଥିଲା। ଉତ୍କଳ ସେବାନିବୃତ୍ତ ସେନାନି ସଂଘର ସଭାପତି ସୋମନାଥ ମହାରଣାଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ମାନେ ସକ୍ରିୟ ଭାବେ ଏହି ରିଲିଫ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଂଘ ପକ୍ଷରୁ ବିଭିନ୍ନ ସମୟ ରେ ଏଭଳି ସାମାଜିକ କାର୍ଯ୍ୟ କରାଯାଏ ଏବଂ ଆଗାମୀ ଦିନରେ ମଧ୍ୟ ଏଭଳି ସମାଜସେବା ଓ ଦୁର୍ବିପାକ ସମୟରେ ଲୋକଙ୍କ ସହ ରହିବାକୁ ଶପଥ ଗ୍ରହଣ କରାଯାଇଛି।

**ପୁଅକୁ ଉଦ୍ଧାର କରିବାକୁ ଯାଇ ବାପ ବୁଡ଼ିଯିବା ଘଟଣା**

## ଗୁରୁତର ବାପାର ମେଡିକାଲରେ ମୃତ୍ୟୁ

ପାରାଦୀପ, ୩।୮ (ସମିସ): ଭୁତମୁଣ୍ଡାଇ ପୋଲ ତଳେ ମହାନଦୀରୁ ଗତକାଲି ସନ୍ଧ୍ୟାରେ ଜଣେ ବାଳକ ବୋଲବମ ପାଇଁ ପାଣି ଉଠାଇବା ବେଳେ ଭାସିଯାଇ ନିଖୋଜ ହୋଇ ଯାଇଥିଲେ। ନିମିଡ଼ି ଗାଁର ଶୁଭମ ବାରିକକୁ ଉଦ୍ଧାର କରିବାକୁ ଯାଇ ବାପା ଈଶ୍ୱର ବାରିକ ନଈକୁ ଡେଇ ପୁଅକୁ ଉଦ୍ଧାର କରିବା ପରେ ସେ ନିଖୋଜ ହୋଇଯାଇଥିଲେ। ତେବେ କୁଜଙ୍ଗ ଫାୟାର ବନ୍ଧୁ ଖୋଜା ଖୋଜି କରିବା ପରେ ବାପାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଗତକାଲି ରାତିରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର,୩।୮ (ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ବରିଷ୍ଠ ଅଧିକାରୀମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୮୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୭୪ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୮ଟି, ଆବାସ ପାଇଁ ୧୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୫ଟି, ଭତ୍ତା ପାଇବା ପାଇଁ ୨ଟି, ପୋଲିସ ସହାୟତା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୨୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରିଡ଼ି ଆୟୁଷୀ ପତି, ତହସିଲଦାର, ବିରିଡ଼ି ପ୍ରିଙ୍କିଲ ପି ପରିଡ଼ା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**■ ଜାମିନରେ ଆସିଲେ ନିଲମ୍ବିତ ଅଧ୍ୟକ୍ଷ**

## କଲେଜରୁ ନେଇଗଲେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର

ରଘୁନାଥପୁର,୩।୮ (ସମିସ): ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ କଲେଜର ନିଲମ୍ବିତ ଅଧ୍ୟକ୍ଷ ଦୟାନିଧି ରାଉତରାୟ ସହକର୍ମୀ ଅଧ୍ୟାପିକା, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଜେଲ୍ ଯାଇଥିଲେ। ଜେଲରୁ ଜାମିନରେ ଆସି ଗତ ଶନିବାର ସକାଳୁ ପିଅନ ରବୀନ୍ଦ୍ର ଦାସ ଓ ଦୈତାରୀ ଜେନାଙ୍କ ଉପସ୍ଥିତିରେ ବଳପୂର୍ବକ ଦୁଇଟି ଆଲମିରା ଖୋଲି ସେଥିରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଦୁଇଟି ବ୍ୟାଗରେ ନେଇଯାଇଥିବା ଦାୟିତ୍ୱରେ ଥିବା ଅଧ୍ୟକ୍ଷ ଭଗବାନ ଦାସ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିଲମ୍ବିତ ଅଧ୍ୟକ୍ଷ ରାଉତରାୟଙ୍କ ପାଖରେ ସମସ୍ତ ଚାବି ରହିଥିବା ଓ ଅଦ୍ୟାବଧି ସେ କୌଣସି କାଗଜପତ୍ର ନୂତନ ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରିନଥିବା ନୂତନ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। କଲେଜର ପିଅନ ରବୀନ୍ଦ୍ର ଦାସ ଉପଜିଲ୍ଲାପାଳଙ୍କ ନିଲମ୍ବନ ଆଦେଶ ଓ ନୂତନ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ଚିଠି ରାଉତରାୟଙ୍କୁ ପ୍ରଦାନ କରିଥିଲେ ବି ସେ ଏହାକୁ ଗ୍ରହଣ କରିନଥିଲେ। ଜଣେ ନିଲମ୍ବିତ କର୍ମଚାରୀ ନିୟମାନୁଯାୟୀ କଲେଜ ଭିତରକୁ ପ୍ରବେଶ କରିବାର ଅନୁମତି ନଥିବା ବେଳେ ପିଅନ ଦ୍ୱୟ କଲେଜ ଖୋଲି ସଫାସଫି କରିବା ସମୟରେ ଜୋର ଜବରଦସ୍ତ ଏପରି କରିଥିବା ଦାୟିତ୍ୱରେ ଥିବା ଅଧ୍ୟକ୍ଷ ଦାସ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିବା ଏବଂ ତଦନ୍ତ ଜାରି ରହିଥିବାର ଆଇଆଇସି ପ୍ରେମଜିତ ଦାସ ପ୍ରକାଶ କରିଛନ୍ତି।

## ଗାଁ ଶ୍ମଶାନରେ ‘ଗାୟକ ଶେଖର’ଙ୍କ ଶେଷକୃତ୍ୟ



ଏରସମା/ଜଗତସିଂହପୁର/,୩।୮ (ସମିସ): ଓଡ଼ିଶାର ବରେଣ୍ୟ ପାଲା ସମ୍ରାଟ ଓ ଗାୟକ ଶେଖର ପଣ୍ଡିତ ଜଗନ୍ନାଥ ବେହେରାଙ୍କ ଶେଷକୃତ୍ୟ ଗାଁ ଶ୍ମଶାନରେ ଶେଷ ହୋଇଛି। ରବିବାର ବିଳମ୍ବିତ ରାତିରେ ତାଙ୍କର ୧୦୧ ବର୍ଷ ବୟସରେ ପରଲୋକ ହେବା ପରେ ଆଜି ମରଶରୀରକୁ ଏରସମା ବ୍ଲକର ବିଭିନ୍ନ ସ୍ଥାନରେ ଶୋକାକୁଳ ପରିବେଶ ମଧ୍ୟରେ ଶୋଭାଯାତ୍ରାରେ ପରିକ୍ରମା କରାଯିବା ପରେ ତାଙ୍କ ପୈତୃକ ଗ୍ରାମର ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶେଷଯାତ୍ରାରେ ପରିବାର ସଦସ୍ୟ, ଶିଷ୍ୟ, କଳାକାର, ଶୁଭେଚ୍ଛୁ ଏବଂ ହଜାର ହଜାର କଳାପ୍ରେମୀ ସାମିଲ ହୋଇଥିଲେ। ଗାୟକ ଶେଖରଙ୍କ ପରଲୋକରେ ବହୁ ରାଜନୈତିକ ନେତାଙ୍କ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶୋକ ପ୍ରକାଶ ପାଇଛି। ଜଗତସିଂହପୁରରେ ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନର ଆବାହକ ସରୋଜ ନାୟକ, ସମ୍ପାଦକ ସାମ୍ବାଦିକ ଅରୁଣ କୁମାର ଆଚାର୍ଯ୍ୟ, ନୃସିଂହ ଚରଣ ବାରିକ, ଗୌରାଙ୍ଗ ଚରଣ ସ୍ୱାଇଁ, ବେଣୁଧର ନାୟକ, ଜ୍ୟୋତିରଞ୍ଜନ ପରିଡ଼ା, ରମେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ୍ତ କୁମାର ସ୍ୱାଇଁ, ନିଆଳି ପ୍ରେସ୍ କ୍ଲବର ଉପଦେଷ୍ଟାସାମ୍ବାଦିକ ସୁବାସ ଚନ୍ଦ୍ର ମହାପାତ୍ର, ସଭାପତି ମନୋରଂଜନ ଶତପଥୀ, ସମାଜସେବୀ ନ୍ୟାୟବ୍ରତ ରାଉତ, ଯୋଗେନ୍ଦ୍ର ଦାସ, ପିତାମ୍ବର ରାଉତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି କୁଜଙ୍ଗ ଜଗନ୍ନାଥ ମନ୍ଦିର ପରିସରରେ ବଳଦେବଜୀଉ ସାଂସ୍କୃତିକ ପରିଷଦ କୁଜଙ୍ଗ ପକ୍ଷରୁ ଏକ ଶୋକସଭା, କବିତା ପାଠ ଓ ନୀରବ ପ୍ରାର୍ଥନା ସହ ତାଙ୍କ ସାମାଜିକ ତଥା ସାଂସ୍କୃତିକ ଜୀବନକୁ ନେଇ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ପରିଷଦର ସଭାପତି ଶଙ୍କର ଦାସଙ୍କ ସଭାପତିତ୍ୱ ଓ ବରିଷ୍ଠ ସାମ୍ବାଦିକ ଜୀବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରଦା ସମ୍ପାଦକ ସରୋଜ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ଦୀନବନ୍ଧୁ ସେନାପତି ଓ ସରୋଜ କୁମାର ବେଉରା ପ୍ରମୁଖ ଯୋଗ ଦେଇଥିଲେ। କବି ଗୀତା ଦାସଙ୍କ ସଂଯୋଜନାରେ କବି ନବୀନ ପ୍ରଧାନ, ଜୟନ୍ତୀ ଦାସ, ରୁନୁବାଳା ମଲ୍ଲିକ୍ ପ୍ରମୁଖ କବିତା ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚାଷୀ ନେତା ନୂତନ ତ୍ରିପାଠୀ, ସୁଭାଷ ସାମନ୍ତରାୟ, ନବୀନ କୁମାର ପ୍ରଧାନ, ଛବିନ୍ଦ୍ର ସାହୁ, ନିମାଇଁ ଚରଣ ସୁନ୍ଦରରାୟ, ବିଜୟ ଖଟେଇ, ଧ୍ରୁବ ଚରଣ ପଣ୍ଡା ଓ ଝରେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଥିଲେ।

## ପରିବେଶବିତ୍ ମୁରଲୀଧର ସ୍ୱାଇଁଙ୍କ ପରଲୋକ

ଜଗତସିଂହପୁର,୩।୮ (ସମିସ): ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ପରିବେଶବିତ୍ ଏବଂ ପ୍ରକୃତିପ୍ରେମୀ ମୁରଲୀଧର ସ୍ୱାଇଁ (୮୭)ଙ୍କ ଗତକାଲି ପରଲୋକ ହୋଇଯାଇଛି। ସେ ଲିଭର ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଦୀର୍ଘ ୪୦ବର୍ଷ ମୃର୍ତ୍ତିକା ସଂରକ୍ଷଣ ବିଭାଗରେ ଅଧିକାରୀ ରୂପେ କାମ କରି ସେ ରାଜ୍ୟର ପରିବେଶର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଅବସର ପରେ ସେ ଧଳତଙ୍ଗଗଡ ସଂଲଗ୍ନ ପାଞ୍ଚ ଏକର ଜମିରେ ଚାରା ତିଆରି କରି ଚାଷୀମାନଙ୍କୁ ମାଗଣାରେ ବଣ୍ଟନ କରି ଆସୁଥିଲେ। ସେ ଗୌହାଟୀରୁ ଗୁଆ, କେରଳରୁ ଉନ୍ନତ ମାନର ନଡ଼ିଆ ଚାରା ଆଣି ଚାଷୀଙ୍କୁ ପ୍ରଦାନ କରୁଥିଲେ। ଓଡ଼ିଶା ସରକାରଙ୍କ ପରିଚାଳିତ ଆତ୍ମା (ଏଗ୍ରିକଲଚରାଲ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ ଏଜେନ୍ସି)ର ସେ ରଘୁନାଥପୁର ମଣ୍ଡଳ ସଂଯୋଜକର କାର୍ଯ୍ୟ ଦୀର୍ଘଦିନ ଧରି ନିର୍ବାହ କରିଥିଲେ।

## ଶୋଭା ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବାଲିକୁଦା,୩।୮ (ସମିସ): ବାଲିକୁଦା ବ୍ଲକ ଓଷକଣା ଶୋଭାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅପର୍ତ୍ତି ଚରଣ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ଜ୍ଞାନବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥିମାନଙ୍କ ମଧ୍ୟରେ ସମ୍ପାଦକ ବାସୁଦେବ ରାଉତ, ପ୍ରତିଷ୍ଠାତା ତଥା ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ଯୋଗଦେଇଥିଲେ। ମୋଟ ୨୪୯ଟି ପ୍ରକଳ୍ପ ଶିଶୁମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ବେଳେ ବିଚାରକ ଭାବେ ଆଚାର୍ଯ୍ୟ ତରୁଣ କୁମାର ବିଶ୍ୱାଳ, ଆଚାର୍ଯ୍ୟ ଧର୍ମେନ୍ଦ୍ର ସାହୁ ଓ ଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ମୁଦୁଲି ଶିଶୁମାନଙ୍କର ପ୍ରକଳ୍ପକୁ ପରିଦର୍ଶନ କରିଥିଲେ। ପ୍ରକଳ୍ପ ଗୁଡିକୁ ନିରୀକ୍ଷଣ କରିବା ନିମନ୍ତେ ଶିକ୍ଷୟିତ୍ରୀ ସଂଘମିତ୍ରା ନାୟକ, ସନ୍ତୋଷିନୀ ପରିଜା ଓ ଶିକ୍ଷକ ରାଜେଶ କୁମାର ଦାସ ଯୋଗ ଦେଇଥିଲେ। ଏହି ମେଳାରେ କମିଟିର କୋଷାଧକ୍ଷ ଆଦିତ୍ୟ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଗୋପେଶ ନାରାୟଣ ଦାସ, ସଦସ୍ୟା କଳ୍ପନା ଗୋଛାୟତ ଓ ତପସ୍ୱିନୀ ମୁଦୁଲି ଅତିଥି ରୂପେ ଯୋଗ ଦେଇଥିଲେ। ବିଭିନ୍ନ ବର୍ଗ ଅନୁସାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଶିଶୁମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଆଚାର୍ଯ୍ୟ ହେମନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ମେଳାକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, କାର୍ଯ୍ୟାଳୟ ସହାୟକ ଓ ସେବିକାମାନେ ପରିଚାଳନା କରିଥିଲେ।

**ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଅଠରତମ ଅଧ୍ୟାୟ**

## ଲୁକ୍କାୟିତ ଇତିହାସ ଓ ସ୍ଥାପତ୍ୟର ସନ୍ଧାନ

ଜଗତସିଂହପୁର,୩।୮ (ସମିସ)




ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ୧୮ତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଲୁକ୍କାୟିତ ଐତିହ୍ୟର ଅନ୍ୱେଷଣରେ ବାହାରିଥିବା ଏହି ପଦଯାତ୍ରାର ପ୍ରଥମ ସ୍ଥଳୀ ଥିଲା ଦେଢ଼ସରଦେଉଳି ଗ୍ରାମର ଚମ୍ପେଶ୍ୱର ଶିବ ମନ୍ଦିର। ମନ୍ଦିରଟି ଆଧୁନିକ କାଳରେ ସମ୍ପୂର୍ଣ୍ଣ ନୂତନ ରୂପ ନେଇଥିଲେ ହେଁ, ଏହାର ଗର୍ଭଗୃହ ଓ ପରିସରରେ ଭରି ରହିଛି ସୋମବଂଶୀ କାଳର ଅମୂଲ୍ୟ ପ୍ରାଚୀନ ମୂର୍ତ୍ତି ସମୂହ। ଶୈବପୀଠର ପାର୍ଶ୍ୱଦେବତା ରୂପେ ଦୁଇଟି ଛୋଟ-ବଡ଼ ଗଣେଶ, କାର୍ତ୍ତିକେୟ, ଦେବୀ ମନସା ଏବଂ ଆସ୍ତିକ ଜରତକାରୁ ବିଦ୍ୟମାନ ଅଛନ୍ତି। ଏଥି ସହିତ ଏକ ବରାହ ମୂର୍ତ୍ତି ମଧ୍ୟ ମନ୍ଦିର ପରିସରରେ ଦେଖିବାକୁ ମିଳେ। ଚମ୍ପେଶ୍ୱରଙ୍କ ଏହି ପୀଠରେ ଦୁଇଟି ମହିଷାମର୍ଦ୍ଦିନୀ ମୂର୍ତ୍ତି ଦେଖିବାକୁ ମିଳନ୍ତି। ଯେଉଁଥିରୁ ଗୋଟିଏ ସମ୍ପୂର୍ଣ୍ଣ ଭଗ୍ନ ହୋଇଥିବା ବେଳେ ଅନ୍ୟଟି ଅତ୍ୟନ୍ତ ଅପରୂପା ଓ କମନୀୟା। ଏହାଛଡ଼ା ମସ୍ତକ ଚ୍ୟୁତ ହୋଇଥିବା ଏକ ଭଗ୍ନ ଭୈରବ ମୂର୍ତ୍ତି ମଧ୍ୟ ପୀଠରେ ରହିଛି। ମନ୍ଦିରର ଭିତର କାନ୍ଥରେ ଏକ ଅତି କମନୀୟ ପାର୍ବତୀ ମୂର୍ତ୍ତି ସହିତ ଏକ ଅତ୍ୟନ୍ତ ବିରଳ ଦଶଭୁଜ ବିଷ୍ଣୁ ମୂର୍ତ୍ତି ଦେଖିବାକୁ ମିଳିଲା। ଯାହାକୁ ସ୍ଥାନୀୟ ଲୋକେ ଶିବ-ପାର୍ବତୀ ଭାବେ ଭକ୍ତିଭାବରେ ପୂଜା କରିଆସୁଛନ୍ତି। ଐତିହ୍ୟ ପଦଯାତ୍ରା ଆଗକୁ ବଢ଼ି ପହଞ୍ଚିଥିଲା ସାଁପୁର ଗ୍ରାମର ଷୋଳପୁଅ ମା’ ମନ୍ଦିର ପ୍ରାଙ୍ଗଣରେ। ଏଠାକାର ମନ୍ଦିର ପରିସରରେ ରହିଛି ଦଶମ-ଏକାଦଶ ଶତାବ୍ଦୀର ଏକ ଅତ୍ୟନ୍ତ ବିରଳ ବିଷ୍ଣୁମୂର୍ତ୍ତି। ଏହାର ମସ୍ତକ ଭଗ୍ନ ହୋଇଥିଲେ ମଧ୍ୟ ଏହାର ଗଠନ ଶୈଳୀ ସାଧାରଣ ବିଷ୍ଣୁ ମୂର୍ତ୍ତିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଯାହାକି ଆଜିକାଲିର ୩ଡି ପ୍ରତିକୃତି ଭଳି ପ୍ରତୀୟମାନ ହୁଏ। ଏହି ପୀଠରେ ଦୁଇଟି ବିଶାଳ ଗରୁଡ଼ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳନ୍ତି। ତୃତୀୟ ପର୍ଯ୍ୟାୟରେ ସମସ୍ତ ଐତିହ୍ୟ ପଦଯାତ୍ରୀ ନିମାପଡ଼ା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରରେ ପହଞ୍ଚିଥିଲେ। ଏଠାରେ ଗଙ୍ଗବଂଶ କାଳୀନ ଏକ ଅତି ମନୋଜ୍ଞ ଓ କମନୀୟ ବିଷ୍ଣୁ ପ୍ରତିମାର ଦେଖିବାକୁ ମିଳିଥିଲା। ଏହି ପଦଯାତ୍ରାରେ ପ୍ରଧାପକ ସୁରେଶ ପ୍ରସାଦ ମିଶ୍ର, ଅଧାପକ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ବିଶ୍ୱରଞ୍ଜନ ଦେହୁରୀ ଏବଂ ସଂସ୍ଥାପକ ଶ୍ରୀକାନ୍ତ ସିଂହଙ୍କ ସାମିଲ ହୋଇଥିଲେ। ଏଥିସହିତ ଶୁଭମ୍ କୁମାର, ତ୍ରିଲୋଚନ ସ୍ୱାଇଁ, ଦେବାଶିଷ ପାତ୍ର, ରୁଦ୍ରମାଧବ ଦାଶ, ଶୌର୍ଯ୍ୟ ପ୍ରକାଶ ନାୟକ, ସ୍ୱାଧୀନ ସାହୁ, ସୌରଭ ସିଂହ, ଦିନେଶ ସ୍ୱାଇଁ, ରତି ରଞ୍ଜନ ପଣ୍ଡା, ସିଦ୍ଧାର୍ଥ ମହାପାତ୍ର, ମାଧବାନନ୍ଦ ଭୋଇ, ସ୍ୱରାଜ ମଲ୍ଲିକ, ହୃଦାନନ୍ଦ ବେହେରା, ହୃଷିକେଶ ବେହେରା ଓ ସମ୍ବିତ୍ ସିଂହ ପ୍ରମୁଖ ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଜଗତସିଂହପୁର, ପୁରୀ, କଟକ, ଭୁବନେଶ୍ୱର ତଥା ଢେଙ୍କାନାଳ ଆଦି ଅଞ୍ଚଳରୁ ପ୍ରାୟ ୨୫ ଜଣରୁ ଅଧିକ ଐତିହ୍ୟାନୁରାଗୀ ବନ୍ଧୁମାନେ ଯୋଗ ଦେଇ ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସମ୍ପାଦକୀୟ



ମଣିଷକୁ ଆକ୍ରାନ୍ତ କରୁଥିବା ରୋଗ ଭିତରୁ ଉଦାସୀନତା ସବୁଠାରୁ ଭୟଙ୍କର।
-ବି ଆର ଆମ୍ବେଦକର

ସକାଳ
THE SAKALA

## ଇସ୍ରୋର ଆହ୍ୱାନ

ଆଜିର ସୂଚନା ପ୍ରସାରଣର ସଫଳତା ପଛରେ ମହାକାଶ ବିଜ୍ଞାନ, ବିଶେଷକରି କୃତ୍ରିମ ଉପଗ୍ରହର ଭୂମିକା ଅନସ୍ୱୀକାର୍ଯ୍ୟ। ଯେଉଁ ଦେଶ ମହାକାଶ ବିଜ୍ଞାନରେ ଯେତେ ଶକ୍ତିଶାଳୀ, ତା'ର ପ୍ରତିରକ୍ଷା ପ୍ରଣାଳୀ ଓ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ତଦନୁଯାୟୀ ଉନ୍ନତ ଓ ସୁଦୃଢ଼। ସୂଚନା ପ୍ରଯୁକ୍ତି ବିଜ୍ଞାନର ଏହି ଜୟଯାତ୍ରା ପଛରେ ନିରନ୍ତର ଓ ଉଲ୍ଲେଖନୀୟ ଅବଦାନ ରହିଛି ଦେଶର ମହାକାଶ ବିଜ୍ଞାନ ଗବେଷଣା ସଂସ୍ଥାନମାନଙ୍କର। ଯଦି ଏହି ସଂସ୍ଥାଗୁଡ଼ିକ କ୍ରମଶଃ ସ୍ଥାଣୁ କିମ୍ବା ଦୁର୍ବଳ ହୋଇପଡ଼ନ୍ତି ତାହାର ପ୍ରଭାବ ସମ୍ପୃକ୍ତ ଦେଶ ସାମଗ୍ରିକ କ୍ଷେତ୍ରରେ ପ୍ରତିଫଳିତ ହେବା ସ୍ୱାଭାବିକ। ସମ୍ପ୍ରତି ସେଭଳି ଆହ୍ୱାନର ସମ୍ମୁଖୀନ ହୋଇଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ(ଇସ୍ରୋ)।

ଇସ୍ରୋର ତଥ୍ୟାଭିଜ୍ଞ ମହଲର ସୂଚନା ଅନୁଯାୟୀ, ଉପଗ୍ରହ ଉତ୍କ୍ଷେପଣରେ କ୍ରମାଗତ ବିଫଳତା, ଗଗନଯାନ ଆରମ୍ଭରେ ବିଳମ୍ବ, ଅନ୍ୟାନ୍ୟ ପ୍ରକଳ୍ପ ଅଗ୍ରଗତିରେ ମନ୍ଥରତା ସହିତ ଘରୋଇ ମହାକାଶ ବିଜ୍ଞାନ ସଂସ୍ଥାର ପ୍ରତିଦ୍ୱନ୍ଦ୍ୱିତା ଇସ୍ରୋର ପ୍ରତିଷ୍ଠା ଓ ଭବିଷ୍ୟତ ଆଗରେ ଅନେକ ଆହ୍ୱାନ ସୃଷ୍ଟି କରିଛି। ନିକଟରେ ୧୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଇସ୍ତଫା ଓ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିବା ପରେ ଇସ୍ରୋର ସ୍ଥିତି ଓ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନେକ ଭାରତର ବହୁ ଇପ୍ସିତ ପ୍ରକଳ୍ପ ଗଗନଯାନରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ କେତେକ ବରିଷ୍ଠ ବୈଜ୍ଞାନିକ ଚନ୍ଦ୍ରଯାନ - ୩ ଭଳି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ମୁଖ୍ୟ ବିନ୍ଧାଣୀ ଥିଲେ। ତେଣୁ ଉକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ଆହୁରି ଅଧିକ ବିଳମ୍ବ ହେବାର ଆଶଙ୍କା କରାଯାଉଛି। ବୈଜ୍ଞାନିକମାନଙ୍କର ଇସ୍ତଫା ଓ ଅବସର ଆବେଦନ ଗ୍ରହଣ କରାଯାଇ ନଥିଲେ ମଧ୍ୟ ଏହା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ ବୋଲି କୁହାଯାଉଛି।

ଇସ୍ରୋର ପୂର୍ବତନ ବୈଜ୍ଞାନିକମାନଙ୍କ ସୂଚନା ଅନୁଯାୟୀ ଗତ ଛଅ ଦଶନ୍ଧି ମଧ୍ୟରେ ଇସ୍ରୋ ଏଭଳି ଚାରିଟି ସଙ୍କଟର ସମ୍ମୁଖୀନ ହୋଇଛି। ବିଗତ ଶତାବ୍ଦୀ ଅଶୀ ଦଶକରେ ଉପସାଗରୀୟ ଦେଶମାନେ ମହାକାଶ ବିଜ୍ଞାନ ଗବେଷଣା ଆରମ୍ଭ କରିବା ପରେ ଇସ୍ରୋର ବହୁ ବୈଜ୍ଞାନିକ ଅଧିକ ଦରମା ଆଶାରେ ସେଠାକୁ ଚାଲିଯାଇଥିଲେ। ୧୯୯୦ ଦଶକ ପ୍ରାରମ୍ଭରେ ଭାରତରେ ଟେଲିକମ୍ ବିପ୍ଳବ ଆରମ୍ଭ ହେବା ପରେ ଘରୋଇ ଟେଲିକମ୍ ସଂସ୍ଥାମାନେ ବହୁ ଅଧିକ ବେତନରେ ଇସ୍ରୋର ବୈଜ୍ଞାନିକମାନଙ୍କୁ ନିଯୁକ୍ତି ଦେବାରୁ ଇସ୍ତଫା ସୁଅ ଛୁଟିଥିଲା। ଚଳିତ ଶତାବ୍ଦୀର ପ୍ରାରମ୍ଭରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିପ୍ଳବ ପରେ ସମାନ ଧାରାର ପୁନରାବୃତ୍ତି ଘଟିଥିଲା। ସମ୍ପ୍ରତି ଭାରତର ମହାକାଶ ବିଜ୍ଞାନ ଘରୋଇ ସଂସ୍ଥାମାନଙ୍କ ପାଇଁ ଉନ୍ମୁକ୍ତ ହେବା ପରେ ସେମାନେ ତୁଳନାତ୍ମକ ଭାବେ ବହୁ ଅଧିକ ପାରିଶ୍ରମିକ ଦେଇ ଇସ୍ରୋରୁ ବୈଜ୍ଞାନିକମାନଙ୍କୁ ନିଯୁକ୍ତି ଦେଉଛନ୍ତି। ଏବେ ଇସ୍ରୋରେ ଅନୁମୋଦିତ ପଦସଂଖ୍ୟାର ମାତ୍ର ୭୨% କାମ କରୁଛନ୍ତି। ଏହି ଧାରା ଜାରି ରହିଲେ ଭାରତର ମହାକାଶ ବିଜ୍ଞାନ ଘରୋଇ ସଂସ୍ଥାମାନଙ୍କ କବଳକୁ ଚାଲିଯିବା ବିଚିତ୍ର ନୁହେଁ।

୧୯୯୦ ଦଶକରେ ଜଗତିକରଣ, ଘରୋଇକରଣ ଓ ଉଦାରୀକରଣ ଆରମ୍ଭ ହେବା ପରେ ଏହାର ଉଦ୍ୟୋକ୍ତା ତଥା ବିଚକ୍ଷଣ ଅର୍ଥନୀତିଜ୍ଞ ଡ. ମନମୋହନ ସିଂହ ପ୍ରତିରକ୍ଷା, ମହାକାଶ ବିଜ୍ଞାନ, ବୀମା ଭଳି କେତେକ ସମ୍ବେଦନଶୀଳ କ୍ଷେତ୍ରକୁ ଘରୋଇକରଣ ପାଇଁ ମୁକ୍ତ କରି ନ ଥିଲେ। କିନ୍ତୁ ଗତ ଦଶନ୍ଧିରେ ଏହି କ୍ଷେତ୍ରଗୁଡ଼ିକ ଉନ୍ମୁକ୍ତ ହୋଇଯିବାର ପରିଣତି ଏବେ ଦେଖିବାକୁ ମିଳୁଛି। ଗତ ଜୁଲାଇ ୨୩ ତାରିଖରେ କେନ୍ଦ୍ର ସରକାର ସଂସଦରେ ଦେଇଥିବା ସୂଚନା ଅନୁଯାୟୀ ୨୦୧୪ରେ ଭାରତରେ ମାତ୍ର ଗୋଟିଏ ଘରୋଇ ମହାକାଶ ବିଜ୍ଞାନ ସଂସ୍ଥା ଥିବା ବେଳେ ୨୦୨୬ ସୁଦ୍ଧା ୪୦୦ଟି ସଂସ୍ଥା କାର୍ଯ୍ୟରତ। ସେହିପରି ୨୦୨୧-୨୨ରେ ଭାରତରେ ମହାକାଶ ବିଜ୍ଞାନ ଷ୍ଟାର୍ଟଅପ୍‌ରେ ମୋଟ ପୁଞ୍ଜି ନିବେଶ ପରିମାଣ ୧୦୦.୫ ନିୟୁତ ଡଲାର ଥିବା ବେଳେ ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ୬୧୮.୫ ନିୟୁତ ଡଲାରକୁ ବୃଦ୍ଧି ପାଇଛି। ଷ୍ଟାର୍ଟଅପ୍ ସଂସ୍ଥାଗୁଡ଼ିକ ବୈଜ୍ଞାନିକମାନଙ୍କୁ ଯେତିକି ଦରମା ଦେଉଛନ୍ତି ତାହା ଇସ୍ରୋର ଦରମାଠାରୁ ୫/୬ ଗୁଣା ଅଧିକ। ତେଣୁ ଇସ୍ରୋର ବୈଜ୍ଞାନିକମାନେ ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଆଗ୍ରହୀ ନୁହନ୍ତି।

ଦେଶ ପାଇଁ କାର୍ଯ୍ୟ କରିବାର ଆନନ୍ଦ ଓ ଅନୁଭୂବ ଅନନ୍ୟ। କିନ୍ତୁ ଯେଉଁଠି ଅର୍ଥ ଓ ପ୍ରତିପତ୍ତି ଲୋଭ ପାଇଁ ନିର୍ବାଚିତ ଜନପ୍ରତିନିଧିମାନେ ଆଇନର ଗଳାବାଟ ଦେଇ ଦଳବଦଳାଇ ପାରୁଛନ୍ତି ସେଠାରେ ବୈଜ୍ଞାନିକମାନେ ଚାକିରି ଛାଡ଼ିବେ ନାହିଁ କାହିଁକି ବୋଲି ମଧ୍ୟ ଯୁକ୍ତି ହେଉଛି। ଇସ୍ରୋ ଛାଡ଼ିଥିବା କେତେକ ବୈଜ୍ଞାନିକଙ୍କ ମତରେ ସରକାରୀ କ୍ଷେତ୍ରରେ କାମ କରି ଆଗକୁ ବଢ଼ିବାର ସୁଯୋଗ ନାହିଁ। ଅନ୍ୟ ଅର୍ଥରେ କହିଲେ ଗବେଷଣା, ନବସୃଜନ ଆଧାରିତ ପଦୋନ୍ନତିର ପରିବେଶ ସରକାରୀ କ୍ଷେତ୍ରରେ ସଂକୁଚିତ। ତେଣୁ ଯେଉଁଠି ସେ ସୁଯୋଗ ରହିଛି ସେଠାକୁ ପ୍ରତିଭା ପଳାୟନ ଏକ ସାଧାରଣ କଥା। ଏବେ ମହାକାଶ ବିଜ୍ଞାନ ମୌଳିକ ବିଜ୍ଞାନ ଓ ଗବେଷଣାର ପରିଧି ଭିତରୁ ବାହାରି ବାଣିଜ୍ୟ ବା ବଜାର ଅର୍ଥନୀତିର ଅଂଶବିଶେଷ ହୋଇସାରିଛି। ବିଶ୍ୱର ମହାକାଶ ବିଜ୍ଞାନ ବଜାରରେ ଭାରତର ଅବଦାନ ଏବେ ମାତ୍ର ୨% ବା ୮୦୦ କୋଟି ଡଲାର। ୨୦୩୩ ସୁଦ୍ଧା ଏହାକୁ ୪୪୦୦ କୋଟି ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଭାରତରୁ ଏଭଳି ପ୍ରତିଭା ପଳାୟନ ଜାରି ରହିଲେ ଏହି ଲକ୍ଷ୍ୟ ସୁଦୂର ପରାହତ ହେବ। ଅଧିକନ୍ତୁ ମେକ୍ ଇନ୍ ଇଣ୍ଡିଆ ଘରୋଇ ସଂସ୍ଥାଙ୍କ ଅଧୀନରେ ପରିଚାଳିତ ଓ ସାକାର ହେବା ଅସମ୍ଭବ ନୁହେଁ।

## ମହାନଦୀର ଅସ୍ତିତ୍ୱସଙ୍କଟ

**ସୌଭାଗ୍ୟ ସୁନ୍ଦରରାୟ**

ପଡ଼ୋଶୀ ଛତିଶଗଡ଼ର ଅମରକଣ୍ଟକ ମହାନଦୀର ଉତ୍ପତ୍ତି ସ୍ଥଳ। ଓଡ଼ିଶା ମଧ୍ୟରେ ଏହା ୪୯୦ କିଲୋମିଟରର ପଥ ଗତି କରିଥିବା ବେଳେ ଛତିଶଗଡ଼ରେ ଏହାର ଯାତ୍ରା ପଥ ପ୍ରାୟ ୩୫୭ କିଲୋମିଟର। ଇତିମଧ୍ୟରେ ମହାନଦୀର ପ୍ରାକୃତିକ ରୂପରେଖରେ ପରିବର୍ତ୍ତନ ଘଟିଥିବା ପରିଲକ୍ଷିତ ହେଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାଣିପାଗରେ ଅସ୍ୱାଭାବିକତା, ନଦୀ ମୂଳ ଶଯ୍ୟାରେ ମାନବିକ ହସ୍ତକ୍ଷେପ, ଅନିୟନ୍ତ୍ରିତ ବାଲିଉଠାଣ ଯୋଗୁଁ ମହାନଦୀ କ୍ରମଶଃ ନିଜ ସ୍ଥିତି ହରାଇବାକୁ ବସିଲାଣି। ନଦୀରେ ଗତ କିଛିବର୍ଷ ହେଲା ଆଉ ବଡ଼ ବନ୍ୟା ଦେଖାଯାଉ ନାହିଁ। ଛତିଶଗଡ଼ ପାର୍ଶ୍ୱରେ ଥିବା ମହାନଦୀ ଓ ଏହାର ଶାଖାନଦୀରେ ସେଠାକାର ସରକାର ବନ୍ଧ ବାନ୍ଧି ପାଣି ଅଟକାଇବା ପରେ ମହାନଦୀର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ଖରାଦିନେ ନଦୀଶଯ୍ୟା ବହୁ ସ୍ଥାନରେ ଶୁଖିଲା ପଡ଼ୁଛି।

୨୦୨୦ ଅଗଷ୍ଟ ମାସ ଶେଷ ସପ୍ତାହରେ ଲଘୁଚାପ ବର୍ଷା ଯୋଗୁଁ ରାଜ୍ୟର ଉପକୂଳ ଜିଲ୍ଲାରେ ଜଳପ୍ରଳୟ ଦେଖା ଦେଇଥିଲା। ଚଳିତ ବର୍ଷ ମହାନଦୀର ମୁଣ୍ଡଳୀ ନିକଟରେ ୮ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ତ୍ରିକୋଣଭୂମି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ୧୯୮୨ ମସିହାରେ ମହାନଦୀରେ ନରାଜ ନିକଟରେ ୧୫ ଲକ୍ଷ ୮୪ ହଜାର ଘନଫୁଟ ଜଳ ପ୍ରବାହିତ ହୋଇଥିଲା। ଫଳରେ ଭୁବନେଶ୍ୱର ଉପକଣ୍ଠ ପଲାଶୁଣି ନିକଟରେ କୁଆଖାଇ ବନ୍ୟାଜଳ ଜାତୀୟ ରାଜପଥ ଉପର ଦେଇ ପ୍ରବାହିତ ହେଉଥିଲା। କଟକ- ଭୁବନେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଦେବୀ ନଦୀର ଦଳେଇଘାଇ ନିକଟରେ ନଦୀ ବନ୍ଧ ଭାଙ୍ଗି ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ୧୯୮୨ ମସିହାରେ ପଲାଶୁଣିର ଯେଉଁ ଅଞ୍ଚଳ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିଲା ଏବେ ସେହି ସ୍ଥାନରେ ସହସ୍ରାଧିକ ଉଚ୍ଚ ଅଟ୍ଟାଳିକା ଛିଡ଼ା ହୋଇଛି। ଏ ଅଞ୍ଚଳ ଦେଇ ଏକଦା ଯେ ବନ୍ୟା ଜଳ ପ୍ରବାହିତ ହୋଇ ତଳ ମୁଣ୍ଡକୁ ନିଷ୍କାସିତ ହେଉଥିଲା ତାହା କେହି ବର୍ତ୍ତମାନ କଳ୍ପନା କରିପାରିବେ ନାହିଁ। ମହାନଦୀ ଅବବାହିକାରେ ୨୦୦୧ ମସିହାରେ ପ୍ରାୟ ୧୪ ଲକ୍ଷ, ୨୦୦୩ ମସିହାରେ ୧୩ ଲକ୍ଷ ୫୦ ହଜାର, ୨୦୦୮ ମସିହାରେ ୧୩ ଲକ୍ଷ, ୨୦୧୧ ମସିହାରେ ୧୩ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଏଥିଯୋଗୁଁ ମଧ୍ୟମରୁ ବଡ଼ ଧରଣର ବନ୍ୟା ହୋଇଥିଲା। କିନ୍ତୁ ୨୦୨୦ ମସିହାରେ ୮ ଲକ୍ଷ ଘନଫୁଟ ଜଳରେ ବନ୍ୟା ଅବସ୍ଥା ସୃଷ୍ଟି ହୋଇଥିଲା। ଏବେ ଦେଖାଯାଉଛି ଯେ ରାଜ୍ୟବାସୀଙ୍କ ଦୁର୍ଦ୍ଦଶା ପାଇଁ ବନ୍ୟା ଯେତେ ପରିମାଣରେ ଦାୟୀ, ତା'ଠାରୁ ଅଧିକ ଦାୟୀ ଜଳ ନିଷ୍କାସନର ସମସ୍ୟା। ପୂର୍ବରୁ ବନ୍ୟା ବା ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ଯେପରି ସ୍ୱଚ୍ଛନ୍ଦ ଥିଲା, ନିର୍ମାଣ ଓ ସହରୀକରଣ ଯୋଗୁଁ ତାହା ଏବେ ପରିଲକ୍ଷିତ ହେଉନାହିଁ। ନିଷ୍କାସନ ପଥ ଅବରୋଧ। ସାମାନ୍ୟ ଲଘୁଚାପ ବର୍ଷାରେ ଦୀର୍ଘ ଦିନ ଧରି ପାଣି ଜମି ରହିବା ଯୋଗୁଁ ଧାନ ଓ ପରିପରିବା ଫସଲ ପଚିସଢ଼ି ଯାଉଛି। ଯୋଗାଯୋଗ ବିଚ୍ଛିନ୍ନ ରହୁଛି। ରାସ୍ତା ନଷ୍ଟ ହେଉଛି। ୨୦୧୯ ମସିହାରେ ଆକସ୍ମିକ ଭାବେ ପ୍ରବଳ ବର୍ଷା ଯୋଗୁଁ ପଶ୍ଚିମାଞ୍ଚଳର ବଲାଙ୍ଗୀର ପରି ସହର କୃତ୍ରିମ ବନ୍ୟାରେ ଉବୁଟୁବୁ ହୋଇଯାଇଥିଲା।

ଦେଖାଯାଉଛି ମହାନଦୀ ଅବବାହିକା ଅଞ୍ଚଳରେ ବନ୍ୟା ପାଇଁ ହୀରାକୁଦ ଜଳ ତୁଳନାରେ ହୀରାକୁଦ ତଳମୁଣ୍ଡ ଜଳ ଗତ କିଛିବର୍ଷ ହେଲା ଅଧିକ ସମସ୍ୟାର କାରଣ ହେଉଛି। ୧୯୮୨ ମସିହା ବନ୍ୟାରେ ହୀରାକୁଦ ତଳମୁଣ୍ଡର ଉପନଦୀଗୁଡ଼ିକର ଅବଦାନ ଥିଲା ୧୦ ଲକ୍ଷ ୨୫ ହଜାର ଘନଫୁଟ। ସେହିପରି ୧୯୯୧ ମସିହାରେ ନରାଜଠାରେ ୧୨ ଲକ୍ଷ ୨୧ ହଜାର ଘନଫୁଟ ପାଣି ପ୍ରବାହିତ ହେଉଥିବା ବେଳେ ଏଥିରେ ଉପନଦୀର ଅବଦାନ ଥିଲା ୧୧ ଲକ୍ଷ ଘନଫୁଟ। ସମାନ ଭାବେ ୨୦୦୮ ମସିହା ବନ୍ୟା ମୁଖ୍ୟତଃ ହୀରାକୁଦର ତଳମୁଣ୍ଡରେ ଥିବା ମହାନଦୀର ଉପନଦୀଗୁଡ଼ିକ ଯୋଗୁଁ ଘଟିଥିଲା। ଦୀର୍ଘଦିନ ହେଲା ମହାନଦୀ ଶାଖା ବା ଉପନଦୀରେ ସ୍ୱାଭାବିକ ଜଳ ପ୍ରବାହ ନିଶ୍ଚିତ କରିବା ବା ସଂରକ୍ଷଣ ପାଇଁ ଦୂରଦୃଷ୍ଟିସଂପନ୍ନ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ତେଲ, ହାତୀ, ହରିହରଯୋର, ଶାଲୁଙ୍କି, ଜିରା, ଅଙ୍ଗ, ଶୁକତେଲ, ଡାହୁକା, କୁସୁମୀ ଆଦି ଉପନଦୀଗୁଡ଼ିକର ଜଳପ୍ରବାହକୁ ସୁନିୟନ୍ତ୍ରିତ ଓ ସୁପରିଚାଳନା ପାଇଁ ପଦକ୍ଷେପ ଅଦ୍ୟାବଧି ନିଆଯାଇ ନାହିଁ। କେବଳ ମଝିରେ ମହାନଦୀ ଉପରେ ଟିକରପଡ଼ା, ମଣିଭଦ୍ରା, ସୁବଳୟା ଓ ସିଣ୍ଡୋଳ ପ୍ରକଳ୍ପ କଥା ଉଠିଥିଲା। ଏହା ସମ୍ଭବପର ନଥିଲା କି ଏବେ ମଧ୍ୟ ନୁହେଁ। କାରଣ ହୀରାକୁଦ ବିସ୍ଥାପିତଙ୍କ କ୍ଷତ ଆଜିଯାଏ ଶୁଖିନାହିଁ। ଟିକରପଡ଼ା ଓ ମଣିଭଦ୍ରାକୁ ନେଇ ପୂର୍ବରୁ ଆନ୍ଦୋଳନ ହୋଇସାରିଛି।

ସେହିପରି ମହାନଦୀର ଶାଖା ନଦୀରେ ଜଳସଂରକ୍ଷଣ ପାଇଁ ବିଗତ ୪୦ ବର୍ଷ ମଧ୍ୟରେ କୌଣସି ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାନଯିବା ଯୋଗୁଁ ତ୍ରିକୋଣଭୂମି ଅଞ୍ଚଳରେ ଅନେକ ଶାଖାନଦୀ ଏବେ ପ୍ରାୟ ମୃତ। ମୁଣ୍ଡଳୀ ବ୍ୟାରେଜ ପରେ ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଯାଇଛି। ମହାନଦୀର ବାମପାର୍ଶ୍ୱରୁ ବିରୂପା ନଦୀ ଶାଖା ମେଲାଇଥିବା ବେଳେ ଦକ୍ଷିଣରେ କାଠଯୋଡ଼ି ଯାଇଛି। କାଠଯୋଡ଼ିର ଦକ୍ଷିଣରେ କାଜିପାଟଣା ନିକଟରୁ କୁଆଖିଆ ନଦୀ ବାହାରି ଦୟା, ଭାର୍ଗବୀ ଓ କୁଶଭଦ୍ରା ଆଦି ଶାଖାନଦୀ ନାମରେ ପୁରୀ ଜିଲ୍ଲାକୁ ଘେରିଛି। ପୁଣି କାଠଯୋଡ଼ି ଆଗକୁ ଯାଇ ଦେବୀ, ସିରୁଆ, କନ୍ଦଳ, ଛିଣ୍ଡା, ଦଇଖାଇ, ବିଲୁଆଖାଇ, ଅଳକା ଆଦିରେ ପରିଣତ ହୋଇଥିବା ବେଳେ ମୂଳ ମହାନଦୀ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ଲୁଣା, ଚିତ୍ରୋପଳା, ଗେଙ୍ଗୁଟି ଓ ପାଇକା ଆଦି ଏକାଧିକ ଶାଖାନଦୀରେ ପରିଣତ ହୋଇଛି। ଏହି ସମସ୍ତ ନଦୀ ଶଯ୍ୟାର ବହୁ ସ୍ଥାନରେ ପଠା ଓ ଚଡ଼ା ସୃଷ୍ଟି ହୋଇଛି। ମୁହାଁଣ ପୋତି ହୋଇଯାଇଛି।

୨୦୧୮ ମସିହାରେ ମହାନଦୀ ମାଷ୍ଟର ପ୍ଲାନ ବିଷୟ ସରକାର ଘୋଷଣା କଲେ। ୭ ବର୍ଷ ତଳର ଏହି ଘୋଷାଣା ଅନୁଯାୟୀ ମହାନଦୀର ତଳମୁଣ୍ଡରେ ୭ଟି ଏବଂ ବିଭିନ୍ନ ଶାଖା ଓ ଉପନଦୀରେ ୨୨ଟି ବ୍ୟାରେଜ, ଆନିକଟ ନିର୍ମାଣ କରାଯିବାର ପ୍ରସ୍ତାବ ରହିଥିଲା। ପରବର୍ତ୍ତୀ ସରକାରଙ୍କ ଜଳସଂପଦ ମନ୍ତ୍ରୀ ରାଜ୍ୟ ବିଧାନସଭାରେ ସୂଚନା ଦେଇଛନ୍ତି ଯେ ୩୨ଟି ବୃହତ, ମଧ୍ୟମ ଓ କ୍ଷୁଦ୍ର ନଦୀ ବନ୍ଧ, ୨୭ଟି ବ୍ୟାରେଜ ଓ ୭୨ଟି ଇନ୍-ଷ୍ଟ୍ରିମ ଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ବ୍ୟୟ ହେବ ୫୧ ହଜାର କୋଟି ଟଙ୍କା। ତେବେ ବିଡ଼ମ୍ବନାର ବିଷୟ ଯେ, ମାଷ୍ଟର ପ୍ଲାନର ରୂପରେଖ ଅଦ୍ୟାବଧି ଜଣାପଡ଼ି ନାହିଁ। ଏଥିପାଇଁ ବିଶେଷଜ୍ଞ କମିଟି ଗଠନ ହୋଇଛି କି ନାହିଁ, ସର୍ତ୍ତବଳୀ କ'ଣ ରହିଛି ତାହା ଅଦ୍ୟାବଧି କେହି ଜାଣିପାରିଲେ ନାହିଁ। ଚିଠା ମାଷ୍ଟରପ୍ଲାନ ସାର୍ବଜନୀନ ହୋଇ ନାହିଁ କି ଅଂଶୀଦାରଙ୍କ ମତାମତ ଲୋଡ଼ାଯାଇ ନାହିଁ। ନୂଆ ସରକାରକୁ ଇତିମଧ୍ୟରେ ଦୁଇବର୍ଷ ପୂରିଗଲାଣି। କେବଳ ମାଷ୍ଟର ପ୍ଲାନର ଗୋଟିଏ ଅଂଶ ଜଣାପଡ଼ିଛି। ତାହା ହେଲା ମହାନଦୀ ତଟ ସୌନ୍ଦର୍ଯ୍ୟକରଣ। ୨୧୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ସୌନ୍ଦର୍ଯ୍ୟକରଣ ଯୋଜନାରେ ମହାନଦୀ ମାଷ୍ଟରପ୍ଲାନ ଅଟକି ଯାଇଥିବା ମନେହୁଏ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## କାଗଜରୁ କ୍ଲାଉଡ୍: ଓଡ଼ିଆ ସାମ୍ବାଦିକତାର ଦିଗନ୍ତ

**ଡ. ଜ୍ୟୋତି ପ୍ରକାଶ ମହାପାତ୍ର**

ଇତିହାସରେ କିଛି ତାରିଖ କ୍ୟାଲେଣ୍ଡର ପୃଷ୍ଠାରେ ସୀମିତ ହୋଇ ରହେ ନାହିଁ, ବରଂ ତାହା ଗୋଟିଏ ଜାତିର, ସମାଜର, ଚେତନାର ଦିଗ ଦେଖାନ୍ତି, ନକ୍ଷତ୍ରରେ ପରିଣତ ହୁଏ। ଅଗଷ୍ଟ ୪ ସେମିତି ଏକ ତାରିଖ। ଆଜିର ଦିନରେ ୧୬୦ ବର୍ଷ ତଳେ ୧୮୬୬ ମସିହାରେ ପ୍ରକାଶ ପାଇଥିଲା ଉତ୍କଳ ଦୀପିକା। ସମ୍ପାଦକ ଥିଲେ ଗୌରୀଶଙ୍କର ରାୟ। ଓଡ଼ିଶାର ସାମାଜିକ ବିବର୍ତ୍ତନ ଇତିହାସରେ ସେଦିନ କେବଳ ଏକ ସମ୍ବାଦପତ୍ର ଜନ୍ମ ହୋଇ ନଥିଲା; ଜନ୍ମ ହୋଇଥିଲା ଏକ ଦୀପ୍ତିମାନ ଜନଚେତନାର, ଏକ ଭାଷାର ଆତ୍ମସମ୍ମାନର ଏବଂ ଏକ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି। କଟକରୁ ପ୍ରକାଶିତ ଉତ୍କଳ ଦୀପିକା, ତତ୍କାଳୀନ ଓଡ଼ିଆ ଜନଚେତନା ଉପରେ ଖୁବ୍ ଗଭୀର ପ୍ରଭାବ ପକାଇଥିଲା। କର୍ମବୀର ଗୌରୀଶଙ୍କର ରାୟ ଏବଂ ବିଚିତ୍ରାନନ୍ଦ ଦାସ ଏହାକୁ ଗଢ଼ି ତୋଳିଥିଲେ।

ଓଡ଼ିଆ ସାମ୍ବାଦିକତାର ଇତିହାସକୁ ନେଇ ଅନେକ ଚର୍ଚ୍ଚା ହୁଏ। ବହୁ ଐତିହାସିକ ମାଦଳାପାଞ୍ଜିକୁ ଓଡ଼ିଶାର ଖବର ଦେବାର ପ୍ରଥମ ପରମ୍ପରା ଭାବେ ଦେଖନ୍ତି। ଏହା କେବଳ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ବଂଶାବଳୀ ନୁହେଁ, ବରଂ ସେହି ସମୟର ଶାସନ, ଘଟଣାକ୍ରମ, ସମାଜ ଓ ସଂସ୍କୃତିର ସାକ୍ଷୀ ପ୍ରମାଣ। ୧୬୬୯ ମସିହାରେ ଚୌଦ୍ୱାର ପାଖାପାଖି କୁଜୀବର ମଠରୁ ପ୍ରକାଶିତ 'କୁଜୀବର ପତ୍ର' ମଧ୍ୟ ସାମାଜିକ, ପ୍ରାଶାସନିକ, ବ୍ୟାବସାୟିକ ଓ ରାଜନୈତିକ ସୂଚନା ପ୍ରଦାନ କରୁଥିଲା। ଏହାର ଅର୍ଥ ଘଟଣାକୁ ଖବର ଆକାରରେ ଲେଖିବା ଓ ଲୋକଙ୍କ ପାଖରେ ପହଞ୍ଚାଇବାର ପରମ୍ପରା ଓଡ଼ିଶାରେ ମୁଦ୍ରଣ ଯୁଗ ପୂର୍ବରୁ ଥିଲା।

ଆଧୁନିକ ସାମ୍ବାଦିକତାର ସୃଷ୍ଟି ମୁଦ୍ରଣ ଯନ୍ତ୍ର ସହ ହୋଇଥିଲା। କଟକରେ ମିଶନ ପ୍ରେସ ସ୍ଥାପିତ ହେଲା ୧୮୩୭ ମସିହାରେ ଜ୍ଞାନରୁଣ, ପ୍ରବୋଧ ଚନ୍ଦ୍ରିକା ଓ ଅରୁଣୋଦୟ ଭଳି ପତ୍ରିକା ପ୍ରକାଶନ ଆରମ୍ଭ କଲେ। ତେବେ ସେସବୁ ଐତିହାସିକ ଓ ଧାର୍ମିକ ପ୍ରଚାର ପାଇଁ ବ୍ୟବହାର କରାଯାଉଥିଲା। କିନ୍ତୁ ଯେବେ ଉତ୍କଳ ଦୀପିକା ୧୮୬୬ ମସିହାରେ ପ୍ରକାଶ ପାଇଲା, ଏହା ଓଡ଼ିଶାର ତତ୍କାଳୀନ ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ଭାଷାଭିତ୍ତିକ ଚଳଣିର ପ୍ରତିଟି ଖବର ଲୋକଙ୍କ ପାଖକୁ ଆଣିଦେଲା।

ଏମିତିରେ ଦେଖିଲେ ଭାରତୀୟ ଜାତୀୟ ସାମ୍ବାଦିକତା ଆରମ୍ଭ ଦିନରୁ ମୁଖ୍ୟତଃ ଦୁଇଟି କାମକୁ ନିଖୁଣ ଢଙ୍ଗରେ ନିଭେଇଥିଲା। ପ୍ରଥମରେ ସମାଜ ସଂସ୍କାରକର ଭୂମିକା। ଦ୍ୱିତୀୟରେ ଜାତୀୟ ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ। ଏ ଦୁଇଟି ମୁଖ୍ୟ କାମ ବ୍ୟତୀତ ଓଡ଼ିଆ ଗଣମାଧ୍ୟମ ଏକ ବିଶେଷ ଭୂମିକା ନିଭେଇଥିଲା। ତାହା ହେଉଛି ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ। ପରେ ପରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳ ମଞ୍ଜି ପୋତିବା। ସ୍ୱତନ୍ତ୍ର ଓଡ଼ିଶାର ଗଠନକୁ ଯୁକ୍ତି ଓ ଜନସମର୍ଥନ ଦେଇଥିଲା ଓଡ଼ିଆ ଖବରକାଗଜ। ସେହିଭଳି ସ୍ୱାଧୀନତା ସଂଗ୍ରାମକୁ ଅକୁଣ୍ଠ ସମର୍ଥନ ଯୋଗାଇ ଦେଇଥିଲା ଓଡ଼ିଆ ଖବରକାଗଜ ସଂସାର। ଦୁର୍ଭିକ୍ଷ, ବନ୍ୟା, ଦାରିଦ୍ର୍ୟ, ଶୋଷଣ ଓ ସାମାଜିକ କୁସଂସ୍କାର ବିରୁଦ୍ଧରେ ଓଡ଼ିଆ ଖବରକାଗଜ ଚିରକାଳ ନିଜର ସ୍ୱର ତୀବ୍ର କରିଛି। ୧୮୬୬ ମସିହାରେ ଓଡ଼ିଶା ନ'ଅଙ୍କ ଦୁର୍ଭିକ୍ଷ ଦେଖିଥିଲା। ଭୋକରେ ପୀଡ଼ିତ ଓଡ଼ିଆଙ୍କୁ ଆବାଜ ଦେଇଥିଲା ଉତ୍କଳ ଦୀପିକା।

ସ୍ୱାଧୀନତା ପରେ ସାମ୍ବାଦିକତା ଧୀରେଧୀରେ ମିଶନରୁ ବୃତ୍ତି ଆଡ଼କୁ ପରିବର୍ତ୍ତିତ ହୋଇଥିଲା। ଅଶୀ ଦଶକରେ ଏଥିରେ ଆସିଥିଲା ସାକାର ପରିବର୍ତ୍ତନ। ମୁଦ୍ରଣ, ବୈଷୟିକ ବିଦ୍ୟା, ରଙ୍ଗ, ପରିପାଟୀ ଅନେକ କିଛି ବଦଳି ଯାଇଥିଲା। ଆଉ ନୂଆ ଶତାବ୍ଦୀରେ ପରିବର୍ତ୍ତିତ ବୈଷୟିକ ବିଦ୍ୟା ସହ ପାଦ ମିଳାଇ ଓଡ଼ିଆ ସାମ୍ବାଦିକତା ଆଗେଇ ଯାଇଥିଲା। ଆଜିର ଚିତ୍ର ଆହୁରି ବ୍ୟାପକ। ଦୈନିକ ଖବରକାଗଜ, ଡିଜିଟାଲ ପୋର୍ଟାଲ, ଟେଲିଭିଜନ, ରେଡିଓ, ମୋବାଇଲ ସାମ୍ବାଦିକତା, ସାମାଜିକ ଗଣମାଧ୍ୟମ ଖବରର ଭୂଗୋଳକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛନ୍ତି। ଖବର ପରଦିନ ସକାଳେ ନୁହେଁ ପ୍ରତି ସେକେଣ୍ଡରେ ପହଞ୍ଚୁଛି। ପାଠକ ଏବେ କେବଳ ପାଠକ ନୁହେଁ। ସେ ସୂଚନାର ସ୍ରଷ୍ଟା ମଧ୍ୟ। ଏହା ସୁଯୋଗ ମଧ୍ୟ। ବିପଦ ମଧ୍ୟ।

ଆଉ ଏକ ନୂଆ ତଥା ଚଳନ୍ତି ଅଧ୍ୟାୟର ନାଁ ହେଉଛି ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା। ଖବର ଲେଖିବା, ବିଶ୍ଳେଷଣ କରିବା, ତଥ୍ୟ ଲେଖିବା ଏହି ସବୁ କ୍ଷେତ୍ରରେ ଏଆଇ ପ୍ରବେଶ କରି ସାରିଛି ବା କରୁଛି। ଏହା ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ଏକ ଶକ୍ତିଶାଳୀ ସହଯୋଗୀ ହୋଇପାରେ ଯଦି ଏଆଇକୁ ସମ୍ପାଦକୀୟ ବିବେକ ଓ ମାନବୀୟ ବିଚାର ସହ ବ୍ୟବହାର କରାଯାଏ। କାରଣ ତଥ୍ୟ ବିଶ୍ଳେଷଣ କରିବା ଓ ସାରା ବିଶ୍ୱର ତଥ୍ୟକୁ ଏକାଠି କରିବା ଏଆଇ ପାଖରେ ସମ୍ଭବ ହୋଇପାରେ। କିନ୍ତୁ ସମାଜର ନାଡ଼ି ବୁଝିବା, ପ୍ରସଙ୍ଗର ଗୁରୁତ୍ୱ ବୁଝିବା ଏବଂ ଯାହା ଠିକ୍ ତା' ସପକ୍ଷରେ ଛିଡ଼ା ହେବା ହେଉଛି ମଣିଷର ବିବେକବୋଧ ଓ କର୍ତ୍ତବ୍ୟ।

ଓଡ଼ିଆ ସାମ୍ବାଦିକତାର ୧୬୦ବର୍ଷର ଇତିହାସ ଆମକୁ ଆଉ ଏକ ବଡ଼ ଶିକ୍ଷା ଦେଇଥାଏ। ସମ୍ବାଦପତ୍ର କେବଳ ଘଟଣାର ବିବରଣୀ ଲେଖେ ନାହିଁ, ତାହା ସମାଜର ସ୍ମୃତିକୁ ସଂରକ୍ଷଣ କରେ। ଲୋକମତକୁ ଦିଗଦର୍ଶନ କରେ ଏବଂ ଇତିହାସର ପ୍ରଥମ ଖସଡ଼ା ଲେଖେ। ଯେଉଁ ଓଡ଼ିଆ ସାମ୍ବାଦିକତା ଭାଷାକୁ ବଞ୍ଚେଇଥିଲା, ଓଡ଼ିଶାକୁ ଏକାଠି କରିଥିଲା, ସମାଜ ସଂସ୍କାରର ଭୂମିକା ନିଭେଇଥିଲା ଏବଂ ସ୍ୱାଧୀନତା ସଂଗ୍ରାମକୁ ଶକ୍ତି ଦେଇଥିଲା ତାହା ଆଜି ମଧ୍ୟ ଜାଲି ଖବରକୁ ରୋକି ସତ୍ୟର ବିଶ୍ୱସନୀୟତାକୁ ରକ୍ଷା କରୁଛି। ଦ୍ରୁତ ଗତି ସତ୍ୟକୁ ପଛରେ ପକାଇ ଦେଇଛି। ଜାଲି ଖବର, ଭୁଲ ଖବର, ଅର୍ଦ୍ଧ ସତ୍ୟ, ସାମାଜିକ ଗଣମାଧ୍ୟମର ଅଯାଞ୍ଚିତ ସୂଚନା, କ୍ଲିକ ଆଧାରିତ ଅର୍ଥନୀତି ଓ କୃତ୍ରିମ ବୁଦ୍ଧିମତ୍ତା ନୂଆ ପ୍ରଶ୍ନ ଉଠାଇଛି। ଭବିଷ୍ୟତରେ ମଣିଷ ଲେଖିଥିବା ଖବର ଓ ଯନ୍ତ୍ର ଲେଖିଥିବା ଖବର ମଧ୍ୟରେ ପ୍ରତିଯୋଗିତା ହେବ ନାହିଁ, ବରଂ ପ୍ରତିଯୋଗିତା ହେବ ବିଶ୍ୱାସ ଅବିଶ୍ୱାସ ମଧ୍ୟରେ। ସମୟ ସାଙ୍ଗରେ ପ୍ରଯୁକ୍ତି ବଦଳିବ, ମାଧ୍ୟମ ବଦଳିବ, ପାଠକଙ୍କ ଅଭ୍ୟାସ ବଦଳିବ। ତେବେ ଅହରହ ବଦଳୁଥିବା ପରିବେଶ ମଧ୍ୟରେ ସାମ୍ବାଦିକତା ଯେଉଁ ଲକ୍ଷ୍ୟ ନେଇ ଆଗେଇ ଯାଇଥିଲା, ତାହାକୁ ଅକ୍ଷୁଣ୍ଣ ରଖିବା ଦିଗରେ ନିଜର ଯାତ୍ରା ଜାରି ରଖିବା ଦରକାର।

ଏବର ଦୁନିଆରେ ପ୍ରତି ମୁହୂର୍ତ୍ତରେ, ପ୍ରତି କ୍ଷଣରେ ଆଙ୍ଗୁଠି ଟିପରେ ଆମେ ତଥ୍ୟ ପାଉଛୁ। ମୋବାଇଲରେ ତଥ୍ୟର ବର୍ଷା ହେଉଛି। ସେଥିରୁ କିଛି ଦରକାରୀ, କିଛି ଅଦରକାରୀ, କିଛି ସାକାର, କିଛି ବିକାର। କିନ୍ତୁ ତଥ୍ୟରୁ ଅର୍ଥ ଖୋଜିବା ଏବଂ ଅର୍ଥର ଧାର ଖୋଜିବା କାମ ହେଉଛି ସାମ୍ବାଦିକର। ତେଣୁ ଯେତେ ବୈଷୟିକ ବିଦ୍ୟା ଓ ସୂଚନା ପ୍ରଯୁକ୍ତି ଆଗେଇବ ଆଗାମୀ ଦିନରେ ସେତେ ପ୍ରଶିକ୍ଷିତ ସାମ୍ବାଦିକଙ୍କ ଆବଶ୍ୟକତା ବଢ଼ିବ। ସମୟ ବଦଳିଛି, ଧାରା ବଦଳିଛି, ପ୍ରଯୁକ୍ତି ବଦଳିଛି। କିନ୍ତୁ ଓଡ଼ିଆ ସାମ୍ବାଦିକତାର ମୂଳ ଦାୟିତ୍ୱ ବଦଳି ନାହିଁ। ସ୍ୱରହୀନଙ୍କୁ ସ୍ୱର ଦେବା ଓ ଓଡ଼ିଶାର ସାମାଜିକ ବିବେକକୁ ଜାଗ୍ରତ କରିବା। କାରଣ ଓଡ଼ିଆ ସାମ୍ବାଦିକତା କେବଳ ଓଡ଼ିଶା ଇତିହାସ ଲେଖି ନାହିଁ। ତାହା ଓଡ଼ିଶାର ଇତିହାସ ଗଢ଼ିଛି, ସୃଷ୍ଟି କରିଛି।

## କୁଥାକୁହା ମଣିଷ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଚିନ୍ତାଶକ୍ତିସମ୍ପନ୍ନ ରୂପେ ଅନ୍ୟ ଜୀବମାନଙ୍କ ଠାରୁ ଭିନ୍ନ ରୂପେ ପରିଗଣିତ ମଣିଷର ଅନ୍ୟତମ ବିଶେଷତା ହେଲା ତା'ର କଥା କହିବାର ସାମର୍ଥ୍ୟ। ପରସ୍ପର ସହିତ ଯୋଗାଯୋଗ କରିବାର ଏହି କଳା ତା'କୁ ଜୀବଜଗତରେ ଅନନ୍ୟ କରିଛି। ତେବେ ମନରେ ପ୍ରଶ୍ନ ଉଠେ ଯେ ସେ କେବେ ଶବ୍ଦ ଓ ଧ୍ୱନି ସାହାଯ୍ୟରେ ଏହା କରିବାକୁ, ଅର୍ଥାତ୍ କଥାକୁହା ହେବାକୁ ସମର୍ଥ ହେଲା ଏବଂ କେବଳ ସେ ହିଁ କାହିଁକି ଏହା କରିପାରିଲା?

ନ୍ୟୁୟର୍କ ସ୍ଥିତ ରକ୍‌ଫେଲର୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ନିକଟରେ ଏହାର ଉତ୍ତର ପାଇଛନ୍ତି। ଆଧୁନିକ ମଣିଷର ବିବର୍ତ୍ତନୀୟ ପୂର୍ବପୁରୁଷ ନିଏଣ୍ଡର୍ଥାଲସ୍ ଓ ଡେନିସୋଭାନସ୍‌ଙ୍କର ଗଳା ଓ କାନର ଗଠନ ପ୍ରାୟତଃ ଏକା ଭଳି। ଏଣୁ ତାହା ତାଙ୍କୁ କଥା କହିବା ଓ ଶୁଣିବା ପାଇଁ ସମର୍ଥ କରିପାରିଥା'ନ୍ତା। କିନ୍ତୁ କେବଳ ମଣିଷଠାରେ ହିଁ ଏପରି କରିବା ଲାଗି ଆବଶ୍ୟକ ମସ୍ତିଷ୍କର ଅଂଶଗୁଡ଼ିକ ବିକଶିତ ହୋଇପାରିଛି ଏବଂ ସେ ଏହା ପୂର୍ଣ୍ଣମାତ୍ରାରେ କରିପାରୁଛି। ଗବେଷକମାନଙ୍କ ମତରେ ଏହାର କାରଣ ହେଲା 'ଏନ୍‌ଓଭିଏ' ନାମକ ଏକ ପ୍ରୋଟିନ୍, ଯାହାକି ମଣିଷ ଠାରେ ଦେଖାଯାଏ, ଯାହା ଆର୍‌ଏନ୍‌ଏ ସଂଯୁକ୍ତ ପ୍ରୋଟିନ୍ ସ୍ନାୟବିକ ବିକାଶ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାର ନିୟନ୍ତ୍ରଣ କରେ। ସମ୍ଭବତଃ ଏଥିରେ ଏକ ଜିନୀୟ ଧ୍ରୁବୀକରଣ ମଣିଷ କହୁଥିବା ଭାଷାର ବିକାଶରେ କୌଣସି ଭୂମିକା ରହିଛି। ଏହି ପ୍ରକ୍ରିୟାରେ ପ୍ରୋଟିନଟିରେ ଗୋଟିଏ ମାତ୍ର ଆମିନୋଅମ୍ଳର ପରିବର୍ତ୍ତନ ଆସିଥିଲା ଏବଂ ତାହା ଆଦିମ ମଣିଷର ସଂକେତ ମାଧ୍ୟମରେ ଭାବର ଆଦାନ ପ୍ରଦାନକୁ ବଦଳାଇ ତା'କୁ କଥା କହିବାରେ ସମର୍ଥ କରିଥିଲା।

ଏହି ଆବିଷ୍କାର ପାଇଁ ହୋଇଥିବା ପରୀକ୍ଷାରୁ ପ୍ରାପ୍ତ ତଥ୍ୟ ପ୍ରକାଶିତ ହୋଇଥିଲା ନେଚର କମ୍ୟୁନିକେସନସ୍ ପତ୍ରିକାର ମାର୍ଚ୍ଚ ୨୦୨୫ ସଂଖ୍ୟାରେ। ରକ୍‌ଫେଲର ବିଶ୍ୱବିଦ୍ୟାଳୟର ଗବେଷକ ରବର୍ଟ ବି ଡୋର୍ନେଲେ ଏବଂ ଅନ୍ୟମାନେ ଏଥିରେ ସୂଚୀତ କରିଥିଲେ ଯେ ଯେତେବେଳେ ସେମାନେ ମୂଷାମାନଙ୍କଠାରେ ମଣିଷର ଏନ୍‌ଓଭିଏ୧' ପ୍ରତିରୋପଣ କଲେ ସେମାନଙ୍କର ପରସ୍ପର ମଧ୍ୟରେ ଯୋଗାଯୋଗର ପଦ୍ଧତି ବଦଳିଗଲା। ମୂଷାଛୁଆଙ୍କ ଠାରେ ଏହା ମା'ମାନଙ୍କୁ ଡାକିବାର ସ୍ୱର ବଦଳାଇ ଦେଲା। ସେହିପରି ପ୍ରାପ୍ତବୟସ୍କ ମୂଷାମାନେ ତାଙ୍କ ଯୌନସାଥୀଙ୍କୁ ଆହ୍ୱାନ କରୁଥିବା ପାରସ୍ପରିକ ବା ଅଲଟ୍ରାସାଉଣ୍ଡ ମାଧ୍ୟମ ବଦଳିଯାଇ ନୂଆପ୍ରକାର ଧ୍ୱନି ସୃଷ୍ଟି କଲା। ତପ୍ତରେ ଗବେଷକମାନେ ନିଏଣ୍ଡର୍ଥାଲସ୍ ଏବଂ ଡେନିସୋଭାନସ୍‌ଙ୍କ ଜିନୀୟ ପଦାର୍ଥ ପରୀକ୍ଷା କରିବାକୁ ଲାଗିଲେ। ତହିଁରୁ ଜଣାପଡ଼ିଲା ଯେ ସେମାନଙ୍କଠାରେ ଥିବା 'ଏନ୍ ଓ ଭି ଏ ୧' ପଶୁମାନଙ୍କ ଅନୁରୂପ। ଅର୍ଥାତ୍ ମଣିଷଠାରେ ଘଟିଥିବା ପରିବର୍ତ୍ତନ ତହିଁରେ ନଥିଲା।

ଅତଏବ ମଣିଷର ଭାଷା ସହିତ ସଂପୃକ୍ତ ଜିନୀୟ ପଦାର୍ଥ ସମ୍ଭବତଃ ତା'ର କଥା କହିବା ଏବଂ ସେଥିପାଇଁ ମସ୍ତିଷ୍କରେ ଆସୁଥିବା ପରିବର୍ତ୍ତନରେ ଏହାର ଭୂମିକା ରହିଛି। ଏହାରି ଯୋଗୁଁ ଅନ୍ୟ ଜୀବମାନଙ୍କଠାରୁ ଭିନ୍ନ ରୂପେ ତା'ଠାରେ ଭାଷାର ଜଟିଳ ପ୍ରକ୍ରିୟା ବିକାଶ ଲାଭ କଲା। ଅବଶ୍ୟ ଅନ୍ୟାନ୍ୟ ଜିନୀୟ ପରିବର୍ତ୍ତନର ଏକ୍ଷେତ୍ରକୁ ଅବଦାନ ଥାଇପାରେ। ତେବେ ଏହା ହିଁ ଏଥିପାଇଁ ମୁଖ୍ୟତଃ ଦାୟୀ। ତଥାପି ଏକ ନିର୍ଦ୍ଦିଷ୍ଟ ତଥା ପୂର୍ଣ୍ଣାଙ୍ଗ ସିଦ୍ଧାନ୍ତରେ ଉପନୀତ ହେବା ଲାଗି ଅଧିକ ଗବେଷଣା ଲୋଡ଼ା ବୋଲି ମତ ଦିଅନ୍ତି ଉପରୋକ୍ତ ଗବେଷକଗଣ।

କଥାକୁହା ମଣିଷର ଭାଷାଶକ୍ତି ଆଜକୁ ପ୍ରାୟ ୧୩୫୦୦ ବର୍ଷ ପୂର୍ବେ ଜନ୍ମ ନେଇଥିଲା ବୋଲି ଅନୁମାନ କରାଯାଉଛି, ଯେତେବେଳେ ଲୋକେ ପ୍ରଥମ ଥର ପାଇଁ ଆଦିମ ବାସସ୍ଥଳୀ ଆଫ୍ରିକାରୁ ଅନ୍ୟାନ୍ୟ ସ୍ଥାନକୁ ଯାଇ ବସତି ସ୍ଥାପନ କଲେ। ଏଦିଗରେ ଆମେରିକାର ମାସାଚୁସେଟ୍ସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଗବେଷକମାନେ ଦୀର୍ଘ ୧୮ ବର୍ଷ ଧରି ୧୫ଟି ଭିନ୍ନ ଭିନ୍ନ ଅଧ୍ୟୟନ କରିଛନ୍ତି। ତହିଁରୁ ଜଣାପଡ଼ିଛି ଯେ ବର୍ତ୍ତମାନର ପୃଥିବୀରେ ରହିଛି ପ୍ରାୟ ୭୦୦୦ କଥିତ ଭାଷା। ମୂଳତଃ ସେଗୁଡ଼ିକ ମଧ୍ୟରେ ଅନେକ ସମାନତା ଥିଲେ ହେଁ ତାହାର ଉଚ୍ଚାରଣ ଓ ଧ୍ୱନି ଆଦି ଭିନ୍ନ ଭିନ୍ନ। ତାହା ସୂଚୀତ କରୁଛି ଯେ ଭାଷା ତଥା କଥା କହିବାର ସାମର୍ଥ୍ୟ ମଣିଷଠାରେ ବିକଶିତ ହେଲା ଯେ ପ୍ରଥମଥର ପାଇଁ ଅଲଗା ଅଲଗା ଦଳରେ ବିଭକ୍ତ ହୋଇ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ବସତି ସ୍ଥାପନ କଲାପରେ। ସେଠାକାର ସ୍ଥାନୀୟ ପରିବେଶ ସେମାନଙ୍କ ଉଚ୍ଚାରଣ, କଥା କହିବାର ଶୈଳୀ ଆଦିକୁ ପ୍ରଭାବିତ କରିଥିଲା।

ଯମପଡ଼ା(କେନ୍ଦ୍ରାପଡ଼ା),ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେଡିର କ୍ଷୋଭ
## ଆଇନ ମନ୍ତ୍ରୀଙ୍କ ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବିଜେପି ସରକାର ଏହାକୁ ରୋକିବା ବଦଳରେ ପ୍ରୋତ୍ସାହିତ କରିବାରେ ଲାଗିଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଞ୍ଚଳରେ ବିଜେପି କର୍ମୀମାନେ ଆତଙ୍କରାଜ ଚଳାଇଛନ୍ତି । ମନ୍ତ୍ରୀ ତାହାକୁ ରୋକିବା ବଦଳରେ ପ୍ରଶ୍ରୟ ଦେଉଥିବା କହି କଡ଼ା ନିନ୍ଦା କରିଛି ବିଜେଡି।

- ମନ୍ତ୍ରୀଙ୍କ ପୃଷ୍ଠପୋଷକତାରେ ଆତଙ୍କରାଜ ଚଳାଉଛନ୍ତି କର୍ମୀ
- ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ପୁଲିସ ପ୍ରଶାସନ ଚୁପ୍
- ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଚିଲିକା ନିର୍ବାଚନ ମଣ୍ଡଳୀରେ ତାଙ୍କ ପ୍ରୋତ୍ସାହନରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ମନ୍ତ୍ରୀଙ୍କ ପାଖ ଲୋକମାନେ ବେଧଡକ ଭାବେ ଅପରାଧ ଘଟାଉଛନ୍ତି। ନାଟୁଣୀ ଥାନା ଅଧୀନ ଖଜୁରିପଡ଼ା ଗାଁ ରାସ୍ତାରେ ଜଣେ ଯୁବକଙ୍କୁ ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖଜୁରିଆ ଗ୍ରାମରେ ଟୁକୁନା ସାମନ୍ତସିଂହାର ଓ ଅନ୍ୟ ମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ସାମାନ୍ୟ ମାଛଧରାକୁ କେନ୍ଦ୍ର କରି ଶାସକ ଦଳର କର୍ମୀ ମାନେ ତାଙ୍କୁ ବିଚ୍ ରାସ୍ତାରେ ନିର୍ଘାତ ମାଡ ମାରିଲେ। ହେଲେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ଚୁପ୍ ହୋଇ ବସିରହିଛି। ଦଳୀୟ ଚାପରେ ପୁଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାହାସ ଜୁଟାଇ ପାରୁନାହିଁ। ଅନ୍ୟ ଏକ ଘଟଣାରେ ଚିଲିକା ଅଞ୍ଚଳର ଜୈନିକା ଅନୁସୂଚିତ ଜନଜାତିର ନାବାଳିକାକୁ ଦୁଷ୍କର୍ମ କରିବା ଉଦ୍ୟମ ହୋଇଛି। ଅଭିଯୁକ୍ତମାନେ ଆଇନ ମନ୍ତ୍ରୀଙ୍କ ପାଖ ଲୋକ ହୋଇଥିବାରୁ ପୁଲିସ ପଦକ୍ଷେପ ଗ୍ରହଣ କରିବା ବଦଳରେ ଧମକ ଚମକ ଦେଉଛି। ଜଣେ ନାବାଳିକା ତାଙ୍କ ପରିବାରର ପ୍ରତିପୋଷଣ କରିବାର ଏକମାତ୍ର ମାଧ୍ୟମ । ନାବାଳିକା ଜଣକ ଗତ ଜୁଲାଇ ୨୮ ତାରିଖରେ ଏକୁଟିଆ ଘରକୁ ଫେରୁଥିବା ବେଳେ ଟୁକୁନା ସାମନ୍ତସିଂହାରଙ୍କ ପୁଅ ତାଙ୍କୁ ଅଟକାଇ ଦୁଷ୍କର୍ମ ଉଦ୍ୟମ କରିବା ସହ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ସେ ନାଟୁଣୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲା ନାହିଁ । ନାବାଳିକା ଜଣକ ନ୍ୟାୟ ପାଇବାରୁ ବଞ୍ଚିତ ରହିଛି। ସେ ଆହୁରି କହିଥିଲେ ଯେ ଆଦିବାସୀମାନଙ୍କ ବିକାଶ ଓ ମହିଳା ସମ୍ମାନ ନେଇ ଡିଣ୍ଡିମ ପିଟୁଥିବା ବିଜେପି ସରକାରର ଅସଲ ମୁଖା ଖୋଲିଯାଇଛି। ଆଇନ ମନ୍ତ୍ରୀଙ୍କ ଅଞ୍ଚଳରେ ବେଆଇନ୍ କାମ ହେଉଥିବା ବେଳେ ନାବାଳିକା ଜଣଙ୍କ ନ୍ୟାୟ ପାଇବା ପାଇଁ କେଉଁ ସ୍ଥାନକୁ ଯିବ ? ଏତେ ଦିନ ହେବ ନାବାଳିକା ଜଣକ ଅଭିଯୋଗ କଲା ପରେ ମଧ୍ୟ ଥାନାରେ ମାମଲା ରୁଜୁ ହେଉନାହିଁ, ଏହା କ'ଣ ଡବଲ ଇଞ୍ଜିନ ସରକାରଙ୍କ ଆଇନ ସୁରକ୍ଷା ବ୍ୟବସ୍ଥା ? ଆଇନ ସମସ୍ତଙ୍କ ପାଇଁ ସମାନ ହୋଇଥିବା ବେଳେ ମନ୍ତ୍ରୀ ତାହାକୁ ବେଖାତିର କରିଚାଲିଛନ୍ତି । ଉକ୍ତ ଘଟଣାରେ ପୁଲିସ ପଦକ୍ଷେପ ଗ୍ରହଣ କରି ନାବାଳିକାକୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

### ଏନ୍‌ଜିଟିରେ ଶିମିଳିପାଳରେ ହୋଟେଲ ପ୍ରକଳ୍ପ ମାମଲା
## ସଂଶୋଧିତ ସତ୍ୟପାଠ ଦାଖଲ ପାଇଁ ସମୟ ମାଗିଲେ ସରକାର

ବାରିପଦା, ୩।୮(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିକଟରେ ପ୍ରସ୍ତାବିତ ହୋଟେଲ/ରିସର୍ଟ ପ୍ରକଳ୍ପକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚ, କୋଲକାତାରେ ବିଚାରାଧୀନ ମାମଲାରେ ବାରିପଦା ବନଖଣ୍ଡର ଅଧିକାରୀ (ଡିଏଫଓ) ଓ ଓଡ଼ିଶା ସରକାରଙ୍କ ତାଙ୍କ ପୂର୍ବରୁ ଦାଖଲ କରିଥିବା କାଉଣ୍ଟର ସତ୍ୟପାଠରେ ସଂଶୋଧନ କରିବା ପାଇଁ ଏକ ଇଣ୍ଟରଲୋକ୍ୟୁଟରି ଆବେଦନ ଦାଖଲ କରି ଏକ ସପ୍ତାହ ସମୟ ମାଗିଛନ୍ତି।

ଆବେଦନରେ କୁହାଯାଇଛି ଯେ, ପୂର୍ବରୁ ଦାଖଲ ହୋଇଥିବା କାଉଣ୍ଟର ସତ୍ୟପାଠରେ ବିବାଦୀୟ ଜମିର ସାବିକ କିସମକୁ 'ଜଙ୍ଗଲ/ଗ୍ରାମ୍ୟ ଜଙ୍ଗଲ' ବୋଲି ଉଲ୍ଲେଖ କରାଯାଇଥିଲା। ଯାହା ଅନିଚ୍ଛାକୃତ ଭାବେ ହୋଇଥିବା ତ୍ରୁଟି ବୋଲି ଦର୍ଶାଯାଇଛି। ବର୍ତ୍ତମାନ ରାଜ୍ୟ ପକ୍ଷ ସାବିକ-ହାଲ ସହସମ୍ପର୍କ ରେକର୍ଡ ଆଧାରରେ ଏହାକୁ 'ଡୁଙ୍ଗୁରି/ପାହାଡ଼' ଭାବେ ସଂଶୋଧନ କରିବାକୁ ଟ୍ରିବ୍ୟୁନାଲଙ୍କ ଅନୁମତି ପ୍ରାର୍ଥନା କରିଛନ୍ତି। ଆବେଦନରେ ଆହୁରି କୁହାଯାଇଛି ଯେ, ରାଜସ୍ୱ ଅଭିଲେଖର ପୁନଃ ଯାଞ୍ଚ ପରେ ବନ ବିଭାଗ ଜାଣିବାକୁ ପାଇଛି ଯେ ସାବିକ ରେକର୍ଡରେ ଜମିର କିସମ 'ଡୁଙ୍ଗୁରି' ଓ ହାଲ ରେକର୍ଡରେ 'ପାହାଡ଼' ଭାବେ ଉଲ୍ଲେଖ ରହିଛି। ଏହି କାରଣରୁ ପୂର୍ବରୁ ହୋଇଥିବା ଉଲ୍ଲେଖକୁ କେବଳ ଏକ ଅନିଚ୍ଛାକୃତ ତ୍ରୁଟି ବୋଲି ଦର୍ଶାଇ ସଂଶୋଧନ ପାଇଁ ପ୍ରାର୍ଥନା କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆକାଶ ଶର୍ମା ମାମଲା ପରିଚାଳନା କରୁଛନ୍ତି ।

## ଇଗ୍ନୋ ନାମଲେଖା ପାଇଁ ପଞ୍ଜିକରଣ ଆରମ୍ଭ
### ଅଗଷ୍ଟ ୧୬ ମଧ୍ୟରେ ଆବେଦନ କରିପାରିବେ ଆଶାୟୀ

ଭୁବନେଶ୍ୱର,୩।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ଜୁଲାଇ-୨୦୨୬ ଶିକ୍ଷା ସତ୍ର ପାଇଁ ନୂତନ ନାମଲେଖା ଓ ପଞ୍ଜିକରଣ ଆରମ୍ଭ ହୋଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଇଥିବା ପିଲାମାନେ ସ୍ନାତକ, ସ୍ନାତକୋତ୍ତର ଓ ସ୍ନାତକୋତ୍ତର ଡିପ୍ଲୋମା ପଢ଼ିପାରିବେ। ଆସନ୍ତା ୧୬ ତାରିଖ ମଧ୍ୟରେ ଏଥିପାଇଁ ପଞ୍ଜିକରଣ ସହିତ ନାମଲେଖାଇବାକୁ ହେବ। କଳା, ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକ ପଢ଼ିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପିଲାଙ୍କ ପାଇଁ ୫୦ ପ୍ରତିଶତ ଫି' ରିହାତି କରାଯାଇଛି। ଅନ୍ୟ କୌଣସି ଛାତ୍ରବୃତ୍ତି ପାଉଥିଲେ ଏଥିପାଇଁ ଯୋଗ୍ୟ ହେବେନାହିଁ। ଇଚ୍ଛୁକ ପ୍ରାର୍ଥୀମାନେ https://ignouadmission.samarth.edu.in । https://onlinerr.ignou.ac.in ଲିଙ୍କ୍‌ରେ ଯାଇ ଆବେଦନ କରିପାରିବେ ବୋଲି ଭୁବନେଶ୍ୱର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।


**AFFIDAVIT**

I, AZIMA BIBI @ KHATUN, aged about 42 years, W/o- SK RAFIQUE Resident of 63(2), RANAPADA, PO-KENDRAPARA, MAHAKALA PADA, DIST-KENDRAPARA, ODISHA-754211, declared by this Affidavit No.876/2026, Dated. 03.08.2026, That now onwards I shall Be Known as **AZIMA KHATUN** for all future Purposes.

**Notice (For Minor)**

By virtue of an affidavit (SL No. 2948, dtd- 03.08.2026) sworn before The Executive Magistrate, Badabil, Dist- Kendujhar. I, **Sabnam Parween,** W/o Md Shamim Akhtar, resident of At-Badabil/Barbil, Ward No.7, PO/PS-Badabil/Barbil, Dist- Kendujhar, State- Odisha, PIN-758035 declare that I have changed my minor daughter's name from **Nafia Naz** (old name) to **Safiya Naz** (new name). Henceforth, she shall be known as **Safiya Naz** (new name) for all purposes.

**Sabnam Parween**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 03.08.2026. I, **Kailash Chandra Sahu** (applicant name), S/o Trinatha Sahu, permanent & current resident of AT: Hatpadapara, Titilagarh, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor son's name from **Samrtha Sahu** (old name) to **Samar Sahu** (new name). Henceforth, he shall be known as **Samar Sahu** (new name) for all future purposes.

**Kailash Chandra Sahu**

**AFFIDAVIT**

By virtue of an affidavit sworn before Executive Magistrate, Pattamundai Affidavit No. A-18/26 on dated 31/07/2026, I **JEMADEBI KHATUA**, W/o Dhaneswar Khatua resident of At- Badapal, Po- Sansarphal, P.S: Pattamundai Rural, Dist: Kendrapara, Odisha, PIN: 754217, declare that I have changed my name from **SANJU (Old Name)** to **JEMADEBI KHATUA (New Name)**. Henceforth, I shall be known as **JEMADEBI KHATUA** for all purposes.

Sd- **JEMADEBI KHATUA**

**PM SHRI SCHOOL JAWAHAR NAVODAYA VIDYALAYA**

AT/PO: TARBHA, DIST. SONEPUR, ODISHA, PIN-767016

Ref.No. F.No.2.16/JNVTS(O)/2026-27/ Dated: 03.08.2026

**CORRIGENDUM OF TENDER NOTICE - 03**

It is for information to all concerned that the dates published in the Tender Notice-03 are hereby extended i.e. the tender documents will be received upto **11.08.2026 at 04.30 PM** and opened on **12.08.2026 at 11.00 AM** due to administrative reasons and modification of list of grocery items. The revised tender documents can be purchased physically from the office or downloaded from the Google Drive link: https://drive.google.com/drive/folders/1O4bhUhzDwBrL41glmE7bu0msiGTeobcp?usp=sharing. The other details published earlier are unchanged.

**PRINCIPAL**

**ପୂର୍ବ ତଟ ରେଳପଥ**

ବିଜ୍ଞପ୍ତି ସଂ. **eT-South-RGDA-01-2026** ତା.31.07.2026ରିଖ

**କାର୍ଯ୍ୟର ନାମ :** ରାୟଗଡ଼ା ମଣ୍ଡଳରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ) ରାୟଗଡ଼ା ପରିସୀମା ଅଧିନରେ **1300** ସଂଖ୍ୟକ **60/KG/60EI-R260** ସ୍ଲିପର୍ ଅଂଶର ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 49,21,761/-**, EMD (ଟଙ୍କାରେ) : **98,400/-**, କାର୍ଯ୍ୟ ଶେଷ ହେବା ଅବଧି : **06** ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. **25.08.2026** ରିଖ **1500** ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକୁ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ରାୟଗଡ଼ା

PR-340/R/26-27

**ଗୋପାଳପୁର ମହାବିଦ୍ୟାଳୟ, ଗୋପାଳପୁର, ବାଲେଶ୍ୱର**

**ଅତିଥି ଅଧ୍ୟାପକ ନିଯୁକ୍ତି ସମ୍ବନ୍ଧରେ**

ଗୋପାଳପୁର ମହାବିଦ୍ୟାଳୟ, ଗୋପାଳପୁର, ବାଲେଶ୍ୱର, ପିନ୍-୭୫୬୦୪୪, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅତିଥି ଅଧ୍ୟାପକ (Guest Faculty) ଭାବେ ଅସ୍ଥାୟୀ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଉଅଛି। Master Degree With minimum 55% Marks ଥିବା ଯୋଗ୍ୟ ପ୍ରାର୍ଥୀ ଅବସରପ୍ରାପ୍ତ ଅଧ୍ୟାପକ / ପ୍ରଧ୍ୟାପକମାନେ ନିମ୍ନଲିଖିତ ବିଷୟରେ ଆବେଦନ କରିପାରିବେ। ସମ୍ପୂର୍ଣ୍ଣ ବିବରଣୀ କଲେଜ ୱେବସାଇଟ୍ www.gopalpurcollege.in ରେ ଉପଲବ୍ଧ।

| Subject | No. of Post | Subject | No. Post |
|---|---|---|---|
| Economics | 01 | Logic and Philosophy | 01 |
| History | 03 | Education | 01 |
| Political Science | 03 | Zoology | 01 |
| Home Science | 01 | | |

ଆବେଦନ ପ୍ରକ୍ରିୟା ହିମ୍‌ସ ପୋର୍ଟାଲ୍ https://hims.odisha.gov.in ମାଧ୍ୟମରେ ଆବେଦନ କରିବାକୁ ହେବ। ଅନ୍ୟଥା ଆବେଦନ ଗ୍ରହଣ କରାଯିବ ନାହିଁ।

**ଆବେଦନ ଆରମ୍ଭ - ୦୩.୦୮.୨୦୨୬ ଏବଂ ଆବେଦନ ଶେଷ - ୧୭.୦୮.୨୦୨୬**

**ସ୍ୱା/- ଅଧ୍ୟକ୍ଷ, ଗୋପାଳପୁର ମହାବିଦ୍ୟାଳୟ, ଗୋପାଳପୁର, ବାଲେଶ୍ୱର**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଛାତ୍ର ଆନ୍ଦୋଳନରେ...

ଆହତ ମଧ୍ୟ ହୋଇଛନ୍ତି। ଏଥିସହିତ ବିଭିନ୍ନ ରାଜ୍ୟକୁ ସେଦିନର ସମସ୍ତ ଭିଡିଓ ଓ ସିସିଟିଭି ଫୁଟେଜ୍ ସୁରକ୍ଷିତ ରଖିବାକୁ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ ତାରିଖରେ ହେବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ନିରୀହ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସରକାର ଆଜି ସୁପ୍ରିମ କୋର୍ଟଙ୍କୁ ଜଣାଇଚନ୍ତି। କେନ୍ଦ୍ର ସରକାର ଜଣାଇଛନ୍ତି ଯେ, ସରକାର ନିଜ ପ୍ରତିଶ୍ରୁତିରେ କାଏମ ଅଛନ୍ତି ଏବଂ ଛାତ୍ରମାନଙ୍କ ନାମରେ ନୂଆ ଅଭିଯୋଗପତ୍ର ଦାଖଲ ହେବନାହିଁ। ତେବେ ହିଂସାତ୍ମକ ଆନ୍ଦୋଳନ ଓ ଗୁରୁତର ଅପରାଧରେ ସାମିଲ ଥିବା ୨୭୦୦ ରୁ ଅଧିକ ବ୍ୟକ୍ତିଙ୍କ ବିରୋଧରେ ଥିବା ମାମଲାକୁ ପ୍ରତ୍ୟାହାର କରାଯିବ ନାହିଁ।

### ବାଙ୍କିପୁର ଛଡ଼ାଇନେଲେ...

ପ୍ରସାଦ ଯାଦବଙ୍କୁ ମଧ୍ୟ ଝଟକା ଦେଇଛି। ବାଙ୍କିପୁରବାସୀଙ୍କୁ ଧନ୍ୟବାଦ ଜଣାଇ କିଶୋର କହିଛନ୍ତି ଯେ, ସରକାର ଉପରୁ ରାଜ୍ୟବାସୀ ଆସ୍ଥା ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଜନାଦେଶକୁ ସମ୍ମାନ ଜଣାଇ ପ୍ରଶାନ୍ତ କିଶୋରଙ୍କୁ ବିଜୟ ପାଇଁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ବିଜେପି ସଭାପତି ନିତିନ ନବୀନ ୨୦୧୦ରୁ କ୍ରମାଗତ ଭାବେ ବିଜୟୀ ହୋଇଆସୁଥିଲେ। ସେ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଏହି ଆସନଟି ଖାଲି ପଡ଼ିଥିଲା। ନିକଟରେ କକ୍ରୋଚ୍ ଛାତ୍ର ଆନ୍ଦୋଳନ ପରେ ହୋଇଥିବା ନିର୍ବାଚନରେ ବାଙ୍କିପୁରର ଯୁବ ଭୋଟରଙ୍କ ନିଷ୍ପତ୍ତି ଉପରେ ସାରା ଦେଶର ନଜର ରହିଥିଲା। ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଖାତା ଖୋଲିବାରେ ବିଫଳ ହୋଇଥିବା ଜନ ସୁରାଜ ପାର୍ଟି ପାଇଁ ପ୍ରଶାନ୍ତ କିଶୋରଙ୍କ ଏହି ସଫଳତା ପ୍ରଥମ ବିଧାନସଭା ବିଜୟ। ତେବେ ଗୁଜରାଟ ଏବଂ ମଧ୍ୟପ୍ରଦେଶ ଉପନିର୍ବାଚନରେ ବିଜେପି ଏବଂ କଂଗ୍ରେସ ନିଜର ଆସନ ବଜାୟ ରଖିଛନ୍ତି। ମଧ୍ୟପ୍ରଦେଶର ଦତିଆ ଆସନରେ ହୋଇଥିବା ଉପନିର୍ବାଚନରେ କଂଗ୍ରେସ ବିଜୟୀ ହୋଇଥିବା ବେଳେ ଗୁଜରାଟର ମାଞ୍ଜଲପୁର ବିଧାନସଭା ଆସନକୁ ବଜାୟ ରଖିବାରେ ଭାରତୀୟ ଜନତା ପାର୍ଟି ସଫଳ ହୋଇଛି। ଦତିଆରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ବିଜେପି ପ୍ରାର୍ଥୀଙ୍କୁ ୬ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି। ଗୁଜରାଟର ମାଞ୍ଜଲପୁର ଆସନରୁ ବିଜେପି ପ୍ରାର୍ଥୀ ସତୀଶ ଗୋବିନ୍ଦଭାଇ ପଟେଲ (ସତେନ୍ଦ୍ରଭାଇ) ୩୦,୬୩୦ରୁ ଅଧିକ ଭୋଟ୍ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ଭିଖାଭାଇ ରବାରୀଙ୍କୁ ପରାସ୍ତ କରିଛନ୍ତି।

### ଜମାନତ ହରାଇଲେ ନୀତୀଶ ଓ ଲାଲୁ

ବିହାରର ବାଙ୍କିପୁର ଆସନରେ ମୋଟ ୨୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ମଧ୍ୟରେ ୮ ଜଣ ଥିଲେ ସ୍ୱାଧୀନ ପ୍ରାର୍ଥୀ। ତେବେ ନିର୍ବାଚନ ଫଳାଫଳ ଯେଉଁ କଥାକୁ ନେଇ କୌତୂହଳ ସୃଷ୍ଟି କରିଛି, ତାହାହେଲା ନୀତୀଶ କୁମାର ଏବଂ ଲାଲୁ ପ୍ରସାଦ ଯାଦବଙ୍କ ଶୋଚନୀୟ ପରାଜୟ। କେବଳ ପରାଜୟ ନୁହେଁ; ସେମାନେ ଜମାନତ ମଧ୍ୟ ହରାଇଛନ୍ତି। ନୀତୀଶଙ୍କୁ ମାତ୍ର ୧୪୯ ଭୋଟ୍ ମିଳିଥିବା ବେଳେ ଲାଲୁଙ୍କୁ ମିଳିଛି ୮୧ଟି ଭୋଟ। ତେବେ ଏହି ଦୁଇ ଜଣ ପ୍ରାର୍ଥୀ ବିହାରର ସେହି ଦିଗ୍ଗଜ ନେତା ନୁହନ୍ତି। କେବଳ ସେମାନଙ୍କର ନାମ ସହିତ ଏମାନଙ୍କର ନାମ ମିଶିଯାଉଛି। ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର ଏବେ ରାଜ୍ୟସଭା ସଭ୍ୟ ଥିବା ବେଳେ ଅସୁସ୍ଥତା କାରଣରୁ ଲାଲୁ ଯାଦବ ନିର୍ବାଚନ ରାଜନୀତିରୁ ଦୂରେଇ ରହିଛନ୍ତି।

### ୧୧୦ କୋଟି...

ନିୟମାନୁଯାୟୀ ୪ ଲେଖାଏଁ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ ପଶୁ ଯଥା ମଇଁଷି, ଗାଈ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪,୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଏବଂ ଖଚର ପିଛା ୨୦,୦୦୦ ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ୍, ୧୫ଟି ପୌରାଞ୍ଚଳ, ୬୫୬ଟି ଗ୍ରାମ ପଞ୍ଚାୟତ ଏବଂ ୧୪୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୮ ଲକ୍ଷ ୬୩ ହଜାର ୯୦୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ, ପୂର୍ବ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨ ଲକ୍ଷ ୬୭ ହଜାର ୩୦୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୫୨୯ଟି ରିଲିଫ୍ ଶିବିର ଓ ୩୧ଟି ପଶୁ ଶିବିର କାର୍ଯ୍ୟକ୍ଷମ ରହିଛି। ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚାଇବା ପାଇଁ ପ୍ରାୟ ୪୧ କ୍ୱିଣ୍ଟାଲ ଚାଉଳ, ୧୧୧୫ କ୍ୱିଣ୍ଟାଲ ଚୁଡ଼ା, ୪୯୬ କ୍ୱିଣ୍ଟାଲ ଗୁଡ଼, ୩୮୬୯ଟି ପଲିଥିନ୍ ସିଟ୍ ସହ ବିଭିନ୍ନ ଜରୁରୀ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ସେହିପରି ପଶୁପାଳକମାନଙ୍କୁ ସହାୟତା ଦେବା ପାଇଁ ୧୮୧୬ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫୬୭ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ପ୍ରାୟ ୩୩,୪୫୮.୩୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବାର ପ୍ରାରମ୍ଭିକ ଆକଳନ କରାଯାଇଛି। ବର୍ତ୍ତମାନ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରିରହିଛି। ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପଶୁଚିକିତ୍ସା, ପଲିଥିନ୍ ସିଟ୍ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ନିରନ୍ତର ଭାବେ ଯୋଗାଇ ଦିଆଯାଉଛି। ଇତିମଧ୍ୟରେ ଅତ୍ୟଧିକ ପ୍ରଭାବିତ ଜିଲ୍ଲାମାନଙ୍କୁ ୨୬ କୋଟି ଟଙ୍କାର ଅଗ୍ରୀମ ସହାୟତା ପ୍ରଦାନ କରାଯାଇଥିଲା ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

### ବଜ୍ରପାତରେ ୩...

ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥଲେ। ସେଠାରେ ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପକଣ୍ଠ ରାମଚନ୍ଦ୍ରପୁର ଥାନା ଖଲଣା ଗାଁରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ଆଜି ରମାକାନ୍ତ ବେହେରା ଓ ଭଗବାନ ଭଇରା ବିଲରେ ଧାନତଳି ରୋଉଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ରମାକାନ୍ତଙ୍କୁ ମୃତ ଘୋଷଣା କରିଥିବାବେଳେ ଭଗବାନଙ୍କ ଚିକିତ୍ସା ଚାଲିଛି।

### ଆଉ ବଢ଼ିବ ନାହିଁ...

ସମୟରେ କେନ୍ଦ୍ରରେ କୋଇଲା ମନ୍ତ୍ରୀ ଥିବା ବ୍ୟକ୍ତିମାନଙ୍କୁ ବିଜେଡି ସାଂସଦମାନେ ଭେଟି ବ୍ୟକ୍ତିଗତ ଭାବରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି; ଏହା ସତ୍ତ୍ୱେ କୋଇଲା ରୟାଲଟି ବଢ଼ିନାହିଁ ଓ ଆଗକୁ ଆଉ ବଢ଼ିବ ନାହିଁ ବୋଲି କେନ୍ଦ୍ର ରୋକଠୋକ୍ ମନା କରି ଦେଇଛି।

ଓଡ଼ିଶା ଆଜି ଦେଶର ଶକ୍ତି ସୁରକ୍ଷାର ମୁଖ୍ୟ ଭିତ୍ତି। ଓଡ଼ିଶାର ଅନୁଗୁଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଓ ଦେବଗଡ଼ ଭଳି ଜିଲ୍ଲାରୁ ବିପୁଳ ପରିମାଣରେ କୋଇଲା ଉତ୍ପାଦନ ହେଉଛି। କେବଳ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପ୍ରତିବର୍ଷ ୨୭୦ ନିୟୁତ ଟନ୍‌ରୁ ଅଧିକ କୋଇଲା ଉତ୍ତୋଳନ କରୁଥିବା ବେଳେ ଏନ୍‌ଏଲ୍‌ସି, ଓସିପିଏଲ୍ ଓ ବିଭିନ୍ନ ଘରୋଇ କମ୍ପାନି ପ୍ରାୟ ବାର୍ଷିକ ୫୦ ନିୟୁତ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଉତ୍ତୋଳନ କରୁଛନ୍ତି। ଘରୋଇ କମ୍ପାନୀମାନଙ୍କୁ ଦିଆଯାଇଥିବା କୋଇଲା ଖଣିରୁ ଉତ୍ପାଦନ ଆରମ୍ଭ ହେଲେ ରାଜ୍ୟରୁ ବାର୍ଷିକ କୋଇଲା ଉତ୍ପାଦନ ୪୫୦ ନିୟୁତ ଟନ୍ ଅତିକ୍ରମ କରିବ ବୋଲି କୁହାଯାଉଛି। ଏହି କୋଇଲା ଉପରେ ଦେଶର ତାପଜ ବିଦ୍ୟୁତ କେନ୍ଦ୍ର, ଇସ୍ପାତ ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ ବହୁ ପରିମାଣରେ ନିର୍ଭର କରୁଛି। ମାତ୍ର ରାଜ୍ୟ ପାଉଛି ନାମକୁ ମାତ୍ର ରାଜଭାଗ ବା ରୟାଲଟି। ଉପଲବ୍ଧ ସରକାରୀ ତଥ୍ୟ ଅନୁଯାୟୀ କୋଇଲାରୁ ୨୦୧୯-୨୦ରେ ଓଡ଼ିଶା ୨,୧୩୯ କୋଟି ଟଙ୍କା ରାଜସ୍ୱ ପାଇଛି। ୨୦୨୦-୨୧ରେ ୧,୫୧୯ କୋଟିଟଙ୍କା, ୨୦୨୧-୨୨ରେ ୨,୭୦୪ କୋଟିଟଙ୍କା, ୨୦୨୩-୨୪ରେ ୪,୧୩୭ କୋଟିଟଙ୍କା ଏବଂ ୨୦୨୪-୨୫ରେ ୩,୮୮୧ କୋଟି ଟଙ୍କା ରାଜଭାଗ ପାଇଛି। ଅନ୍ୟପକ୍ଷରେ ଖଣି ଅଞ୍ଚଳର ଲୋକମାନେ ପରିବେଶ ପ୍ରଦୂଷଣ, ବିସ୍ଥାପନ, ଜଳ ଓ ବାୟୁ ପ୍ରଦୂଷଣ, ସଡ଼କ କ୍ଷୟ ଓ ସ୍ୱାସ୍ଥ୍ୟ ସମସ୍ୟାର ଭାର ବହନ କରୁଛନ୍ତି। ରୟାଲଟି ବୃଦ୍ଧି ହେଲେ ଏହି ଅଞ୍ଚଳଗୁଡ଼ିକରେ ପରିବେଶ ସୁରକ୍ଷା, ପୁନର୍ବାସ, ସଡ଼କ, ସ୍ୱାସ୍ଥ୍ୟ ଓ ମୌଳିକ ଭିତ୍ତିଭୂମି ବିକାଶରେ ଅଧିକ ବିନିଯୋଗ କରାଯାଇ ପାରନ୍ତା।

ରାଜ୍ୟସଭାରେ ସାଂସଦ ମାନସରଞ୍ଜନ ମଙ୍ଗରାଜ କୋଇଲା ରାଜଭାଗ ବୃଦ୍ଧି ସଂକ୍ରାନ୍ତରେ ପ୍ରଶ୍ନ ଉଠାଇ ଏଥିରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। କେବେ କୋଇଲା ରାଜଭାଗ ବୃଦ୍ଧି ହେବ ବୋଲି ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ମାତ୍ର କୋଇଲା ଉପରେ ରୟାଲଟି ହାର ସଂଶୋଧନ କରିବା ପାଇଁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ନାହିଁ ବୋଲି ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ। ମନ୍ତ୍ରୀ ପୁଣି କହିଛନ୍ତି ଯେ, ରୟାଲଟି ସଂଶୋଧନ ପାଇଁ କୌଣସି ପ୍ରସ୍ତାବ ନ ଥିବାରୁ ସମୟସୀମାର ପ୍ରଶ୍ନ ମଧ୍ୟ ଉଠୁନାହିଁ। ୨୮ ଫେବୃଆରୀ ୨୦୨୦ରେ ଅନୁଷ୍ଠିତ ପୂର୍ବାଞ୍ଚଳ ପରିଷଦ ବୈଠକରେ ତତ୍କାଳୀନ ଓଡ଼ିଶା ସରକାର ରୟାଲଟି ସଂଶୋଧନ ପ୍ରସଙ୍ଗ ଉଠାଇଥିଲେ। ମାତ୍ର ଆଲୋଚନା ପରେ ଏହି ପ୍ରସଙ୍ଗକୁ ବାଦ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତରକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ ମଙ୍ଗରାଜ। ସେ କହିଛନ୍ତି ଯେ ଏକ ଆକଳନ ଅନୁସାରେ କୋଇଲା ରାଜଭାଗ ସଂଶୋଧନ ନ ହେବା ଯୋଗୁଁ ରାଜ୍ୟ ବର୍ଷକୁ ପ୍ରାୟ ୧୦ ହଜାର କୋଟି ଟଙ୍କା ରାଜସ୍ୱ ହରାଉଛି ଓ ଗତ ୧୦ ବର୍ଷରେ କେବଳ କୋଇଲା ରାଜଭାଗ ବାବଦରେ ଓଡ଼ିଶା ଲକ୍ଷେ କୋଟି ଟଙ୍କା ହରାଇ ସାରିଲାଣି। ରାଜ୍ୟରୁ କ୍ରମବର୍ଦ୍ଧିଷ୍ଣୁ କୋଇଲା ଉତ୍ତୋଳନ ଓ ଖଣି ଅଞ୍ଚଳରେ ବଢୁଥିବା ପରିବେଶ ଓ ସାମାଜିକ ବୋଝକୁ ଦୃଷ୍ଟିରେ ରଖି ରୟାଲଟି ହାରର ପୁନଃ ସମୀକ୍ଷା ଆବଶ୍ୟକ ବୋଲି ଓଡ଼ିଶା ବାରମ୍ବାର ଦାବି କରୁଛି। ମାତ୍ର ରାଜ୍ୟର ଏହି ଯଥାଯଥ ଦାବିପ୍ରତି କେନ୍ଦ୍ର ସରକାର ଆଦୌ କର୍ଣ୍ଣପାତ କରୁ ନ ଥିବା କ୍ଷୋଭର ବିଷୟ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ରାଜ୍ୟରୁ ନିର୍ବାଚିତ ଶାସକ ବିଜେପିର ୨୦ ସାଂସଦ ମଧ୍ୟ ଏହି ପ୍ରସଂଗରେ ତୁଣ୍ଡ ନ ଖୋଲିବା ଓ ରାଜ୍ୟ ବିଜେପି ସରକାର ଏଥିନେଇ କେନ୍ଦ୍ର ନିକଟରେ ଦାବି ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ପୁଣି ରାଜ୍ୟ ବୁଡ଼ାଇବ...

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜୁନ୍ ୧ରୁ ଅଗଷ୍ଟ ୧ ମଧ୍ୟରେ ୭୪୭ ମିଲିମିଟର ବର୍ଷା ରେକର୍ଡ ହୋଇଛି। ମାଲକାନଗିରି, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ଗଞ୍ଜାମ, ଝାରସୁଗଡ଼ା, ମୟୂରଭଞ୍ଜ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଅଧିକ ରହିଛି।


**ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ**

ପତ୍ର ସଂଖ୍ୟା ୨୦୪୪ — ତାରିଖ : ୩୦.୦୭.୨୦୨୬

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ ଦ୍ୱାରା ଉପ-ବଜାର ପ୍ରାଙ୍ଗଣ ରାଳବରେ ନୂତନ ଭାବେ ନିର୍ମିତ ଦୋକାନ ଗୃହଗୁଡିକୁ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରାଯିବ । ଉକ୍ତ ଦୋକାନ ଗୃହରେ ବ୍ୟବସାୟ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ବଜାର କମିଟି କାର୍ଯ୍ୟାଳୟରୁ ଆବେଦନ ଫର୍ମ ଟ.୫୦୦/-ଙ୍କାର ବ୍ୟାଙ୍କ ଡ୍ରାଫ୍ଟ (BD) ମାଧ୍ୟମରେ "ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ"ଙ୍କ ସପକ୍ଷରେ ଦାଖଲ କରି ସଂଗ୍ରହ କରିପାରିବେ । ଦରଖାସ୍ତ ଫର୍ମଟି ଗଞ୍ଜାମ ଜିଲ୍ଲା ୱେବସାଇଟ୍ **www.ganjam.nic.in** ରୁ ମଧ୍ୟ ସଂଗ୍ରହ କରାଯାଇପାରିବ । ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ ହୋଇଥିବା ଆବଶ୍ୟକ । ଆବେଦନକାରୀ ଟେଣ୍ଡର ପକାଇବା ସମୟରେ ନିଜର ଭୋଟର ପରିଚୟ ପତ୍ର / ଆଧାରକାର୍ଡ/ ପାନକାର୍ଡ ଓ ଡ୍ରାଇଭିଂ ଲାଇସେନସର ପ୍ରମାଣ ପତ୍ରର ଅବିକଳ ନକଲ ପ୍ରଦାନ କରିବେ । ଜଣେ ଆବେଦନକାରୀ ଏକାଧିକ ଫର୍ମ କିଣି ପ୍ରତ୍ୟେକ ଦୋକାନ ଗୃହ ପାଇଁ ଅଲଗା ଅଲଗା ଭାବେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ କିନ୍ତୁ ଗୋଟିଏ ସର୍ବୋଚ୍ଚ ଟେଣ୍ଡର ଦରକୁ ଗ୍ରହଣ କରାଯିବ । ଆବେଦନକାରୀ ନିୟନ୍ତ୍ରିତ ବଜାର କମିଟି ତରଫରୁ ଧାର୍ଯ୍ୟ ହୋଇଥିବା ଅମାନତ ରାଶିକୁ ବୃଦ୍ଧି କରି ଟେଣ୍ଡର ଦର ଧାର୍ଯ୍ୟ କରିବେ । ସର୍ବୋଚ୍ଚ ଦରକୁ ଅନୁମୋଦନ ହେବାର ୧୦ ଦିନ ମଧ୍ୟରେ ବଜାର କମିଟିରେ ସମୁଦାୟ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ (BD) ମାଧ୍ୟମରେ ଦାଖଲ କରିବେ ।

**ଟେଣ୍ଡର ଫର୍ମ ବିକ୍ରି ତାରିଖ - ତା... ୦୩-୦୮- ୨୬ ରିଖ ଠାରୁ ତା.୦୨-୦୯-୨୬ ରିଖ ।**

**ଟେଣ୍ଡର ପକାଇବା ଶେଷ ତାରିଖ ଓ ସମୟ - ତା. ୦୩-୦୯-୨୬ରିଖ ଅପରାହ୍ନ ୫ ଘଣ୍ଟା । (କେବଳ ଦ୍ରୁତ ଡ଼ାକ ସେବା ଦ୍ୱାରା )**

**ଟେଣ୍ଡର ଖୋଲିବା ତାରିଖ ଓ ସମୟ -ତା.. ୦୫-୦୯-୨୬ ରିଖ ପୂର୍ବାହ୍ନ ୧୧ ଘଣ୍ଟା।**

**ଟେଣ୍ଡର ଖୋଲିବା ସ୍ଥାନ - ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ହିଞ୍ଜିଳିକାଟୁ**

ବି.ଦ୍ର.- ୧. ସ୍ଥାନୀୟ ପୌରିପରିଷଦ, ନିୟନ୍ତ୍ରିତ ବଜାର କମିଟି ଓ କ୍ରୀଡା ବିଭାଗ ତରଫରୁ ବଜାର ଗୃହ ପାଇଥିବା ବ୍ୟକ୍ତି ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

୨. ୱେବସାଇଟ୍ ରୁ ସଂଗୃହିତ ଦରଖାସ୍ତ ଫର୍ମ ଆବେଦନ ବେଳେ ଆବେଦନ ଫର୍ମ ଫିସ ୫୦୦/-ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରିବାକୁ ହେବ ।

୩. ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୪. ଦରଖାସ୍ତକାରୀ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକୁ ଖୋଲାଯିବ ।

| ସ୍ଥାନ | ଟେଣ୍ଡର ହେବାକୁ ଥିବା ଗୃହ ନଂ. | ସର୍ବନିମ୍ନ ଅମାନତ ରାଶି | ଦରଖାସ୍ତ ସହ ବଇନା ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁଙ୍କ ସପକ୍ଷରେ ପ୍ରଦାନ କରିବେ। | ମାସିକ ଭଡା |
|---|---|---|---|---|
| ଉପ-ବଜାର ପ୍ରାଙ୍ଗଣ, ରାଳବ | ଦୋକାନ ଘର ନଂ- ୦୧, ୦୨, ୦୩, ୦୬, ୦୭, ୦୮ | ଟ. ୫୦,୦୦୦/- | ଟ. ୧୦,୦୦୦/- | ଟ. ୨,୦୦୦/- |

କର୍ତ୍ତୃପକ୍ଷ ଚାହିଁଲେ ସର୍ବୋଚ୍ଚ ନିଲାମକୁ ଗ୍ରହଣ, ଖାରଜ ଓ ରଦ୍ଦ କରିପାରିବେ ।

ଉପ-ଜିଲ୍ଲାପାଳ, ଛତ୍ରପୁର-ତଥା- ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

**ODISHA HYDRO POWER CORPORATION LIMITED** 4001/235/2627

**BALIMELA HYDRO ELECTRIC PROJECT**

OHPC

PO.: Balimela, Dist: Malkangiri (Odisha), PIN: 764051, Phones: 06861-232581 (O) / 232641 (R), Fax: 06861-232541, E-Mail: unit.head_balimea@yahoo.com

**REGD. OFFICE: ODISHA HYDRO POWER CORPORATION LIMITED**

(A Govt. of Odisha Undertaking), Bhoi Nagar, Janapath, Bhubaneswar - 751022

Tel: 91-0674-2542983, 2542802, 2545526, Fax: 2542102, GRAM HYDROPOWER,

E-mail: ohpc.co@gmail.com / md@ohpcltd.com, Website: www.ohpcltd.com.

**CIN: U40101OR1995SGC003963, GSTIN: 21AAACO2575P1Z9**

**TENDER CALL NOTICE No. BHEP/TECH/23/2026-27, Dated: 01.08.2026**

The sealed tenders are invited in single bid basis from the Manufacturer / Reputed firms / Authorised Dealers for the work as detailed below.

| Sl. No. | Description of Items | Cost of Tender Paper (in Rs.) |
|---|---|---|
| 1 | Supply, Installation & Commissioning for HYDAC make Pressure Switches for BHEP, Balimela | Rs. 7080/- Inclusive of GST @ 18% |

**The Sale of Tender Paper will be from : 05.08.2026 to 19.08.2026 (up to 11:00 hrs)**
**The Last date & time of receipt of tenders : Up to 12:00 hrs of 19.08.2026**
**Date and time of opening of the Bid : at 12:30 hrs 19.08.2026**

For details of tender documents, Terms and Conditions, Eligibility criteria and downloading, please visit our websie at **www.ohpcltd.com**

**OIPR-4001/4019/1/26-27/0019**

**Sd/- C & P Head BHEP, Balimela**

**OFFICE OF THE MUNICIPAL COUNCIL, ANANDAPUR**

13001/1400/2627

Mail Id: executiveofficer_andp@rediffmail.com, Ph. No.: 06731220188

Letter No.: 2822 — Date: 31.07.2026

**QUOTATION CALL NOTICE**

Sealed quotations are invited from intending Firms/Agencies/Dealers for the supply of office stationery articles to the Office of the Anandapur Municipality, Anandapur.

**Last Date & Time for Submission of Quotation: 11th August 2026 up to 5:30 PM**
**Date & Time of Opening of Quotation: 12th August 2026 at 11:00 AM**

| Sl. No. | Description | Unit | Rate (Rs.) |
|---|---|---|---|
| 1 | White Paper (Enamil) | Per Rim | |
| 2 | Ruling Paper | Per Rim | |
| 3 | Type Carbon (Kores) | Per Pkt. | |
| 4 | Double Side Carbon (Kores) | Per Pkt. | |
| 5 | J.K. Copier - A4 | Per Pkt. | |
| 6 | J.K. Copier F/S | Per Pkt. | |
| 7 | Alpine | Per Pkt. | |
| 8 | Tag | Per Bundle | |
| 9 | Zems Clip | Per Pkt. | |
| 10 | Gum Pest 700 ml | Per Bottle | |
| 11 | Pencil (H.B.) | Per Piece | |
| 12 | Fevistick | Per Piece | |
| 13 | Stamp Pad (Cores) - (a) Small / (b) Big | Per No. | |
| 14 | Stamp Pad Ink | Per Bottle | |
| 15 | Register (Special) - (a) 4 No / (b) 6 No / (c) 8 No / (d) 10 No | Per Piece | |
| 16 | Flat File (Good Quality) | Per Piece | |
| 17 | Cover File (Good Quality) | Per Piece | |
| 18 | Fly Leaf (Brown) | Per Piece | |
| 19 | Fly Leaf (Colour) | Per Piece | |
| 20 | Eraz-Ex (Correction Pen) | Per Piece | |
| 21 | Stapler No. 10 | Per Pkt. | |
| 22 | Stapler Pin (No. 10 mm) | Per Pkt. | |
| 23 | Stapler (Big) 2416 | Per Pkt. | |
| 24 | Stapler Pin 2416 (45 mm) | Per Pkt. | |
| 25 | Envelope - (a) Brown 9"×4" / (b) Brown 10"×4" / (c) Brown 11"×5" | Per 100 pcs | |
| 26 | Guard File | Per Piece | |
| 27 | Calculator 12-digit engineering 100 Memory | Per Piece | |
| 28 | Diary (Desk Calendar / Daily Planner - Good Quality, with date & day printed) | Per Piece | |

Detailed may be obtained from the Anandapur Municipality Office during office hours on any working day.

OIPR-13001/13049/1/26-27/0009

**Sd/- Executive Officer Anandapur Municipality**

# ବନ୍ୟା ପାଣି କମୁଛି, ଦୂର ହୋଇନି ବିପନ୍ନଙ୍କ ଦୁର୍ଦ୍ଦଶା

**କେନ୍ଦ୍ରାପଡ଼ା, ୩।୮ (ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପାଣି ଧୀରେ ଧୀରେ ହ୍ରାସ ପାଉଥିଲେ ମଧ୍ୟ ପ୍ରଭାବିତ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ଏପର୍ଯ୍ୟନ୍ତ ଦୂର ହୋଇନାହିଁ। ଅନେକ ଗ୍ରାମରେ ପାଣି ଛାଡ଼ିଥିଲେ ମଧ୍ୟ କାଦୁଅ, ଯାତାୟାତ ବିଚ୍ଛିନ୍ନ, ବିଶୁଦ୍ଧ ପାନୀୟଜଳର ଅଭାବ ଓ ଖାଦ୍ୟ ସାମଗ୍ରୀ ପହଞ୍ଚିବାରେ ବିଳମ୍ବ ଭଳି ସମସ୍ୟା ଲୋକଙ୍କ ଦୈନନ୍ଦିନ ଜୀବନକୁ ଅସ୍ତବ୍ୟସ୍ତ କରିରଖିଛି। ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ସମସ୍ତ ପ୍ରଭାବିତ ଅଞ୍ଚଳରେ ସହାୟତା ସମାନ ଭାବେ ପହଞ୍ଚି ପାରି ନ ଥିବା ନେଇ କେତେକ ସ୍ଥାନରୁ ଅଭିଯୋଗ ମଧ୍ୟ ଉଠୁଛି। ୩ ତାରିଖ ଅପରାହ୍ନ ୪ଟା ସୁଦ୍ଧା ଜିଲ୍ଲା ପ୍ରଶାସନର ରିପୋର୍ଟ ଅନୁଯାୟୀ ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା ଓ ଡେରାବିଶ ସମେତ ୯ଟି ବ୍ଲକର ୮୧ଟି ଗପଞ୍ଚାୟତ, ୧୪୧ଟି ଗ୍ରାମ ଓ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ବନ୍ୟାରେ ପ୍ରଭାବିତ ହୋଇଛି। ୭୯,୦୬୫ ଜଣ ଲୋକ ବନ୍ୟାର ପ୍ରଭାବ ସହିଛନ୍ତି। ବିପଦପୂର୍ଣ୍ଣ ଅଞ୍ଚଳରୁ ୧,୦୩୮ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ବର୍ତ୍ତମାନ ୭ଟି ରିଲିଫ ଶିବିରରେ ୨,୧୪୯ ଜଣ ଆଶ୍ରୟ ନେଇଛନ୍ତି। ସରକାରୀ ଭାବେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଥିବା କୁହାଯାଇଛି। ତେବେ କେତେକ ଗ୍ରାମରେ ବନ୍ୟାଜଳ କମିଥିଲେ ମଧ୍ୟ ରାନ୍ଧିବା ପାଇଁ ଶୁଖିଲା ଜାଗା, ପିଇବା ପାଣି ଓ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀର ସମସ୍ୟା ରହିଥିବା ସ୍ଥାନୀୟ ଲୋକ କହୁଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ ୨୭୧.୫୯ କ୍ୱିଣ୍ଟାଲ ଚାଉଳ, ୨୬.୮୮ କ୍ୱିଣ୍ଟାଲ ଚୁଡ଼ା, ୧୧ କ୍ୱିଣ୍ଟାଲ ଗୁଡ଼/ଚିନି, ୧୫୧ କାର୍ଟନ ବିସ୍କୁଟ ଓ ୩୫ ହଜାର ବୋତଲ ପାନୀୟଜଳ ବଣ୍ଟନ କରାଯାଇଛି।

- **୭୯ ହଜାର ଲୋକ ପ୍ରଭାବିତ**
- **୬୧ ରାସ୍ତାରେ ଯାତାୟାତ ବନ୍ଦ**
- **ରିଲିଫକୁ ଅପେକ୍ଷାରେ ବହୁ ପରିବାର**

ତେବେ କିଛି ଦୁର୍ଗମ ଅଞ୍ଚଳରେ ଆବଶ୍ୟକ ସାମଗ୍ରୀ ନିୟମିତ ଭାବେ ପହଞ୍ଚିବା ନେଇ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ୬୧ଟି ରାସ୍ତା ଏବେ ମଧ୍ୟ ଜଳମଗ୍ନ ରହିଥିବାରୁ ଯାତାୟାତ ବ୍ୟାହତ ହୋଇଛି। ସ୍ୱାସ୍ଥ୍ୟ ସେବା ପାଇଁ ୧୬ଟି ମେଡିକାଲ ଟିମ୍ ଓ ପଶୁ ଚିକିତ୍ସା ପାଇଁ ୯ଟି ଭେଟେରିନାରୀ ଟିମ୍ ନିୟୋଜିତ ରହିଛନ୍ତି। ସେହିପରି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ପାୱାର ବୋଟ୍ ଓ ଦେଶୀ ଡଙ୍ଗା ବ୍ୟବହୃତ ହେଉଛି। ବନ୍ୟାଜଳ କମିବା ସହ ଲୋକଙ୍କ ଆଶା ବଢ଼ିଥିଲେ ମଧ୍ୟ ସ୍ୱାଭାବିକ ଜୀବନକୁ ଫେରିବା ପାଇଁ ଏବେ ବି ଅନେକ ପରିବାର ସଂଘର୍ଷ କରୁଛନ୍ତି।





ବନ୍ୟାଞ୍ଚଳରେ ଲୋକଙ୍କ ସମସ୍ୟା ବୁଝୁଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ

## କାଏମା କନପୁର ୪ ନମ୍ବର ୱାର୍ଡ କ୍ଷତିଗ୍ରସ୍ତ

**ରାଜକନିକା,୩।୮ (ସମିସ):** ରାଜକନିକା ବ୍ଲକର ବୈତରଣୀ ନଦୀ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବାରହା ଦୋମଣ୍ଡା ପଞ୍ଚାୟତର କଏମା କନପୁରରେ ମାଟି ଘର କାନ୍ଥ ଭୁଶୁଡିଛି। ୭ ଦିନ ପରେ ଆଜି ବୈତରଣୀ ବନ୍ୟାରେ ସୁଧାର ଆସିଥିଲେ ହେଁ ମାଟି ଘରର କାନ୍ଥ ଏବେ ଖସିବା ଓ ଭୁଶୁଡିବା ଆରମ୍ଭ କରିଛି। ଆଜି ଅପରାହ୍ନରେ ନିର୍ମଳ ସେଠୀ, ସଂଗ୍ରାମ ସେଠୀଙ୍କ ମାଟି ଘରର କାନ୍ଥ ଭୁଶୁଡିବା ଆରମ୍ଭ କରିଛି। ବନ୍ୟା ଦୁର୍ଗତଙ୍କ ପାଇଁ ସରକାରୀ ସ୍ତରରେ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ ପ୍ରଦାନରେ ପାତରଅନ୍ତର ହୋଇଥିବା ଅଭିଯୋଗ ହୋଇଛି। ରାଜସ୍ୱ ମନ୍ତ୍ରୀଙ୍କ



ଘୋଷଣା ମୁତାବକ ବନ୍ୟା ଛାଡିବାର ୩ ଦିନ ପରେ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ରିପୋର୍ଟ ଦେବାକୁ ଥିବାବେଳେ ରାଜକନିକା ବ୍ଲକ ପ୍ରଶାସନ କେମିତି ସ୍ୱଚ୍ଛ ଭାବେ କ୍ଷୟକ୍ଷତିର ରିପୋର୍ଟ ଦେଉଛି, ତାହା ବିପନ୍ନଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି।

## ବନ୍ୟାଞ୍ଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

**ରାଜନଗର,୩।୮ (ସମିସ):** ରାଜନଗର ବ୍ଲକର ବନ୍ଧପଡ଼ା ଓ ରାଜପୁର ପଞ୍ଚାୟତର ବହୁ ଗ୍ରାମର ଲୋକେ ବନ୍ୟାରେ ଜଳବନ୍ଦୀ ହୋଇ ରହିଛନ୍ତି। ଏହି ଗ୍ରାମର ରୋଗୀ ପାଣିଘେରରେ ଥିବାରୁ ବାହ୍ୟ ଜଗତକୁ ଆସିପାରୁନଥିଲେ। ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମୁଖ୍ୟ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ମହାନ୍ତି, ଡାକ୍ତର ମନୋରଞ୍ଜନ ନାଥ, ଫାର୍ମାସିଷ୍ଟ କ୍ରିଷ୍ଣାରାଣୀ ଶତପଥୀ, ଏଏନଏମ ସ୍ମିତା ସାମନ୍ତରାୟ, ଶରତ ଦାସ, ଅନୀତା ସ୍ୱାଇଁ, ରେବତୀ ପରିଡ଼ା ପ୍ରମୁଖ ବନ୍ୟା ପ୍ଲାବିତ ଜଳବନ୍ଦୀ ଦାଣ୍ଡି, ବାଲିଚନ୍ଦ୍ରପୁର, ଚକିବାଙ୍କ ଗ୍ରାମରେ ପ୍ରଭାବିତ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଲୋକମାନେ ସ୍ୱଚ୍ଛ ପାନୀୟଜଳ ବ୍ୟବହାର କରିବାକୁ



ପରାମର୍ଶ ଦେବା ସହ ବିଭିନ୍ନ ରୋଗର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ କହିଥିଲେ।



## ଘର ଭାଙ୍ଗିଛି, ଜଳୁନି ଚୁଲି; ରିଲିଫ ସମୁଦ୍ରକୁ ଶଙ୍ଖେ

**ପଟ୍ଟାମୁଣ୍ଡାଇ,୩।୮ (ସମିସ):** ବ୍ରାହ୍ମଣୀ ଓ କାଣୀ ନଦୀର ଚଳିତ ବନ୍ୟା ସବୁ କିଛି ଛଡାଇ ନେଇଛି ଓ ଛାରଖାର ହୋଇଛି ସମଗ୍ର ଅଞ୍ଚଳ। ବନ୍ୟାରେ ହଜାର ହଜାର ଏକର ଜମିର ଫସଲହାନି ଦେଖି ଚାଷୀ ଆଖିରେ ଲୁହ ବୋହୁଛି। ବନ୍ୟା ଯୋଗୁଁ କେତେକ ରାସ୍ତାରେ ଘାଇ ସୃଷ୍ଟି ହେବା ସହିତ ଅଧିକାଂଶ ରାସ୍ତା ଧୋଇ ହୋଇଯିବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ବନ୍ୟା ପାଣି ପଶି ବହୁ କଚାଘର ଭାଙ୍ଗିଯାଇଥିବାରୁ ଗରିବ ଶ୍ରେଣୀର ଲୋକଙ୍କ ଘରେ ଚୁଲି ଜଳୁନି। ସ୍କୁଲ କଲେଜରେ ବନ୍ୟା ପାଣି ପଶି ଶିକ୍ଷାଦାନ ଠପ ହୋଇଯାଇଛି। ଧୋୟାଞ୍ଚଳର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ପଶି ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। କାମ ନ ପାଇ ଗରିବ ଶ୍ରେଣୀର ଲୋକେ ଉପାସରେ ଦିନ କାଟୁଛନ୍ତି। ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ରିଲିଫ ସମୁଦ୍ରକୁ ଶଙ୍ଖେ ହୋଇଛି। ଗୋଖାଦ୍ୟ ଅଭାବରୁ ଗୃହପାଳିତ ପଶୁ ଦୁର୍ଦ୍ଦଶାରେ ଅଛନ୍ତି। ପ୍ରସୂତୀ ମହିଳା ଓ ଗୁରୁତର ରୋଗୀ ଚିକିତ୍ସା ପାଇଁ ଡାକ୍ତରଖାନା ଯିବା କଷ୍ଟକର ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲେ ମଧ୍ୟ ରିଲିଫ ପରିମାଣକୁ ନେଇ ବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

**ଫସଲ ହାନି ଦେଖି ଚାଷୀ ହତାଶ**

## ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ଗୋବିନ୍ଦପୁର, ୩।୮ (ସମିସ):** ଆଳି ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଜଳବନ୍ଦୀ ଥିବା ବିପନ୍ନଙ୍କୁ ପଞ୍ଚାୟତ ବିଜେଡି ଦଳ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଗୁଣ୍ଡୁଦିଆ, ପାନପେଣ୍ଟ, ହିଞ୍ଜୀଳ, କେତୁଆପାଳ ଗ୍ରାମରେ ଥିବା ବନ୍ୟା ବିପନ୍ନଙ୍କୁ ବଣ୍ଟନ ହୋଇଛି। ଯୁବ ବିଜେଡି ସଂଗଠକ ସୁଦର୍ଶନ ସାମଲ, ସ୍ମୃତିରଞ୍ଜନ ଜେନା, ରଜତ ସାମଲ, ସଞ୍ଜିତ ରାଉତ, ଶୁଭମ ରାଉତ, ସରପଞ୍ଚଙ୍କ ପ୍ରତିନିଧି ସୁବାସ ମଲ୍ଲିକ ଓ ବିଜେଡି କର୍ମୀ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।



## କାର୍ଯ୍ୟକାରୀ ହେଲା ଜିଲ୍ଲାପାଳଙ୍କ ବଦଳି ଆଦେଶ

**ସକାଳ ପ୍ରଭାବ**

**ମହାକାଳପଡ଼ା, ୩।୮ (ସମିସ):** ଦୈନିକ ଖବରକାଗଜ 'ସକାଳ'ରେ କ୍ରମାଗତ ଭାବେ ଖବର ପ୍ରକାଶ ପରେ ଶେଷରେ ମହାକାଳପଡ଼ା ବ୍ଲକ ପ୍ରଶାସନ ଅନ୍ୟ ତିନିଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ମଧ୍ୟ ଦାୟିତ୍ୱମୁକ୍ତ କରିଛି। ପୂର୍ବରୁ ଦୁଇଜଣଙ୍କୁ ଅବ୍ୟାହତି ମିଳିଥିବାବେଳେ ବର୍ତ୍ତମାନ ଅବଶିଷ୍ଟ ତିନିଜଣଙ୍କୁ ମଧ୍ୟ ରିଲିଭ୍ କରାଯିବା ଫଳରେ ଜିଲ୍ଲାପାଳଙ୍କ ବଦଳି ନିର୍ଦ୍ଦେଶ ଶେଷରେ କାର୍ଯ୍ୟକାରୀ ହୋଇଛି। ଗୋଟିଏ ସ୍ଥାନରେ ତିନି ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଥିବା ମହାକାଳପଡ଼ା ବ୍ଲକର ୫ ଜଣ ପିଇଓଙ୍କ ବଦଳି ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଗତ ୮ ଜୁନରେ ଚିଠି ନମ୍ବର୯୫୬ ଜାରି କରିଥିଲେ। ସେଥିରେ ୧୦ ଜୁଲାଇ ସୁଦ୍ଧା ପୂର୍ବ କର୍ମସ୍ଥଳର ଦାୟିତ୍ୱ ହସ୍ତାନ୍ତର କରି ନୂତନ ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶ ଥିଲା। ସମୟସୀମା ଅତିକ୍ରମ ହେବା ପରେ ମଧ୍ୟ ୨୨ ଜୁଲାଇ ପର୍ଯ୍ୟନ୍ତ ସମସ୍ତେ ପୂର୍ବ ପଞ୍ଚାୟତରେ କାର୍ଯ୍ୟ କରୁଥିଲେ। ଏ ଘଟଣାକୁ ନେଇ 'ସକାଳ'ର ୨୩ ଜୁଲାଇ ସଂସ୍କରଣରେ ଖବର ପ୍ରକାଶ ପାଇବା ପରେ ପରଦିନ, ଅର୍ଥାତ୍ ୨୪ ଜୁଲାଇରେ ମହାକାଳପଡ଼ା ବ୍ଲକ ପ୍ରଶାସନ ଚିଠି ନମ୍ବର ୩୩୯୫ ଜାରି କରି ପ୍ରକାଶ ମଲ୍ଲିକ ଓ ମୃତ୍ୟୁଞ୍ଜୟ ରାଉତଙ୍କୁ ଦାୟିତ୍ୱମୁକ୍ତ କରିଥିଲା। ଅନ୍ୟ ତିନିଜଣ ପିଇଓ ସୁକୁମାର ମଣ୍ଡଳ, ବିଭୁରଞ୍ଜନ ସାହୁ ଓ ଚନ୍ଦନ କୁମାର ଦାସଙ୍କୁ କାହିଁକି ଦାୟିତ୍ୱମୁକ୍ତ କରାଯାଉନାହିଁ ବୋଲି ୨୬ ଜୁଲାଇ ସଂସ୍କରଣରେ ପୁଣି ଖବର ପ୍ରକାଶ ପାଇଥିଲା। ଏହାପରେ ୩୧ ଜୁଲାଇରେ ବ୍ଲକ ପ୍ରଶାସନ ସେମାନଙ୍କୁ ମଧ୍ୟ ଦାୟିତ୍ୱମୁକ୍ତ କରିଛି। ନୂତନ ପିଇଓ ଏପର୍ଯ୍ୟନ୍ତ ଯୋଗଦାନ କରି ନ ଥିବାରୁ ସମ୍ପୃକ୍ତ ପଞ୍ଚାୟତର ପ୍ରଶାସନିକ କାର୍ଯ୍ୟ ଚାଲୁ ରଖିବା ପାଇଁ ଅନ୍ୟ ପଞ୍ଚାୟତର ପିଇଓ ଓ ସମ୍ପୃକ୍ତ ପଞ୍ଚାୟତର ଏଡିଇଓଙ୍କ ନିକଟରେ ଅସ୍ଥାୟୀ ଭାବେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ବିପଦଜନକ ଭାବେ ନଦୀ ପାର ହେଉଛନ୍ତି କାଉଡ଼ିଆ, ଫାଇବର ଜେଟି ଦାବି

**ରାଜକନିକା,୩।୮ (ସମିସ):** ଆଣ୍ଠୁଏ କାଦୁଅ ଓ ପାଣିରେ ପଶି ଘାଟ ଡଙ୍ଗାରେ ପାର ହେଉଛନ୍ତି ଲୋକେ। ଏବେ ପୁଣି ଶ୍ରାବଣ ମାସ ସୋମବାର ପାଇଁ ରାଜକନିକା ପଟ୍ଟୁ ପ୍ରସିଦ୍ଧ ଶୈବପୀଠ ଆରଡିକୁ ହଜାର ହଜାର ସଂଖ୍ୟାରେ କାଉଡିଆ ଯାଉଛନ୍ତି। ତେବେ ଆଜିର ଡିଜିଟାଲ ଯୁଗରେ ନଦୀ ପାର ହୋଇ ସାଧାରଣ ଜନଜୀବନ ଯେତିକି ଚଳପ୍ରଚଳ କରିବା ଯେତିକି ଆଶ୍ଚର୍ଯ୍ୟଜନକ ଓ ବିପଦପୂର୍ଣ୍ଣ ମନେ ହେଉଛି। କାଦୁଅ ପଚ ପଚ ଅବସ୍ଥାରେ ଜିନିଷପତ୍ର, ସାଇକଲକୁ କାନ୍ଧରେ ବୋହି ଡଙ୍ଗାକୁ ଚଢିବା ଓ ଓହ୍ଲାଇବା ଘଟଣାକୁ ଆଖିରେ ନ ଦେଖିଲେ ଆଦୌ ସହଜରେ ଗ୍ରହଣ କରି ହେଉନାହିଁ। ନିଲାମଯୋଗ୍ୟ ଘାଟରେ ସରକାର ବୁଝୁଛନ୍ତି। ବୈତରଣୀ ନଦୀର ତିନିତର ଓ ମାନପୁର ଘାଟ ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ପଟ୍ଟୁ ପାର ହେଉଥିବା ଲୋକେ କୁମ୍ଭୀର ସରୀସୃପ ଓ ଜୁଆର, ଭଟ୍ଟା ସମୟରେ ନାକେଦମ ହେଉଛନ୍ତି। ସରକାରଙ୍କ ସେତୁ ଯୋଜନାରେ ସାମିଲ ହେବାର ଚିହ୍ନବର୍ଣ୍ଣ ନ ଥିବା ଏହି ଫେରିଘାଟରେ ଫାଇବର ଭାସମାନ ଜେଟି କରାଗଲେ ଏହା ଉପର ଦେଇ ନୌକାରେ ଯାତ୍ରୀ ପରିବହନ ବେଶ ଆରାମଦାୟକ ଓ ବିପଦମୁକ୍ତ ରୁହନ୍ତା ବୋଲି କଲେଜ ଛାତ୍ରୀ କ୍ରିଷ୍ଣା ମହାନ୍ତି କହିଛନ୍ତି। ବ୍ଲକ୍ ଓ ତହସିଲ ପ୍ରଶାସନ ଏହି ଘାଟରେ ଫାଇବର ଭାସମାନ ଜେଟି କରି ଜନଜୀବନ ସୁରକ୍ଷାରେ ବ୍ରତୀ ହେବାକୁ ଆହ୍ୱାନ ଆସିଛି।



## ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

ମାର୍ଶାଘାଇ,୩।୮ (ସମିସ): ମାର୍ଶାଘାଇ ନିକଟସ୍ଥ ଲୁଣା ନଦୀର ଆଖଣ୍ଡଳମଣୀ ମନ୍ଦିର ନିକଟରୁ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦାନପୁର ଗୌତମ ଦାସଙ୍କ ପତ୍ନୀ ମନୋରମା ଦାସ (୪୬) ମୃତଦେହକୁ ପୁଲିସ ଉଦ୍ଧାର କରିଛି। ଗତ ମାସ ୩୧ ତାରିଖରେ ସେ ଦାନପୁର ନିକଟସ୍ଥ ଲୁଣା ନଦୀକୁ ଶୌଚ ହେବାକୁ ଯାଇ ଫେରି ନ ଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯାଇଥିଲା। ଆଜି ମାର୍ଶାଘାଇ ଥାନା ଅନ୍ତର୍ଗତ ମଣି ମନ୍ଦିର ନିକଟରେ ଏକ ଶବ ଭାସୁଥିବା ଖବରପାଇ ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚି ଶବ ଉଦ୍ଧାର କରିଥିଲେ। ତାଙ୍କ ସ୍ୱାମୀ ପହଞ୍ଚି ଶବ ଚିହ୍ନଟ କରିଥିଲେ।

## ଦୁର୍ଘଟଣାରେ ମହିଳା ମୃତ

ରାଜନଗର, ୩।୮ (ସମିସ): ରାଜନଗର-ଗୁପ୍ତି ରାସ୍ତାର ରାଜରାଜେଶ୍ୱରପୁର ନିକଟରେ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟିଛି। ଆଜି ଦିନ ପ୍ରାୟ ୨ ଘଟିକା ସମୟରେ ରାଜରାଜେଶ୍ୱରପୁର ନିକଟରେ ଦୁର୍ଘଟଣାରେ ରାଜରାଜେଶ୍ୱରପୁର ଗାଁର ସୁଷମା ଗିରି (୫୨)ଙ୍କ ମୃତ୍ୟୁ ଘଟିଥିଲା। ସୁଷମା ରାସ୍ତା କଡ଼ରେ ଛିଡ଼ା ହୋଇଥିବାବେଳେ ବାଇକ୍ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

ମହାକାଳପଡ଼ା, ୩।୮ (ସମିସ): ଲୁଣା ନଦୀରେ ବନ୍ୟା ଜଳ ସହ ଭାସି ଆସିଥିବା ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ନଦୀକୂଳରେ ଜଣେ ମହିଳାଙ୍କ ଶବ ଭାସୁଥିବା ଦେଖି ତୁରନ୍ତ ମାର୍ଶାଘାଇ ଥାନାକୁ ସୂଚନା ଦେଇଥିଲେ। ମାର୍ଶାଘାଇ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତଦେହର ପରିଚୟ ମିଳି ନ ଥିବାବେଳେ ଆଖପାଖ ଥାନାକୁ ସୂଚନା ପଠାଯାଇଥିବା ଜଣାପଡ଼ିଛି।

## ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ସ୍ମୃତିଚାରଣ ସଭା



**ଡେରାବିଶ, ୩।୮ (ସମିସ):** ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ପୂର୍ବତନ ସଭାପତି ଶତାୟୁ ସ୍ୱର୍ଗତ ବିମ୍ବାଧର ମୁଦୁଲିଙ୍କ ଦ୍ୱାଦଶାହ ଅବସରରେ ଡେରାବିଶ ବ୍ଲକ ଅଧୀନ କାଉପଡା ପଞ୍ଚାୟତର ନିଳିକଣାଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି ସ୍ମୃତି ସଂସଦ ଆନୁକୁଲ୍ୟରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡା ଅଧ୍ୟକ୍ଷତା କରିଥିଲେ। ଗାନ୍ଧୀ ପଦଯାତ୍ର ସ୍ମୃତି ପରିଷଦ ସଭାପତି ପ୍ରାଧ୍ୟାପକ ଅଜୟ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଅମର ପ୍ରସାଦ ଶତପଥୀ, ଅଶୋକ ପଣ୍ଡା, ବିଜୟ ମହାପାତ୍ର, ସୁରେଶ ରାଉତରାୟ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ପୂର୍ବତନ ବିଧାୟିକା ଡ. ସିପ୍ରା ମଳିକ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲାପାଳ ରଘୁରାମ ଆର ଆୟାର, ବିଡିଓ ନମିତା ବାରକ ଓ ତହସିଲଦାର ସରୋଜକାନ୍ତ ନାୟକ ଯୋଗଦେଇ ବର୍ଷୀୟାନ ସଂଗ୍ରାମୀ ସ୍ୱର୍ଗତ ମୁଦୁଲିଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ମୃତି ସଂସଦ ସଂଯୋଜକ ରାଜେଶ ପଣ୍ଡା ସ୍ୱର୍ଗତ ମୁଦୁଲିଙ୍କ ଜୀବନାଦର୍ଶ ଉପରେ ତଥ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡା, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ବିଷ୍ଣୁ ଦାସ, ଡାକ୍ତର ଦେବସ୍ମିତା ଶର୍ମା, ରବି ସାମଲ, ଗୀତାଞ୍ଜଳି ସେଠୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ଅବସରରେ ଦୀପକ ଓଝାଙ୍କ ସମ୍ପାଦନାରେ 'ସ୍ମୃତିରେ ସ୍ୱାଧୀନନା ସଂଗ୍ରାମୀ ବିମ୍ବାଧର ମୁଦୁଲି' ଶୀର୍ଷକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଅଭିମନ୍ୟୁ ରାଉତ, ନାରାୟଣ ମୁଦୁଲି, ମରୁତ ସ୍ୱାଇଁ, ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

## ମହିଳାଙ୍କୁ କୁମ୍ଭୀର ଟାଣି ନେଇଥିବା ସନ୍ଦେହ

**ପଟ୍ଟାମୁଣ୍ଡାଇ,୩।୮ (ସମିସ):** ଅଳପୁଆ ପଞ୍ଚାୟତର ଦାମୋଦରପାଟଣା ଗ୍ରାମର ସୁଚିତ୍ରା ଦାସ ନାମକ ମହିଳା ଶୌଚ ପାଇଁ ସକାଳ ୫ଟା ସମୟରେ ବ୍ରାହ୍ମଣୀ ନଦୀକୂଳକୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ନଦୀକୂଳକୁ ଯାଇ ଖୋଜାଖୋଜି କରି ନ ପାଇବାରୁ ସୁଚିତ୍ରାଙ୍କୁ କୁମ୍ଭୀର ଟାଣି ନେଇଥିବା ସନ୍ଦେହ କରୁଛନ୍ତି। ନଦୀ କୂଳରେ ତାଙ୍କ ବାଲ୍‌ଟି, ଚପଲ, ବ୍ରସ ପଡିଥିବା ଦେଖିବାକୁ ମିଳିଛି। ସୁଚିତ୍ରାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଅଟନ୍ତି ଓ ସେ ଦାମୋଦରପାଟଣା ନୋଡାଲ ସ୍କୁଲରେ ପାଚିକା ଭାବେ କାମ କରନ୍ତି। ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀ ଓ ବନ ବିଭାଗ ପହଞ୍ଚିଥିବାବେଳେ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ସୁବାସ ନନ୍ଦଙ୍କ ନେତୃତ୍ୱରେ ନଦୀରେ ଖୋଜାଖୋଜି ଜାରି ରହିଛି।

## ପାରିବାରିକ ବିବାଦ, ଯୁବକଙ୍କୁ ଛୁରାମାଡ଼

ରାଜକନିକା,୩।୮ (ସମିସ): ରାଜକନିକା ଥାନା ଅନ୍ତର୍ଗତ ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତରେ ଆଜି ସନ୍ଧ୍ୟାରେ ପାରିବାରିକ ବିବାଦରୁ ମରଣାନ୍ତକ ଆକ୍ରମଣ ହୋଇଛି। ହିମାଂଶୁ ପରିଡା (୪୪)ଙ୍କ ମୁଣ୍ଡ ଓ ପେଟରେ ଛୁରାମାଡ଼ କରାଯାଇଛି। ହିମାଂଶୁଙ୍କ ଭାଇ ଶଶାଙ୍କ ପରିଡା ଓ ଓ ଭାଉଜ ଉର୍ବଶୀ ପରିଡା ମିଳିତ ଭାବେ ଆକ୍ରମଣ କରିଥିଲେ। ହିମାଂଶୁ ମେଡିକାଲରେ ଚିକିତ୍ସିତ ହୋଇ ଥାନାରେ ଏତଲା ଦେଇଛନ୍ତି।

## ନାଗରିକ ମଞ୍ଚର ସାମ୍ବାଦିକ ସମ୍ମିଳନୀ | ଦୁଇଟି ଗାଁର ୧୯୭ ଜଣଙ୍କ ନାମ କଟାଯିବା ଅଭିଯୋଗ

**ରାଜନଗର, ୩।୮ (ସମିସ):** ଚାନ୍ଦିବାଉଁଶମୂଳ ପଞ୍ଚାୟତର ଦୁଇଟି ଗାଁ ଯଦୁଚନ୍ଦ୍ରପୁର ଓ ଢୋଳମରାର ୧୯୭ ଜଣଙ୍କ ନାମ ଭୋଟର ତାଲିକାରୁ କାଟିଦେବାକୁ ଆବେଦନ କରାଯାଇଛି। ଏହା ଜଣାପଡ଼ିବା ପରେ ଚାନ୍ଦିବାଉଁଶମୂଳ ପଞ୍ଚାୟତରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପଞ୍ଚାୟତବାସୀ ନାଗରିକ ମଞ୍ଚ ଗଠନ କରି ସାମ୍ବାଦିକ ସମିଳନୀ କରି ବର୍ଷିବା ସହିତ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ଏସଆଇଆର ପକ୍ରିୟାରେ ଭୋଟର ତାଲିକା ଯାଞ୍ଚ ପରେ ଜୁଲାଇ ୫ ତାରିଖରେ ଭୋଟର ତାଲିକା ପ୍ରକାଶ ପାଇଛି। ଅଗଷ୍ଟ ୪ ତାରିଖ ଯାଏଁ ଭୋଟର ତାଲିକାରେ ନାମ ଯୋଡାହେବା, ବାଦ ଦେବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ଫର୍ମ-୭ରେ ଆବେଦନ କରାଯାଉଛି। ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଯଦୁଚନ୍ଦ୍ରପୁର ଓ ଢୋଳମରା ଗାଁର ୧୯୭ ଜଣଙ୍କ ନାଁ ଭୋଟର ତାଲିକାରୁ କାଟିଦେବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ଫର୍ମ ୭ରେ ଆବେଦନ କରାଯାଇଛି। ବୁଥ ନମ୍ବର ୯୦ ଯଦୁଚନ୍ଦ୍ରପୁର ଗାଁରେ ୧୨୧ ଜଣଙ୍କୁ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇଥିବା ଦର୍ଶାଇ ଜଣେ ନୂଆ ଭୋଟର ଲିପସାରାଣୀ ରାଉଳ ଫର୍ମ-୭ରେ ଆବେଦନ କରିଛନ୍ତି। ବୁଥ ନମ୍ବର ୯୧ ଢୋଳମରା ଗାଁର ୭୫ ଜଣଙ୍କୁ ଭୋଟର ଲିଷ୍ଟରୁ ବାଦ ଦେବା ପାଇଁ ବିଜେପି ବୁଥ ଲେଭୁଲ ଏଜେଣ୍ଟ ରାମଚନ୍ଦ୍ର ରାଉତ ଆବେଦନ କରିଛନ୍ତି। ଦୁଇଟି ଗାଁର ୧୯୭ ଜଣ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇଥିବା ଦର୍ଶାଇ ସେମାନଙ୍କୁ ତାଲିକାରୁ ବାଦ ଦେବା ପାଇଁ ଆବେଦନ କରାଯାଇଛି। ଚାନ୍ଦିବାଉଁଶମୂଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ବସୁମତୀ ରାଉଳ, ୱାର୍ଡ ସଭ୍ୟ ରିନାରାଣୀ ବରାଳ, ମା' ମାଟିଆ ମଙ୍ଗଳା ପୂଜକ ହରେକୃଷ୍ଣ ରାଉଳ, ଯାମିନୀକାନ୍ତ ରାଉଳ, ଶିକ୍ଷକ ଅପୂର୍ବ ମିଳନ ରାଉଳ, ରଞ୍ଜନ ରାଉଳ, ରିନାରାଣୀ ସାମଲ, ସନ୍ୟାସୀ ରାଉଳ, ବିଜେଡି ବୁଥ ଲେଭୁଲ ଏଜେଣ୍ଟ ପ୍ରଭାତ ରାଉଳ, ବିଚିତ୍ର ବିଶ୍ୱାଳ, କଂଗ୍ରେସ ବୁଥ ଲେଭୁଲ ଏଜେଣ୍ଟ ହେମନ୍ତ ମିଶ୍ରଙ୍କ ସହିତ ତାଙ୍କ ପରିବାରର ୧୫ ଜଣଙ୍କ ନାଁ କାଟିବାକୁ ଫର୍ମ-୭ରେ ଆବେଦନ କରାଯାଇଥିବା ଜଣାପଡିବା ପରେ ଆଜି ନାଗରିକ ମଞ୍ଚ ପକ୍ଷରୁ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ହେମନ୍ତ ମିଶ୍ର, ପ୍ରଭାତ ରାଉଳ, ସରୋଜ ରାଉତ, ଅଜୟ ପାତ୍ର, ହରେକୃଷ୍ଣ ରାଉଳଙ୍କ ସମେତ ପଞ୍ଚାୟତବାସୀ ପ୍ରତିବାଦ କରିଛନ୍ତି। ଯିଏ ଭୋଟଦାନ ଭଳି ମୌଳିକ ଅଧିକାରରୁ ବଞ୍ଚିତ କରିବା ପାଇଁ ମିଛ ଆବେଦନ କରିଛି, ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ଦାବି କରାଯାଇଛି। ଏ ନେଇ ନାଗରିକ ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ଅବଗତ କରାଯାଇଛି।




## ଖସିଲା ପୂର୍ତ୍ତ ବିଭାଗ ସୂଚନା ଫଳକ, ବର୍ତ୍ତିଲେ ପଥଚାରୀ

**ରାଜନଗର, ୩।୮ (ସମିସ):** ତାଳଚୁଆଠାରୁ କୋଠିଘାଟ ରାସ୍ତାର ତାଳଚୁଆ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିଲା ସୂଚନା ଫଳକ। ସୂଚନା ଫଳକରେ ହାତିଆଗଣ୍ଡ, ଅହିରାଜପୁର, ବନିପାଳ, କୋଠିଘାଟ କେତେଦୂର ତା'ର ସୂଚନା ଥିଲା। ଆଜି ଦିନ ପ୍ରାୟ ୧୦ଟା ସମୟରେ ହଠାତ ଲୁହାର ସୂଚନା ଫଳକ ଖସିପଡିଥିଲା। ସେ ସମୟରେ ଅଟୋରେ ୪ ଜଣ ଯାତ୍ରୀ ଯାଉଥିଲେ। ଅଳ୍ପକେ ଅଟୋଠାରୁ ୫ ଫୁଟ ଦୂରରେ ଏହି ସୂଚନା ଫଳକ ଖସିପଡିଥିଲା। ଫଳରେ ୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।



## ମିଳିତ ଜନଅଭିଯୋଗ ଶୁଣାଣି ଶିବିର | ୧୪୯ଟି ଅଭିଯୋଗର ଶୁଣାଣିକଲେ ପ୍ରଶାସନ

**ଗରଦପୁର, ୩।୮ (ସମିସ):** ଗରଦପୁର ବ୍ଲକ ପରିସରରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁନାଥ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟରିଆ, ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର ଅମିତ ହୋତା, ବିଡିଓ ଆଲୋକ ସେଠୀ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ୧୪୯ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଆସିଥିବା ୧୪୯ଟି ଅଭିଯୋଗରୁ ୧୩ଟି ସାମୂହିକ ସମସ୍ୟାଭିତ୍ତିକ ଥିଲା। ମଧୁଶାସନ ପଞ୍ଚାୟତ ଗୁଡିଆ ସାହିରେ ରାସ୍ତା ନ ଥିବା ହେତୁ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ଶିବିର ଆଗରେ ବସି ରହିଥିଲେ। ଜିଲ୍ଲାପାଳ ସେମାନଙ୍କୁ ଭେଟି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେବାପରେ ଉଠିଥିଲେ। ସେହିପରି ଅନ୍ୟ କେତେକ ସାମୂହିକ ଅଭିଯୋଗ ଆସିଥିଲା। ଅନ୍ୟପକ୍ଷରେ ରାଏସର ଗ୍ରାମର ସୁଶାନ୍ତ ନାୟକଙ୍କ ପଟ୍ଟା ମିଳୁନଥିବା ଅଭିଯୋଗ କରିଥିବାବେଳେ କପିଳ ଦାସ ମଧ୍ୟ ସମାନ ଅଭିଯୋଗ କରିଥିଲେ। ସମସରା ଗ୍ରାମର ମାନସୀ ଦାସ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ତାଙ୍କୁ ଆବାସ ମିଳୁନାହିଁ। ପାଟକୁରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରୁ ପାଣି ନିଷ୍କାସନ ପାଇଁ ବିଦ୍ୟାଳୟ ସଭାପତି ପ୍ରଶାନ୍ତ ମଲ୍ଲିକ ସମେତ ଅଭିଭାବକ ଅଭିଯୋଗ କରିଥିଲେ। ଏ ଅବସରରେ ପାଖିଡ ପଞ୍ଚାୟତର ଦୁଇଜଣ ଦିବ୍ୟାଙ୍ଗଙ୍କୁ ଦୁଇଟି ଟ୍ରାଇ ସାଇକଲ ଓ ଗରଦପୁର, ପାଖିଡର ଦୁଇଜଣଙ୍କୁ ନୂଆ ଭତ୍ତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା ଓ ପାନୀୟ ଜଳ, ଜଳ ନିଷ୍କାସନ ପାଇଁ ବହୁ ଅଭିଯୋଗ ହୋଇଥିଲା। ଶିବିରରେ ଏବିଡିଓ ସଞ୍ଜୟ ଦାସ, ବ୍ଲକ ଶିକ୍ଷାଧିକାରୀ ଅଜୟ ସେଠୀ, ସ୍ୱାସ୍ଥ୍ୟ ଅଧିକାରୀ ଡା. ନିରଞ୍ଜନ କର, ମୃତ୍ତିକା ସଂରକ୍ଷଣ ଅଧିକାରୀ ସୀମାନ୍ତ ସ୍ୱାଇଁ, କୃଷି ଅଧିକାରୀ ଡ. ଗୌତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚୈତନ୍ୟ ବିଶ୍ୱାଳ ଓ ଏପିଓ ଶାରଦା ବାରିକ, ଯୋଗାଣ ବିଭାଗ କର୍ମଚାରୀ ପ୍ରମୋଦ ରାଉତ ପ୍ରମୁଖ ପରିଚାଳନା କରିଥିଲେ।



# ଡିହୁଡ଼ି-ମରିଚପୁର ମୁଖ୍ୟ ରାସ୍ତା ନିର୍ମାଣରେ ଅନିୟମିତତା

ବାଲିକୁଦା,୩।୮ (ସମିସ)



ବାଲିକୁଦା ବ୍ଲକ ଅନ୍ତର୍ଗତ ଡିହୁଡ଼ି-ମରିଚପୁର ମୁଖ୍ୟ ରାସ୍ତାର ଓଷକଣା ବଜାର ଠାରୁ ଓଷକଣା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ ଉନ୍ନୟନ ବିଭାଗର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ବର୍ତ୍ତମାନ ଚାଲିଥିବା ବେଳେ, କାର୍ଯ୍ୟରେ ଅନିୟମିତତା ଓ ନିମ୍ନମାନର କାମ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। ଲଗାଣ ବର୍ଷା ସମୟରେ ରାସ୍ତାର ଉଭୟ ପାଖର୍ ଖୋଳାଯାଇଥିବାରୁ ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି। ରାସ୍ତା କଡ଼ରେ ଖୋଳାଯାଇଥିବା ଖାଲରେ ବର୍ଷାପାଣି ଜମି ରହିଥିବା ବେଳେ ଖୋଳା ମାଟି ଓ ବାଲି ରାସ୍ତା ଉପରେ ପଡ଼ି କାଦୁଅ ସୃଷ୍ଟି କରିଛି। ଏହା ଯାତାୟାତ ପାଇଁ ବିପଦଜନକ ପରିସ୍ଥିତି ସୃଷ୍ଟି କରିଛି। ବିଶେଷକରି ଓଷକଣା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବହୁ ପରିମାଣରେ ବାଲି ଗଦା କରାଯାଇଥିବା ସହ ରାସ୍ତା କଡ଼ ଖୋଳାଯାଇଥିବାରୁ ଶତାଧିକ ଛାତ୍ରଛାତ୍ରୀ ପ୍ରତିଦିନ ବିଦ୍ୟାଳୟକୁ ଯିବା-ଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଦୁଇଚକିଆ ଯାନ ଚାଳକ, ସାଇକେଲ ଆରୋହୀ ଓ ପଥଚାରୀଙ୍କ ପାଇଁ ମଧ୍ୟ ଏହି ପରିସ୍ଥିତି ବିପଦପୂର୍ଣ୍ଣ ହୋଇପଡ଼ିଛି। ଗ୍ରାମବାସୀଙ୍କ କହିବାନୁସାରେ, ଖରା ଦିନରେ ଏଭଳି କାର୍ଯ୍ୟ ସମ୍ପନ୍ନ କରାଯାଇପାରୁଥିଲେ ମଧ୍ୟ ଲଗାଣ ବର୍ଷା ସମୟରେ କାମ କରାଯିବା ଫଳରେ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ନିମ୍ନମାନର କାର୍ଯ୍ୟ କରି ଅଧିକ ଲାଭ ଉଠାଇବା ଉଦ୍ଦେଶ୍ୟରେ ବିଭାଗ ଓ ଠିକାଦାର ଏଭଳି କରୁଥିବା ଅଭିଯୋଗ ମଧ୍ୟ ହୋଇଛି। ଏହି ରାସ୍ତା ଉପରେ ପ୍ରତିଦିନ ଶତାଧିକ ଲୋକ ନିର୍ଭରଶୀଳ। ରାହାଣ ପଞ୍ଚାୟତ, ଆଦର୍ଶ ବିଦ୍ୟାଳୟ, ବୋରିକିନା କଲେଜ, ବୋରିକିନା ବଜାର, ଓଷକଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପାରାଦୀପ ଅଭିମୁଖେ ଯାତାୟାତ ପାଇଁ ଏହା ଏକ ପ୍ରମୁଖ ସଡ଼କ। ତେଣୁ ରାସ୍ତାର ଏଭଳି ଅବ୍ୟବସ୍ଥିତ ଅବସ୍ଥା ସାଧାରଣ ଲୋକଙ୍କ ଦୈନନ୍ଦିନ ଯାତାୟାତକୁ ପ୍ରଭାବିତ କରୁଛି। ଅଭିଯୋଗ ଅନୁଯାୟୀ, ଏନେଇ ସ୍ଥାନୀୟ ଲୋକେ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଫୋନ ଗ୍ରହଣ କରିନଥିଲେ। ତେବେ ଏହି ପ୍ରସଙ୍ଗରେ ଗ୍ରାମ ଉନ୍ନୟନ ବିଭାଗର ଏସି ଅନିରୁଦ୍ଧ ଡୋରା କହିଛନ୍ତି ଯେ, ସେ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ନୁହନ୍ତି। ଆସନ୍ତାକାଲି ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ କାର୍ଯ୍ୟର ତଦନ୍ତ ଓ ତଦାରଖ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ବର୍ଷା ଋତୁରେ ଚାଲୁଥିବା ଏହି କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବା, ରାସ୍ତାରେ ଜମିଥିବା ପାଣି ଓ କାଦୁଅ ତୁରନ୍ତ ସଫା କରିବା ସହ ନିର୍ମାଣ କାର୍ଯ୍ୟକୁ ମାନକ ଅନୁଯାୟୀ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଗ୍ରାମ ଉନ୍ନୟନ ବିଭାଗର ହସ୍ତକ୍ଷେପ ଦାବି କରିଛନ୍ତି।

## ନୂଆପଡ଼ା ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ଡେରାବିଶ, ୩।୮ (ସମିସ): ଡେରାବିଶ ଶିକ୍ଷା ସର୍କଲ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ପ୍ରକଳ୍ପ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠନ କରାଯାଇଛି। ୧୪୦ ଜଣ ଛାତ୍ରଛାତ୍ରୀଙ୍କ ପିତାମାତାଙ୍କୁ ନେଇ ବିଦ୍ୟାଳୟ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ, ସରପଞ୍ଚ ସୁରେନ୍ଦ୍ର ମଲିକ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ପାଇଁ ବନଜା ସାହୁ, ବିଶ୍ୱମୋନ ମିଶ୍ର, ସସ୍ମିତା ମଲିକ, ଝରଣା ଗିରି, ସୁଭେନ୍ଦୁ ହରପ୍ରସନ୍ନ ଦାସ, ସଂଘମିତ୍ରା ବେହେରା, ଜ୍ୟୋତ୍ସ୍ନାରାଣୀ ରାଉତରାୟ, ସନ୍ତୋଷ ଘଡ଼େଇ, ସଙ୍ଗୀତା ବେହେରା, ସସ୍ମିତା ବେହେରା, ସ୍ନେହଲତା ପ୍ରଧାନ, ଉର୍ମିଳା ବାରିକ, ମଦନ ମଲିକ, ଶାନ୍ତନୁ ସାହୁ ଓ ନମିତା ରାଉତ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ୱାର୍ଡ ସଭ୍ୟ ନିରଞ୍ଜନ ବେହେରା, ସ୍ୱେଚ୍ଛାସେବୀ ମହେଶ୍ୱର ଷଣ୍ଢ, ଶିକ୍ଷକ ପ୍ରତିନିଧି ଶିବପ୍ରସାଦ ମିଶ୍ର, ଅଙ୍ଗନବାଡ଼ି କର୍ମୀ ଶୈଳବାଳା ଲେଙ୍କା ପ୍ରମୁଖଙ୍କୁ ମନୋନିତ କରାଯାଇଥିଲା। ପରେ ସଦସ୍ୟଙ୍କ ମଧ୍ୟରୁ ଶାନ୍ତନୁ ସାହୁଙ୍କୁ ସଭାପତି ଓ ବନଜା ସାହୁଙ୍କୁ ଉପସଭାପତି ଭାବେ ଚୟନ କରାଯାଇଥିଲା।

## ନୂତନଙ୍କୁ ସ୍ୱାଗତ, ବିଦାୟୀଙ୍କୁ ସମ୍ବର୍ଦ୍ଧନା

ଗରଦପୁର,୩।୮ (ସମିସ): ଗରଦପୁର ବ୍ଲକ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବା ସହ ଅନ୍ୟତ୍ର ବଦଳି ହୋଇଥିବା ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ୍ ସଭାଗୃହରେ ଆୟୋଜିତ ଉତ୍ସବରେ ବିଡିଓ ଆଲୋକ ସେଠୀଙ୍କ ପୌରୋହିତ୍ୟରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଏବିଡିଓ ସଞ୍ଜୟ ଦାସ, ଫାଇନାନ୍ସ ଅଧିକାରୀ ସୁଦର୍ଶନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୂତନ ଭାବେ ଯୋଗ ଦେଇଥିବା ସହକାରୀ ଯନ୍ତ୍ରୀ ସୁଭଦ୍ରା ଓଝା, ଗୃହ ନିର୍ମାଣ ଅଧିକାରୀ ଅବିନାଶ ପତି, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ସ୍ୱାଇଁ ଓ ଦୁଇଜଣ କନିଷ୍ଠ ଯନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି। ସେହିପରି ଅନ୍ୟତ୍ର ବଦଳି ହୋଇଥିବା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ଦାସ, ବରିଷ୍ଠ ସହକାରୀ ଯନ୍ତ୍ରୀ ଶରତ ସାହୁ, କନିଷ୍ଠ ସହକାରୀ ଯନ୍ତ୍ରୀ ପ୍ରଦୀପ ସାମନ୍ତରାୟ, ଗ୍ରାମ୍ୟ ଗୃହ ନିର୍ମାଣ କର୍ମଚାରୀ ଅନୀତା ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ତାଙ୍କର ନିଷ୍ଠା ଓ କାର୍ଯ୍ୟଶୈଳୀ ଓ ସରକାରୀ କାର୍ଯ୍ୟକୁ ସୁପରିଚାଳନାକୁ ପ୍ରଶଂସା କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚୈତନ୍ୟ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଶ୍ରୀକାନ୍ତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ବିମ୍ବାଧର ମୁଦୁଲିଙ୍କ ପରିବାରକୁ ଭେଟିଲେ ସମାଜସେବୀ

ଡେରାବିଶ, ୩।୮ (ସମିସ): ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ପରିଷଦର ସଭାପତି ସ୍ୱର୍ଗତ ବିମ୍ବାଧର ମୁଦୁଲିଙ୍କ ପରିବାରକୁ ପାଟକୁରାର ପୂର୍ବତନ ବିଧାୟକ ତଥା ଗାନ୍ଧୀବାଦୀ ନେତା ରାଜକିଶୋର ନାୟକଙ୍କ ଜ୍ୟେଷ୍ଠପୁତ୍ର ଶାନ୍ତନୁ ନାୟକ ଭେଟି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶ୍ରୀ ନାୟକ ସ୍ୱର୍ଗତ ମୁଦୁଲିଙ୍କ ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଅଁଳାବାଙ୍କସ୍ଥ ବାସଭବନରେ ପହଞ୍ଚି ସ୍ୱର୍ଗତ ମୁଦୁଲିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶ୍ରୀ ନାୟକଙ୍କ ସହିତ ଡକ୍ଟର ଅମୀୟ ଜେନା, ସମବାୟବିତ୍ ମଧୁସୂଦନ ଘଡ଼ାଇ, ଅଟଳ ବିହାରୀ ଜେନା, କାଉପଡ଼ା ସରପଞ୍ଚ ପ୍ରତାପ ବେହେରା, ଚାଟରାଚକଡ଼ାର ପୂର୍ବତନ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ଧରଣୀଧର ଦାସ, ସୁରେନ୍ଦ୍ର ପଲାଇ, ଶରତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।



## ଟ୍ରାଇ ପକ୍ଷରୁ ଜିଲ୍ଲା ଉପଭୋକ୍ତା ସଚେତନତା ଶିବିର

ତିର୍ତ୍ତୋଲ,୩।୮ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଅଁରା ଛକସ୍ଥିତ ଡିଆରଡିଏ କାର୍ଯ୍ୟାଳୟର ସଭାଗୃହରେ ଟେଲିକମ ରେଗୁଲେଟରୀ ଅଥରିଟି (ଟ୍ରାଇ) ଆନୁକୂଲ୍ୟରେ ଜିଲ୍ଲା ଉପଭୋକ୍ତା ସଚେତନତା ଶିବିର, ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ ଯୋଗଦେଇ ଡିଜିଟାଲ ଯୁଗରେ ଉପଭୋକ୍ତା ମାନେ ଅଧିକ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଉପଭୋକ୍ତା କର୍ମୀ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଜିଲ୍ଲା ଖାଉଟି ଅଦାଲତର ସଭାପତି ପ୍ରଭାତ ପାଢ଼ୀ, ସାଇବର ଥାନାର ଅଧିକାରିଣୀ ମନ୍ଦାକିନୀ ବିଶୋଇ, ଜିଲ୍ଲା ଖାଉଟି ପରାମର୍ଶଦାତା କମିଟି ସଦସ୍ୟ ଦେବେନ୍ଦ୍ର ମଲ୍ଲିକ, ରାଜ୍ୟ ଖାଉଟି କଲ୍ୟାଣ ପରିଷଦର ଉପସଭାପତି ଶରତ କୁମାର ଦାଶଙ୍କ ସମେତ ଟେଲିକମ ବିଭାଗର ଜିଓ, ଏୟାରଟେଲ ଆଦିର ଆଞ୍ଚଳିକ ପଦାଧିକାରୀମାନେ ଯୋଗଦେଇ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଟ୍ରାଇ ସିଏଜି ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ ଖାଉଟି ସଚେତନତା ଅଭାବରୁ ଠକେଇର ଶୀକାର ହେଉଛି ବୋଲି କହିଥିଲେ। ଏହି ଅବସରରେ ଖାଉଟି ସୁରକ୍ଷା ଓ ସଚେତନତା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲ୍ଲାର ଖାଉଟି ପରାମର୍ଶଦାତା କମିଟି ଦେବେନ୍ଦ୍ର ମଲ୍ଲିକଙ୍କୁ ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱେଚ୍ଛାସେବୀ ମନୋଜ ପ୍ରଧାନ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



ରାଜନଗର,୩।୮ (ସମିସ)

ରାଜନଗର ବ୍ଲକ୍ ମହିଷାସୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସମ୍ପାଦକ ଦୋଳଗୋବିନ୍ଦ ଜେନା ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ୫୦ ଜଣ ଛାତ୍ରଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ସିଆରସିସି ବୈଲେଚନ ଦାସ, ବିଜ୍ଞାନ ଶିକ୍ଷକ କୈବଲ୍ୟ ରାଉତ ଯୋଗଦେଇ ୯ଟି ପ୍ରକଳ୍ପକୁ ମନୋନୀତ କରିଥିଲେ। ପ୍ରାଥମିକ ଚିକିତ୍ସା ଉପରେ ଆଧାରିତ ନମୁନାରେ ଶ୍ୱେତପଦ୍ମା ଜେନା, ପରିବେଶ ପ୍ରଦୂଷଣରେ ପ୍ରତ୍ୟୁଷ ନାୟକ, ପଦାର୍ଥର ବିଭିନ୍ନ ଅବସ୍ଥାରେ କ୍ଷୀରେଡନୟା ଦାସ, ବିଜ୍ଞାନ ପ୍ରୟୋଗରେ ବିଜୁନି ସ୍ୱାଇଁ ଓ ସୁଇଟ ମଲିକ, ମୂର୍ତ୍ତି କଳାରେ ପ୍ରୀତମ ଜେନା, ଗଣିତ ପ୍ରକଳ୍ପରେ ସମୟର ବେଗ ପବିତ୍ର ବିଶ୍ୱାଳ, ରୁଦ୍ରନାରାୟଣ ନାୟକ, ଦେବହୂତା ଜେନା, ବିଜ୍ଞାନ ପତ୍ରବାଚନରେ ଆୟୁଷ ମହାଡିଙ୍କୁ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ସୁଲେଖ ବାରିକ, ଗୁରୁମା ସ୍ୱପ୍ନାରାଣୀ ସାହୁ, କବିତା ବାରିକ, ମାନସା ବିଶ୍ୱାଳ, କୈଳାଶ ଜେନା, ବିଭୂତି ଲେଙ୍କାଙ୍କ ସହ ଗୁରୁଜୀ ଓ ଗୁରୁମା ପରିଚାଳନା କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ପାରାଦୀପ,୩।୮ (ସମିସ)

ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ୩୪ତମ ଜ୍ଞାନବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ବିଜ୍ଞାନ ବିଭାଗରେ ୪୦୦, ଗଣିତ ବିଭାଗରେ ୧୪୫ ଏବଂ ସଂସ୍କୃତି ଜ୍ଞାନ ବିଭାଗରେ ୧୨୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ୧୬ ଜଣ ବିଚାରକ, ୮୨ ଜଣ ଗୁରୁଜୀଗୁରୁମା ଓ ସେବକ ସେବିକା ଭାଇଭଉଣୀ। ମୁଖ୍ୟ ଅତିଥିଭାବେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇଥିଲେ। ପରିଚାଳନା ସମିତିର ସଭାପତି ନିରଞ୍ଜନ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଦିଗମ୍ବର ଖୁଣ୍ଟିଆ, ଉପସଭାପତି ରଞ୍ଜନ କୁମାର ଧଳ, ସୁଶାନ୍ତ କୁମାର ସାମଲ ଉପସ୍ଥିତ ଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀ ଧର ପରିଡା।

ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, କାଉନସିଲର ସୁବ୍ରତ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ବିପ୍ଳବ କୁମାର ଜେନା ଓ ସଭ୍ୟା ଅର୍ଚ୍ଚନା ବେହେରା ଯୋଗଦେଇଥିଲେ। ପରିଚାଳନା ସମିତିର ଉପସଭାପତି ରଞ୍ଜନ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଧାରମଣ ମଠରେ ଗୁରୁ ପୂର୍ଣ୍ଣିମା



ପଟ୍ଟାମୁଣ୍ଡାଇ,୩।୮ (ସମିସ): ରାଧାରମଣ ମଠରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ପ୍ରଭୁ ରାଧାରମଣ ଦେବ, ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ହନୁମାନଜୀଉଙ୍କ ଯଥାବିଧି ପୂଜାର୍ଚ୍ଚନା ସହ ଦିବାରାତ୍ର ନାମ ସଂକୀର୍ତ୍ତନ କରାଯାଇଥିଲା। ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦଜୀଙ୍କୁ ଶିଷ୍ୟମାନେ ଫୁଲ ଚନ୍ଦନ, ଧୂପ ଦୀପ ଓ ଅର୍ଘ୍ୟ ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ। ଗୁରୁ ଅସୀମାନନ୍ଦ ଶିଷ୍ୟମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ, ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ମର୍ଣ୍ଣିଂ ଫୁଟବଲ କ୍ଲବର ପ୍ରତିଷ୍ଠାତାଙ୍କ ସହିତ ଭେଟଘାଟ

ପାରାଦୀପ,୩।୮ (ସମିସ): ପାରାଦୀପ ବନ୍ଦରର ପୂର୍ବତନ ଡେପୁଟି କଞ୍ଜରଭେଟର କ୍ୟାପଟେନ ଗୌରୀ ପ୍ରସାଦ ବିଶ୍ୱାଳ ୨୦୦୩ ମସିହାରେ କିଛି ବନ୍ଦର କର୍ମଚାରୀ ମାନଙ୍କୁ ନେଇ ପାରାଦୀପ ଠାରେ ମର୍ଣ୍ଣିଂ ଫୁଟବଲ କ୍ଲବ ଗଠନ କରାଯାଇଥିଲା। ଯାହାର ଉଦ୍ଦେଶ୍ୟ ଥିଲା ଫୁଟବଲ ଖେଳ ମାଧ୍ୟମରେ ନିଜକୁ ସୁସ୍ଥ ରଖିବା ତଥା ପାରାଦୀପରେ ନୂତନ ଖେଳାଳି ସୃଷ୍ଟି କରିବା। ଇତି ମଧ୍ୟରେ କ୍ଲବର ଅନେକ ସଦସ୍ୟ ବନ୍ଦର ସେବାରୁ ଅବସର ଗ୍ରହଣ କରି ପାରାଦୀପ ଛାଡ଼ି ସାରିଲେଣି। ଆଉ କିଛି ମୁଷ୍ଟିମେୟ କର୍ମଚାରୀ ଅଜୟ ବେହେରା, ନିରୋଜ ପଟ୍ଟନାୟକ, ପରାଉ ଟୁଡୁ, ବିର୍ବଲ୍ ଟୁଡୁ, ଡ. ବିବେକ ଲେଙ୍କା, ଲିତରମ୍ ହାଇବ୍ରୁ, ମାର୍ଶାଲ କଲୁଣ୍ଡିଆ, ପ୍ରଦୀପ୍ତ ପାଣି, ଜଳଧର ବରାଳ ଆଦି କ୍ଲବକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ ଯୁବ ଓ ବରିଷ୍ଠ ଫୁଟବଲ ଖେଳାଳିମାନଙ୍କୁ ଏକାଠି କରି ପ୍ରତି ଦିନ ସକାଳେ ଓ ସନ୍ଧ୍ୟାରେ ଫୁଟବଲ ଖେଳିବା ଜାରି ରଖିଛନ୍ତି। ମର୍ଣ୍ଣିଂ କ୍ଲବର ପ୍ରତିଷ୍ଠାତା କ୍ୟାପଟେନ ବିଶ୍ୱାଳ ତାଙ୍କର ପାରାଦୀପ ଭ୍ରମଣ ସମୟରେ ସକାଳେ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ପଡ଼ିଆଠାରେ ପହଞ୍ଚି ପିଲାମାନଙ୍କର ଖେଳ ଦେଖିବା ସଙ୍ଗେ ସଙ୍ଗେ କ୍ଲବକୁ ବଞ୍ଚାଇ ରଖିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କ୍ଲବ ତରଫରୁ ବରିଷ୍ଠ ଖେଳାଳି ପରାଉ ଟୁଡୁ, ଲିତରମ ହାଇବ୍ରୁ ଓ ନିରୋଜ ପଟ୍ଟନାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ପାରାଦୀପ,୩।୮ (ସମିସ): ପାରାଦୀପ ଶିଳ୍ପାଞ୍ଚଳ ନିକଟସ୍ଥ କୋଠି ପଞ୍ଚାୟତର ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୁଜଙ୍ଗ ପାରାଦୀପ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଅରକ୍ଷିତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ବନିତା ମଲ୍ଲ ସଭାପତିତ୍ୱ କରିଥିଲେ। ଉତ୍ସବରେ ସମାଜସେବୀ ବାଳକୃଷ୍ଣ ଜେନା, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥୀ, ପୁରାତନ ଛାତ୍ର ସୁରେନ୍ଦ୍ର ପ୍ରଧାନ, ସମାଜସେବୀ ଧୀରେନ୍ଦ୍ର ସ୍ୱାଇଁ, କର୍ଣ୍ଣରାଜ ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ବଗଦିଆ ପଞ୍ଚାୟତ ସରପଞ୍ଚ ମଞ୍ଜୁଲତା ବେହେରା, ବରିଷ୍ଠ ଶିକ୍ଷକ ହରେକୃଷ୍ଣ ନାୟକ ଓ ପୁରାତନ ଛାତ୍ର ରବିନାରାୟଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପରମ୍ପରା ଓ ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥବଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ପରିଡା ଓ ବିବେକାନନ୍ଦ ଆଚାର୍ଯ୍ୟ ସହଯୋଗ କରିଥିଲେ। ଶେଷରେ ଛାତ୍ର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

### ମହାକାଳପଡ଼ା ସେବା ସମବାୟ ସମିତି ସମ୍ପାଦକଙ୍କ ବୈଠକ

## ଜୈବ ପଦ୍ଧତିରେ ଚାଷ କରାଯିବା ଉପରେ ଗୁରୁତ୍ୱ



ମହାକାଳପଡ଼ା, ୩।୮ (ସମିସ): ମହାକାଳପଡ଼ା ବ୍ଲକ କୃଷି କାର୍ଯ୍ୟାଳୟରେ ଶୁକ୍ରବାର ଆତ୍ମା ଅଧ୍ୟକ୍ଷ ହିମାଂଶୁ ଶେଖର ପ୍ରଧାନଙ୍କ ସଭାପତିତ୍ୱରେ ବ୍ଲକର ସମସ୍ତ ସେବା ସମବାୟ ସମିତି ସମ୍ପାଦକଙ୍କୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୃଷି କ୍ଷେତ୍ରରେ ରାସାୟନିକ ସାରର ବ୍ୟବହାର କମାଇ ଜୈବ ଓ ବୈଜ୍ଞାନିକ ପଦ୍ଧତିରେ ଚାଷକୁ ପ୍ରୋତ୍ସାହନ ଦେବା, ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର ଯୋଗାଇ ଦେବା, ଚାଷୀ ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି, ଡ୍ରୋନ୍ ମାଧ୍ୟମରେ ନାନୋ ସାର ପ୍ରୟୋଗକୁ ଅଧିକ ବ୍ୟାପକ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସହକାରୀ ସମବାୟ ନିବନ୍ଧକ, ବ୍ଲକ କୃଷି ଅଧିକାରୀ ଓ ବ୍ଲକର ସମସ୍ତ ସେବା ସମବାୟ ସମିତି ସମ୍ପାଦକ ଉପସ୍ଥିତ ଥିଲେ। ଦେବେନ୍ଦ୍ର ସାହୁ, ବିଶୁ ଦାସଙ୍କ ସମେତ ବହୁ ସମ୍ପାଦକ ବୈଠକରେ ଯୋଗଦେଇ କୃଷି କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗରେ ନିଜର ମତ ରଖିଥିଲେ। ଚାଷୀଙ୍କୁ ଆଧୁନିକ ଓ ପରିବେଶ ଅନୁକୂଳ କୃଷି ପ୍ରଯୁକ୍ତି ସହ ଯୋଡ଼ିବା ସହିତ ସାରର ସଠିକ୍ ବ୍ୟବହାର, ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ସମୁଦ୍ରକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ,୩।୮ (ସମିସ)

ଆଜି କୁଡ଼କୁଡ଼ ପ୍ଲାଷ୍ଟିକ୍ ଆବର୍ଜନା ନଦୀ ଜଳ ଦେଇ ସମୁଦ୍ରରେ ମିଶୁଛି। ଯାହା ଦ୍ୱାରା ସାମୁଦ୍ରିକ ପରିବେଶ ପ୍ରଦୂଷିତ ହେବା ସହିତ ସାମୁଦ୍ରିକ ପରିସଂସ୍ଥା ବିଗିଡ଼ିବା ଓ ଜଳଚର ଜୀବ ଏଥିପ୍ରତି ବହୁତ ପ୍ରଭାବିତ ହେଉଛନ୍ତି। ବର୍ଷକୁ ପ୍ରାୟ ୧ ଲକ୍ଷ୍ୟ ସାମୁଦ୍ରିକ ଜୀବ ଓ ୧୦ ଲକ୍ଷ୍ୟ ସାମୁଦ୍ରିକ ପକ୍ଷୀ ପ୍ଲାଷ୍ଟିକ୍ ପ୍ରଦୂଷଣ କବଳରେ କବଳିତ ହୋଇ ପ୍ରାଣ ହରାଉଛନ୍ତି। ଏହି ପରିପ୍ରେକ୍ଷୀରେ ପାରାଦୀପର ପରିବେଶ କର୍ମୀ ବାପି ଗୋଛାୟତ ଗତ ୫ ବର୍ଷ ଧରି ପ୍ରତିଦିନ ବେଳାଭୂମି ସଫେଇ କରିବା ସହିତ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସଚେତନତା କରି ଆସୁଛନ୍ତି।

ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରିବା ଓ ୪୦୦ରୁ ଅଧିକ ଥର ବେଳାଭୂମି ସଫେଇ କରି ୬ ଟନ୍‌ର ପ୍ଲାଷ୍ଟିକ୍ ଅଳିଆ ପୁନଃଚକ୍ରଣ ପାଇଁ ପାରାଦୀପ ପୌରପାଳିକାକୁ ଦେଇଛନ୍ତି। ଆଜି ପାରାଦୀପର ନୂଆବଜାର ସ୍ଥିତ ମତ୍ସ୍ୟଜୀବୀଙ୍କୁ ପ୍ଲାଷ୍ଟିକ୍‌ର କମ୍ ବ୍ୟବହାର ଓ ସମୁଦ୍ରରେ ମାଛ ଧରିବା ବେଳେ ଛିଣ୍ଡା ଜାଲ ଓ ସୋଲ ଆଦି ନ ଫିଙ୍ଗି ସମୁଦ୍ରକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ସଚେତନତା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାପିଙ୍କ ସମେତ ସତିଶ ସିଏଚ୍, କଳା ଚିନା, ଓମ୍ ପ୍ରକାଶ ଗୋଛାୟତ, ଜି ରାମୁ ଓ ଅରୁନ ଦଳାଇ ଆଦି ଉପସ୍ଥିତ ଥିଲେ।

## ପିଏନ୍‌ବିରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜଗତସିଂହପୁର,୩।୮ (ସମିସ): ଜଗତସିଂହପୁର ଜିଲ୍ଲା ସଦର ମହକୁମାସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଉପଶାଖା ପ୍ରବନ୍ଧକ କଲ୍ୟାଣ କୁମାର ମୁଖାର୍ଜୀଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶାଖା ପ୍ରବନ୍ଧକ ଜନ୍ମେଞ୍ଜୟ ତରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଦୁର୍ଗାବଜାର ଶାଖାର ପ୍ରବନ୍ଧକ ପ୍ରକାଶ ବେହେରା ଏବଂ ସମସ୍ତ କର୍ମଚାରୀ, ମୁଖ୍ୟ ଶାଖାର ସମସ୍ତ କର୍ମଚାରୀ, ଉଭୟ ଶାଖାର ବିସି, ଶ୍ରୀ ମୁଖାର୍ଜୀଙ୍କର ସହଧର୍ମିଣୀ, ପୁତ୍ର ଏବଂ ପୁତ୍ରବଧୂ, ଶୁଭେଚ୍ଛୁଗଣ ଏବଂ ଗ୍ରାହକ ବନ୍ଧୁ ଉପସ୍ଥିତ ଥିଲେ। ଏହି ସଭାରେ ଦୀର୍ଘ ୩୭ ବର୍ଷର କାର୍ଯ୍ୟକାଳକୁ ଏକ ସେବା ଭାବେ ଉତ୍ସର୍ଗ କରି ଗ୍ରାହକବନ୍ଧୁଙ୍କ ହୃଦୟକୁ ସ୍ପର୍ଶ କରିପାରୁଥିବା ଶ୍ରୀ ମୁଖାର୍ଜୀଙ୍କ ଜୀବନ ଏକ ଆଦର୍ଶ ଭାବେ ଉଚ୍ଚ ପ୍ରଶଂସିତ ହୋଇଥିଲା। ଭଗବତ୍ ବିଶ୍ୱାସୀ ଶ୍ରୀ ମୁଖାର୍ଜୀଙ୍କ ସଙ୍ଗୀତ, ସାହିତ୍ୟ ଏବଂ କଳା ପ୍ରତି ପ୍ରଚଣ୍ଡ ଦୁର୍ବଳତା ରହିଅଛି ଏବଂ କର୍ମମୟ ଜୀବନରେ ଏହା ସାଥୀ କର୍ମୀମାନଙ୍କୁ ମଧ୍ୟ ଆନନ୍ଦର ଖୋରାକ ଯୋଗାଉଥିଲା। ସଭା ପ୍ରାରମ୍ଭରେ ଶ୍ରୀ ମୁଖାର୍ଜୀ ଏବଂ ତାଙ୍କ ସହଧର୍ମିଣୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଉଭୟ ଶାଖାର ସମସ୍ତ କର୍ମଚାରୀଙ୍କ ତରଫରୁ ବିସିଙ୍କ ତରଫରୁ ଏବଂ ମେଟ୍ ଲାଇଫ ତରଫରୁ ଶ୍ରୀ ମୁଖାର୍ଜୀଙ୍କୁ ବିଦାୟକାଳୀନ ଉପହାର ପ୍ରଦାନ କରାଯାଇଥିଲା।



# ବାଘିଲୋ-କନ୍ଦରପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତା

ଡେରାବିଶ,୩।୮ (ସମିସ)

ଡେରାବିଶ ବ୍ଲକ୍ ଅଞ୍ଚଳର ମୁଖ୍ୟ ରାସ୍ତା କାଉପଡ଼ା ପଞ୍ଚାୟତର ବାଘିଲୋଠାରୁ ପଲେଇ ପଞ୍ଚାୟତ ଅନ୍ତର୍ଗତ କନ୍ଦରପୁର ପର୍ଯ୍ୟନ୍ତ ୧୧ନଂ କେନାଲ୍ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାଟି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ରାସ୍ତାରେ ଯାନବାହନ ଚଳଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଦୀର୍ଘବର୍ଷ ତଳେ ନିର୍ମିତ ହୋଇଥିବା ଏହି ରାସ୍ତା ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ଏ ସମ୍ପର୍କରେ ପଲେଇ ଓ କାଉପଡ଼ା ପଞ୍ଚାୟତବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଏହି ରାସ୍ତା ଦେଇ ବିଭିନ୍ନ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାର ପ୍ରମୁଖ ବଜାର ଚାନ୍ଦୋଳ ଓ ଛତାର ସାପ୍ତାହିକ ହାଟକୁ ଚାଷୀ, ଖାଉଟି ଯାତାୟତ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଏ ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷ ଅବଗତ ଥିଲେ ମଧ୍ୟ ରାସ୍ତାର ନିର୍ମାଣ ପାଇଁ ବିଭାଗୀୟ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଯୋଗୁଁ ରାସ୍ତା ଉପରେ ନିର୍ଭରଶୀଳ ଥିବା ୩ ପଞ୍ଚାୟତର ଅଧିବାସୀ ହୀନସ୍ତା ଭୋଗୁଥିବା ସାମାଜିକ କର୍ମୀ ଲକ୍ଷ୍ମୀଧର ମହାପାତ୍ର କହିଛନ୍ତି। ରାସ୍ତାରେ କଳା ଗୋଡ଼ି ଗଡୁଥିବାବେଳେ ଖାଲି ପାଦରେ ଚାଲି କରି ଯିବା ବହୁ କଷ୍ଟକର ହୋଇପଡ଼ିଛି। ରାସ୍ତା ପାର୍ଶ୍ୱସ୍ଥ ଗ୍ରାମବାସୀଙ୍କ ପାଇଁ ଏହି ରାସ୍ତା ଏକ ମରଣଯନ୍ତା ସାଦୃଶ ହୋଇପଡ଼ିଛି। ପଲେଇ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ବିଜୟ ସ୍ୱାଇଁ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଏହି ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଏହି ରାସ୍ତା ନିର୍ମାଣ ପାଇଁ ଏଷ୍ଟିମେଟ୍ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି। ମଞ୍ଜୁର ହେବା ପରେ ରାସ୍ତା କାମ ହେବ ବୋଲି କହିଛନ୍ତି।



ସକାଳ THE SAKALA



କୃଷି ଅଧିକାରୀଙ୍କ ଭାଷଣ ଭାଇରାଲ

# ‘ସମସ୍ତଙ୍କୁ ମ୍ୟାନେଜ୍ କରିବା ଜାଣିଛି’

## ‘୨୩ ବର୍ଷ ନୟାଗଡ଼ରେ ରହିଲିଣି; ସମସ୍ତଙ୍କ ପଜେଟିଭ୍, ନେଗେଟିଭ୍ ମୁଁ ଜାଣେ’

ନୟାଗଡ଼, ୩ ଅଗଷ୍ଟ (ସମିସ): ନୟାଗଡ଼ ଜିଲ୍ଲା କୃଷି ବିଭାଗରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ସିଡିଏଓ) ଶିବ ନାରାୟଣ ସିଂ ଜୁଲାଇ ୩୧ରେ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ଦଶପଲ୍ଲାର ଜିଲ୍ଲା କୃଷି ଅଧିକାରୀ ଗୌରୀଶଙ୍କର ମିଶ୍ରଙ୍କୁ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଏହି ଦାୟିତ୍ୱ ହସ୍ତାନ୍ତର ଅବସରରେ ଶ୍ରୀ ମିଶ୍ର ଦେଇଥିବା ଏକ ଭାଷଣର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଭାଇରାଲ୍ ଭିଡିଓରେ ଶ୍ରୀ ମିଶ୍ର କହୁଥିବା ଶୁଣିବାକୁ ମିଳିଛି, “ମୋ ସମୟରେ ୬ ଜଣ ଡିଡିଏ ଓ ୧୦ ଜଣ ସିଡିଏଓ ଆସି ଯାଇଛନ୍ତି। ମୁଁ ୧୬ ଜଣଙ୍କ ବିଦାୟ ସମାରୋହ ଦେଖିଛି। ୨୩ ବର୍ଷ ହେଲା ନୟାଗଡ଼ରେ ଅଛି। ସମସ୍ତଙ୍କୁ ମ୍ୟାନେଜ୍ କରିବା ଜାଣିଛି। ସମସ୍ତଙ୍କର ପଜିଟିଭ୍ ଓ ନେଗେଟିଭ୍ ମୁଁ ଜାଣେ। ମୋର ପଜିଟିଭ୍ ଓ ନେଗେଟିଭ୍ ମଧ୍ୟ ସମସ୍ତେ ଜାଣନ୍ତି। ହୁଏତ ମୁଁ ବର୍ଷେ ରହିବି କି ନାହିଁ ଜାଣିନି। ଯଦି ରହିବି, ସମସ୍ତେ ସହଯୋଗରେ କାମ କରିବା।” ଭିଡିଓ ଭାଇରାଲ୍ ହେବା ପରେ ତାଙ୍କର ଦୀର୍ଘଦିନର କାର୍ଯ୍ୟକାଳକୁ ନେଇ ପ୍ରଶ୍ନ ଉଠିଛି। ବିଭାଗୀୟ ସୂତ୍ର ଅନୁସାରେ, ଶ୍ରୀ ମିଶ୍ର ୨୦୦୯ ଜୁନ୍ ୨୫ରୁ ନୟାଗଡ଼ ଜିଲ୍ଲାରେ କୃଷି ବିଭାଗର ବିଭିନ୍ନ ପଦବୀରେ



କାର୍ଯ୍ୟ କରିଆସୁଛନ୍ତି। ମଧ୍ୟବର୍ତ୍ତୀ ସମୟରେ ସେ ୨୦୧୮ ଡିସେମ୍ବରରୁ ୨୦୧୯ ଡିସେମ୍ବର ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ରେ ଏବଂ ୨୦୨୪ ଅକ୍ଟୋବରରୁ ନଭେମ୍ବର ପର୍ଯ୍ୟନ୍ତ ପାଟଣାଗଡ଼ରେ କାର୍ଯ୍ୟ କରିଥିଲେ। ଏହା ବ୍ୟତୀତ ସେ ଅଧିକାଂଶ ସମୟ ନୟାଗଡ଼ରେ ରହିଥିବା କୁହାଯାଉଛି। ଏନେଇ ପ୍ରତିକ୍ରିୟା ରଖି ଶ୍ରୀ ମିଶ୍ର କହିଛନ୍ତି, “ମୁଁ କହୁ କହୁ ୨୩ ବର୍ଷ କହିଦେଇଥିବି। ପ୍ରକୃତରେ ମୁଁ ପ୍ରାୟ ୨୦ ବର୍ଷ ନୟାଗଡ଼ରେ କାମ କରିଛି। କେହି ବିରୋଧୀ ମନୋଭାବ ରଖି ଏହି ଭିଡିଓକୁ ପ୍ରଚାର କରିଥାଇପାରନ୍ତି।” ଏପରିସ୍ଥଳେ, ଚାଷୀ ନେତା ରଣଜିତ ଦଳବେହେରା ପ୍ରଶ୍ନ ଉଠାଇ କହିଛନ୍ତି ଯେ, ସରକାରୀ ବଦଳି ନୀତି ଅନୁଯାୟୀ ସାଧାରଣତଃ ତିନି ବର୍ଷରେ ଥରେ ଅଧିକାରୀଙ୍କ ବଦଳି ହେବା କଥା। ତେବେ ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ଏକା ଜିଲ୍ଲାରେ କିପରି କାର୍ଯ୍ୟ କରିଆସିଲେ ଏବଂ ପୁଣି ସେହି ଜିଲ୍ଲାର ମୁଖ୍ୟ ଦାୟିତ୍ୱ ପାଇଲେ, ତାହାର ସ୍ପଷ୍ଟୀକରଣ କୃଷି ବିଭାଗ ଦେବା ଉଚିତ୍। ଘଟଣାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଥିବାବେଳେ ବିଭାଗ ପକ୍ଷରୁ କୌଣସି ଆନୁଷ୍ଠାନିକ ମତାମତ ମିଳିନାହିଁ।

ଡାକ୍ତରୀ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ ଆରମ୍ଭ

# ରୁଜୁ ହେବନି ମାମଲା; ରିପୋର୍ଟ ଦେବ କ୍ରାଇମ୍‌ବ୍ରାଞ୍ଚ

ଭୁବନେଶ୍ୱର,୩।୮ (ସମିସ): ବହୁ ଚର୍ଚ୍ଚିତ ଏମ୍‌କେସିଜି ମେଡିକାଲର ଡାକ୍ତରୀ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଏଣ୍ଟ୍ରି। ଏହି ମାମଲାର ତଦନ୍ତ ଏଣିକି କ୍ରାଇମ୍‌ବ୍ରାଞ୍ଚ କରିବ। ଏଥିପାଇଁ କ୍ରାଇମ୍‌ବ୍ରାଞ୍ଚ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ତେବେ ଏହା କେବେଳ ତଦନ୍ତରେ ସୀମିତ ରହିବ। କ୍ରାଇମ୍‌ବ୍ରାଞ୍ଚ କୌଣସି ମାମଲା ରୁଜୁ କରାଯିବ ନାହିଁ। ତଦନ୍ତ ପରେ ସରକାରଙ୍କୁ ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ। ତେବେ ବିଶ୍ୱ ବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ କ୍ରାଇମ୍‌ବ୍ରାଞ୍ଚକୁ ଚିଠି ଲେଖାଯାଇ ତଦନ୍ତ କରିବାକୁ ଅନୁରୋଧ କରାଯାଇଥିଲା। ଏହାପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ତେବେ ପ୍ରଶ୍ନପତ୍ର କିଭଳି ଲିକ୍ ହେଲା। କେଉଁମାନେ ଲିକ୍ କଲେ। ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିବା ଅଧିକାରୀଙ୍କ ସହ ଲିକ୍‌ର କଣ ସମ୍ପର୍କ ରହିଛି ଏନେଇ ତଦନ୍ତ କରାଯିବ। ଏହାର ତଦନ୍ତ ରିପୋର୍ଟ କ୍ରାଇମ୍‌ବ୍ରାଞ୍ଚ ରାଜ୍ୟ ସରକାରଙ୍କୁ ଖୁବ୍‌ଶୀଘ୍ର ହସ୍ତାନ୍ତର କରିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପରୀକ୍ଷା ନିୟନ୍ତ୍ରକ ଡା. ୱାଇ ରୋଜା ରମଣୀଙ୍କ ପକ୍ଷରୁ କମିଶନରେଟ୍ ପୁଲିସର କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଥିଲା। କଣ ପରୀକ୍ଷା ନିୟନ୍ତ୍ରକ ରାଜ୍ୟ ପୁଲିସର ଦୁଇ ଅଲଗା ବିଭାଗକୁ ଭିନ୍ନ ଭିନ୍ନ କାମ କରିବାକୁ ଅନୁରୋଧ କରିଛନ୍ତି ବୋଲି ପ୍ରଶ୍ନ

**ବିଶ୍ୱ ବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ଚିଠି ଅନୁଯାୟୀ ଆରମ୍ଭ ହେଲା ତଦନ୍ତ**

ଉଠିଛି। ସୂଚନାଯୋଗ୍ୟ, ଡାକ୍ତରୀ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏହି ଘଟଣାକୁ ଘୋଡ଼ାଇବାକୁ ଯାଇ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ମିଛ କହିଥିଲେ। ପରୀକ୍ଷା ଆରମ୍ଭ ପୂର୍ବରୁ ନୁହେଁ, ପରୀକ୍ଷା ଆରମ୍ଭ ହେବା ପରେ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବା କହି ଯୁକ୍ତି ବାଢ଼ିଥିଲେ। ପରୀକ୍ଷା ଆରମ୍ଭ ପରେ ପ୍ରଶ୍ନପତ୍ର ବାହାରକୁ ଆସିଲେ ତାହାକୁ ପ୍ରଶ୍ନପତ୍ର ଲିକ୍ ନୁହେଁ, ମାଲ୍ ପ୍ରାକ୍ଟିସ୍ କୁହାଯିବ ଦୃଢ଼ୋକ୍ତି କରିଥିଲେ। ମାତ୍ର ସକାଳ ୧୦ ଟାରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ୯.୫୮ରୁ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଭାଇରାଲ୍ ହୋଇଥିଲା। ଫଳରେ କୁଳପତି ମିଛ କହିଥିବା ଏକ ପ୍ରକାର ସ୍ପଷ୍ଟ ହୋଇଥିଲା ବୋଲି ଛାତ୍ରଛାତ୍ରୀଙ୍କ ମହଲରେ ଚର୍ଚ୍ଚା ହୋଇଥିଲା।

ପ୍ରଶ୍ନପତ୍ର ଲିକ୍ ପାଇଁ ବହୁ ପୂର୍ବରୁ ସୁଚିନ୍ତିତ ଯୋଜନା କରାଯାଇଥିଲା। ଏଥିପାଇଁ ୩ଟି ହ୍ୱାଟସ୍‌ଆପ୍ ଗ୍ରୁପ୍ ହୋଇଥିଲା। ଏସ୍-୧ ଗ୍ରୁପ୍‌ରେ ସଂକ୍ଷିପ୍ତ ପ୍ରଶ୍ନପତ୍ର, ଏଲ୍-୧ ଗ୍ରୁପ୍‌ରେ ଦୀର୍ଘ ପ୍ରଶ୍ନପତ୍ର ଓ ଜେଡ୍-୧ ଗ୍ରୁପ୍‌ରେ ଅନ୍ୟ ସମସ୍ତ ପ୍ରଶ୍ନପତ୍ର ଦିଆଯାଉଥିଲା। ଏହାର ଉତ୍ତର ତ୍ୱରିତ ସେହି ଗ୍ରୁପ୍‌ରେ ହିଁ ଆସିଯାଉଥିଲା। ପିଲାମାନେ ପରୀକ୍ଷା ହଲ୍ ମଧ୍ୟକୁ ମୋବାଇଲ୍ ନେଇ ଉତ୍ତର ଲେଖୁଥିବା ଅଭିଯୋଗ ହେଉଛି। ଏପରିକି ପରୀକ୍ଷାର ଠିକ୍ ପୂର୍ବରୁ ନେଟୱାର୍କ ଜାମର୍ ମଧ୍ୟ ଅଫ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହି ସମସ୍ତ ଘଟଣା ସିସିଟିଭିରେ କଏଦ୍ ହୋଇଥିବାବେଳେ ଏହାକୁ ଏଯାଏଁ ଜବତ କରାଯାଇ ନାହିଁ। ଫଳରେ ସିସିଟିଭିରେ ବୈଷୟିକ ତ୍ରୁଟିର ଆଳ ଦେଖାଇ ସମସ୍ତ ରେକର୍ଡ ଡିଲିଟ୍ କରିବାକୁ ପ୍ରୟାସ କରାଯାଉଥିବା ଜଣାପଡ଼ିଛି।

■ ସରୁନି ଦାଦନ ଦୁଃଖ

# ତାମିଲନାଡୁରେ ମହିଳା ଶ୍ରମିକ ମୃତ

ବାଲିଗୁଡ଼ା,୩।୮ (ସମିସ): କନ୍ଧମାଳ ଜିଲ୍ଲାର କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତ୍ତିଗୁଡ଼ା ପଞ୍ଚାୟତ ଗୁଞ୍ଜିଗାଁ ଗ୍ରାମର ଜଣେ ମହିଳା ଦାଦନ ଶ୍ରମିକଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଛି। ମୃତକ

**ଶବ ଆଣିବା ପାଇଁ ଅର୍ଥ ସାଜିଛି ବାଧକ**



ହେଲେ ଗୁଞ୍ଜିଗାଁର କୁଶ ପ୍ରଧାନଙ୍କ ଝିଅ କସ୍ତୁରୀ ପ୍ରଧାନ (୨୯)। ପରିବାର ସୂତ୍ରରୁ ପ୍ରକାଶଯେ ଗତ ୨ ବର୍ଷ ହେବ କସ୍ତୁରୀ ପ୍ରଧାନ ରୋଜଗାର ଆଶାରେ ତାମିଲନାଡୁ ରାଜ୍ୟର କୋଏମ୍ବାଟୁରର ଅନୁରରେ ଥିବା ସିଏମସି ସୁତା କଳରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ରବିବାର ତାଙ୍କ ମୃତ୍ୟୁ ହୋଇଥିବା କମ୍ପାନୀ ପକ୍ଷରୁ ତାପସ ମୁଖି ଓ ଶୁଭମ ଅମାୟତ ଜଣାଇଥିଲେ। ହେଲେ ତାମିଲନାଡୁ ଠାରୁ ବିମାନ ଯୋଗେ ଭୁବନେଶ୍ୱର ପର୍ଯ୍ୟନ୍ତ ଆଣିବା ପାଇଁ ପାଖା ପାଖି ଷାଠିଏ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଆବଶ୍ୟକ ପଡୁଥିବା ବେଳେ ଅର୍ଥ ଅଭାବ ଯୋଗୁଁ ଗ୍ରାମକୁ ଝିଅର ଶବ ପହଞ୍ଚାଇବା ପାଇଁ ସ୍ଥାନୀୟ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରି ଶବ ଆଣିବା ପାଇଁ ବ୍ୟବସ୍ଥା ଚାଲିଥିବା ପରିବାର ପକ୍ଷରୁ ଅମିତ ପ୍ରଧାନ ଓ ପ୍ରତୀକ ପ୍ରଧାନଙ୍କ ଠାରୁ ସୂଚନା ମିଳିଛି। ଗରିବ ପରିବାର ହେତୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଶବ ଆଣିବା ବ୍ୟବସ୍ଥା କରିବାକୁ ଗ୍ରାମବାସି ଦାବି କରିଛନ୍ତି।

# ଅଙ୍ଗ ପ୍ରତିରୋପଣ: ଭୁବନେଶ୍ୱର ଏମ୍‌ସକୁ ଜାତୀୟ ପୁରସ୍କାର

ଭୁବନେଶ୍ୱର ୩।୮ (ସମିସ): ଜାତୀୟ ସ୍ତରରେ ପୁଣିଥରେ ନିଜର ଛାପ ଛାଡ଼ିଛି ଏମ୍‌ସ ଭୁବନେଶ୍ୱର। ନୂଆଦିଲ୍ଲୀରେ ଅନୁଷ୍ଠିତ ୧୬ତମ ଭାରତୀୟ ଅଙ୍ଗ ଦାନ ଦିବସ ପାଳନ ଅବସରରେ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ ‘ଅଙ୍ଗ ପ୍ରତିରୋପଣରେ ଉଦୀୟମାନ ସରକାରୀ ପ୍ରତିଷ୍ଠାନ’ ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଅଙ୍ଗ ଏବଂ ଟିସ୍ୟୁ ପ୍ରତିରୋପଣ ସଂଗଠନ (ନୋଟ୍ଟୋ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବ ଶ୍ରୀମତୀ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଡିଜିଏଚ୍‌ଏସ ଡ. ଲଭନୀଶ ଜି. କୃଷ୍ଣ, ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଶ୍ରୀ ବିଜୟ ନେହରା ଏବଂ ନୋଟ୍ଟୋ ନିର୍ଦ୍ଦେଶକ ଡ. ଅନିଲ କୁମାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଅଧକ୍ଷା




ଡ. ଅନୀତା ସକ୍ସେନା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ।

ଏମ୍‌ସ ଭୁବନେଶ୍ୱରକୁ ଅଙ୍ଗ ପ୍ରତିରୋପଣରେ ଉଲ୍ଲେଖନୀୟ ଅଗ୍ରଗତି, ବିଶେଷକରି ପ୍ରତିରୋପଣ ପ୍ରକ୍ରିୟାରେ ଉଲ୍ଲେଖନୀୟ ବୃଦ୍ଧି ନିମନ୍ତେ ସମ୍ମାନିତ କରାଯାଇଥିଲା। ୨୦୨୪ ରେ ୧୬ଟି ପ୍ରତିରୋପଣରୁ ୨୦୨୫ ରେ ଏହିଁ ସଂଖ୍ୟା ୬୩ରେ ପହଞ୍ଚିଛି। ଯାହା ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଦ୍ରୁତ ଅଭିବୃଦ୍ଧି ଏବଂ ଉନ୍ନତ ପ୍ରତିରୋପଣ ଯତ୍ନ ପ୍ରଦାନ କରିବା ପ୍ରତି ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ, ଏମ୍‌ସ ଭୁବନେଶ୍ୱର ସଫଳତାର ସହିତ ୭୮ଟି ବୃକକ୍ ପ୍ରତିରୋପଣ କରିଛି। ଯେଉଁଥିରେ ୬୧ଟି ଜୀବିତ ଦାତା ବୃକକ୍ ପ୍ରତିରୋପଣ ଓ ୧୭ଟି ମୃତ ଦାତା ବୃକକ୍ ପ୍ରତିରୋପଣ ଅନ୍ତର୍ଭୁକ୍ତ। ପ୍ରତିଷ୍ଠାନ ଚାରିଟି ଜୀବିତ ଦାତା ଯକୃତ ପ୍ରତିରୋପଣ ଏବଂ ଜଣେ ମୃତ

■ ଏପର୍ଯ୍ୟନ୍ତ ୭୮ଟି ବୃକକ୍ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ
■ ଜାତୀୟସ୍ତରରେ ପୁରସ୍କାର ପାଇବାରେ ଦେଶର ଏକମାତ୍ର ଏମ୍‌ସ

ଦାତା ଯକୃତ ପ୍ରତିରୋପଣ ସମାପ୍ତ କରିବା ସହିତ ଛଅଟି ସଫଳ ଅଙ୍ଗଦାନକୁ ମଧ୍ୟ ବ୍ୟବସ୍ଥିତ କରିଛି। ତୁଳନା।କ ଭାବରେ କମ୍ ସମୟ ମଧ୍ୟରେ, ପ୍ରତିଷ୍ଠାନ ଅଙ୍ଗ ପୁନରୁଦ୍ଧାର, ପ୍ରତିରୋପଣ ଏବଂ ପ୍ରତିରୋପଣ ପରବର୍ତ୍ତୀ ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯେତେବେଳେ ନିରନ୍ତର ଜନସଚେତନତା ଅଭିଯାନ ଏବଂ ସାମୁଦାୟିକ ପ୍ରସାର ପଦକ୍ଷେପ ମାଧ୍ୟମରେ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଛି।

# ଶ୍ରେଣୀଗୃହ ଛାତରୁ ପ୍ଲାଷ୍ଟର ଖସି ଦୁଇ ଛାତ୍ରୀ ଗୁରୁତର

ପିପିଲି,୩।୮ (ସମିସ): ପିପିଲି ବ୍ଲକ୍ ଅନ୍ତର୍ଗତ ଓରକଳ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୋମବାର ଅପରାହ୍ଣରେ ଘଟିଥିବା ଏକ ଅଘଟଣ ସମଗ୍ର ଅଞ୍ଚଳରେ ଉଦ୍‌ବେଗ ସୃଷ୍ଟି କରିଛି। ସପ୍ତମ ଶ୍ରେଣୀରେ ପାଠପଢ଼ା ଚାଲିଥିବାବେଳେ ଶ୍ରେଣୀଗୃହର ଛାତରୁ ହଠାତ୍ ପ୍ଲାଷ୍ଟର ଖସିପଡ଼ିବାରୁ ଦୁଇ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତ ଛାତ୍ରୀମାନେ ହେଲେ ମଧୁସ୍ମିତା ସାହୁ ଓ ସ୍ନେହା ସୁହାନି ବାରିକ। ଉଭୟଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିବାରୁ ପ୍ରଥମେ ପିପିଲି ମେଡିକାଲରେ ଚିକିତ୍ସା କରାଯାଇଥିଲା। ପରେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଉକ୍ତ ଶ୍ରେଣୀରେ ୧୩ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଶିକ୍ଷକ ଅଜୟ ମୁଦୁଲି ପାଠ ପଢ଼ାଉଥିଲେ। ଏହି ସମୟରେ ଛାତର ପ୍ଲାଷ୍ଟର ହଠାତ୍ ଖସି ଦୁଇ ଛାତ୍ରୀଙ୍କ ଉପରେ ପଡ଼ିଥିଲା। ଅନ୍ୟ ଛାତ୍ରଛାତ୍ରୀମାନେ ଅଳ୍ପକେ ରକ୍ଷା ପାଇଥିଲେ। ଘଟଣା ପରେ ପୁରୀ ଉପଜିଲ୍ଲାପାଳ ରାଜକିଶୋର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ପିପିଲି ବିଡିଓ ସରୋଜ କୁମାର ରାଉତ, ବ୍ଲକ୍ ଶିକ୍ଷା ଅଧିକାରୀ ପୀତବାସ ସେଠୀ, ଏବିଇଓ ସାହେବ ପାତ୍ର, ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏବଂ ଜିଲ୍ଲା ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।



ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହର ସୁରକ୍ଷା ଯାଞ୍ଚ କରାଯାଇଛି। ବିପଜ୍ଜନକ ଅବସ୍ଥାରେ ଥିବା ସମସ୍ତ ପ୍ଲାଷ୍ଟରକୁ ସମ୍ପୂର୍ଣ୍ଣ ହଟାଇ ପୁନରୁଦ୍ଧାର କରାଯିବ ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ଜେନା କହିଛନ୍ତି। ଘଟଣା ପରେ ତୁରନ୍ତ ଆହତ ଛାତ୍ରୀମାନଙ୍କୁ ଚିକିତ୍ସା ପାଇଁ ପିପିଲି ମେଡିକାଲକୁ ପଠାଯାଇଥିଲା। ସମ୍ପୃକ୍ତ ଶ୍ରେଣୀଗୃହଟି ୧୯୯୯ ମସିହା ପୂର୍ବରୁ ନିର୍ମିତ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ମରାମତି କରାଯାଇଥିଲା। ପ୍ଲାଷ୍ଟର ଅତ୍ୟଧିକ ମୋଟା ଓ ଠିକ୍ ଭାବେ ନ ଲାଗିଥିବାରୁ ଏହା ଖସିପଡ଼ିଥିବା ପ୍ରାଥମିକ ଅନୁମାନ କରାଯାଉଛି ବୋଲି ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ପାଲଟାସିଂ କହିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଶ୍ରେଣୀଗୃହଟି ବିପଜ୍ଜନକ ଥିଲା, ତେବେ କାହିଁକି ତାହାର ମରାମତି କରାଯାଇ ନ ଥିଲା ଏବଂ କାହିଁକି ସେହି କକ୍ଷରେ ପାଠପଢ଼ା ଚାଲିଥିଲା, ସେନେଇ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଖବର ପାଇ କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟ ଓ ପିପିଲି ବ୍ଲକ୍ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ ସଦଳବଳେ ବିଦ୍ୟାଳୟରେ ପହଞ୍ଚି ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ଏଭଳି ଅବହେଳାର ପୁନରାବୃତ୍ତି ନ ହେବାକୁ ଚେତାବନୀ ଦେଇଛନ୍ତି।





ଓଡ଼ିଶୀ ନୃତ୍ୟାନୁଷ୍ଠାନ ନୃତ୍ୟନିପୁଣା ପକ୍ଷରୁ କଲିକତାସ୍ଥିତ ବାଟା ହାଉସ୍ ର ଅଡିଟୋରିୟମଠାରେ ସମ୍ବଲପୁରୀ ନୃତ୍ୟ ପରିବେଷଣ। ମାହେଶ ତାଲା ନୃତ୍ୟ ତୀର୍ଥ ଦ୍ୱାରା ଆୟୋଜିତ ଗୁରୁ ନମନ ନୃତ୍ୟ ମହୋତ୍ସବ ୨୦୨୬ ରେ ନୃତ୍ୟନିପୁଣା ଅନୁଷ୍ଠାନ ତରଫରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ପ୍ରତିମା ମିଶ୍ର ଏବଂ ଡଃ ପ୍ରିୟଙ୍କା ମିଶ୍ରଙ୍କ ସହିତ ତାଙ୍କର ଦୁଇ ଛାତ୍ରୀ ଅର୍ଚ୍ଚିତା ଏବଂ ସ୍ନେହାଶ୍ରୀ ସମବେତ ସମ୍ବଲପୁରୀ ନୃତ୍ୟ ରସରକେଳି ପରିବେଷଣ କରିଥିଲେ।

# ହୀରାକୁଦ ସାଜିଛି ଓଡ଼ିଶାର ସୁରକ୍ଷା କବଚ

ସମ୍ବଲପୁର, ୩।୮ (ସମିସ) : ହୀରାକୁଦ ନଦୀବନ୍ଧ ରୋକିପାରିଛି ପ୍ରଳୟଙ୍କରୀ ବନ୍ୟା, ବଞ୍ଚାଇଛି ହଜାର ହଜାର ଜୀବନ। କେବଳ ଥରେ ନୁହେଁ ବାରମ୍ବାର ହୀରାକୁଦ ସାଜିଛି ଓଡ଼ିଶାବାସୀଙ୍କ ସୁରକ୍ଷା କବଚ। ୨୦୦୧ ମସିହା କୁହନ୍ତୁ କିମ୍ବା ୨୦୦୩ ମସିହା, ସବୁବେଳେ ହୀରାକୁଦ ପାଣି ରୋକି ନିଜକୁ ବିପଦ ଘେରକୁ ଟାଣି ଆଣିଥିବାବେଳେ, ତଳମୁଣ୍ଡରେ କିନ୍ତୁ ଅମୂଲ୍ୟ ଜୀବନର ରକ୍ଷା କରି ଆସିଛି। ତଳମୁଣ୍ଡରେ ବନ୍ୟା ସ୍ଥିତି ସୁଧୁରିବାପରେ ପାଣି ଛାଡ଼ିଛି, ଯାହା କି ବନ୍ୟା ସ୍ଥିତି ଉପରେ କୌଣସି ପ୍ରଭାବ ପକାଇନାହିଁ। ଉପରମୁଣ୍ଡରେ ବର୍ଷା ସହ ଛତିଶଗଡ଼ର କଲମା ଡ୍ୟାମ୍ ସମସ୍ତ ଗେଟ୍ ଖୋଲି ପାଣି ଛାଡ଼ିଦେବାରୁ ଗତ ଜୁଲାଇ ୨୮ ତାରିଖରୁ ପ୍ରାୟ ୩ ଲକ୍ଷ କ୍ୟୁସେକ୍ ଜଳ ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରୁଥିଲା। କ୍ରମାଗତ ଭାବେ ବଢ଼ିଚାଲିଥିଲା ଜଳସ୍ତର। ୩୦ ତାରିଖ ସକାଳ ୮ଟା ବେଳକୁ ଜଳସ୍ତର ୬୨୦ ଫୁଟ୍ ପହଞ୍ଚିଲାଣି। ଅନ୍ୟପକ୍ଷରେ, ନଦୀବନ୍ଧର ରୁଲ୍‌କର୍ଭ ଅନୁଯାୟୀ, ଜୁଲାଇ ୩୧ ତାରିଖ ସୁଦ୍ଧା ହୀରାକୁଦ ଜଳସ୍ତର ୬୦୭ ଫୁଟ୍ ରହିବା କଥା। ସେହି ସମୟରେ ଲଘୁଚାପ ବର୍ଷା ଯୋଗୁଁ ପୂର୍ବ ଓଡ଼ିଶାରେ ତଳମୁଣ୍ଡରେ ରହିଥିଲା ବନ୍ୟା ସ୍ଥିତି। ଖଇରମାଲରେ ୭.୯୮ ଲକ୍ଷ କ୍ୟୁସେକ୍ ଜଳପ୍ରବାହିତ ହେଉଥିବାବେଳେ ମୁଣ୍ଡଳୀଠାରେ ୮.୧୩ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ସମ୍ପୂର୍ଣ୍ଣ ଅଞ୍ଚଳ ବନ୍ୟାଜଳ ଘେରରେ ରହିଥିଲା। ଏପଟେ ମହାନଦୀ ଫୁଲି ଉଠିଥିଲା, ହୋଇଥିଲା ପୂର୍ଣ୍ଣଗର୍ଭା। ଏହି ସମୟରେ ଗେଟ୍ ଖୋଲି ଦେଇଥିଲେ, ମୁଣ୍ଡଳୀରେ ପ୍ରବାହିତ ହୋଇଥାନ୍ତା ପ୍ରାୟ ୧୨ ଲକ୍ଷ କ୍ୟୁସେକ୍ ଜଳ। ବନ୍ୟାରେ ଭାସି ଯାଇଥାନ୍ତା ଗାଁଗଣ୍ଡା, ଚାଲିଯାଇଥାନ୍ତା ଶହ ଶହ ଜୀବନ। ପୁଣି ଛାତି ଦେଖାଇ ଛିଡ଼ାହେଲା ହୀରାକୁଦ। ଉଲ୍ଲଂଘନ ହେଲା ରୁଲ୍ କର୍ଭ। ତଳମୁଣ୍ଡରେ ବନ୍ୟା ସ୍ଥିତି ନ ସୁଧୁରିବା ଯାଏ ଖୋଲା ରହିଲା କେବଳ ୨ଟି ଗେଟ୍। ୩୦ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ଖଇରମାଲଠାରେ ପ୍ରବାହିତ ଜଳ ପରିମାଣ ୫ ଲକ୍ଷ କ୍ୟୁସେକ୍ ତଳକୁ ଖସିବାପରେ ହୀରାକୁଦ କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ଖୋଲିଲେ ୨୦ଟି ଗେଟ୍। ମୋଟ ୨୨ଟି ଗେଟ୍ ଦେଇ ହେଲା ବନ୍ୟାଜଳ ନିଷ୍କାସନ। ଅପରାହ୍ଣ ୩ଟାବେଳେ ଖଇରମାଲଠାରେ ପ୍ରବାହିତ ଜଳ ପରିମାଣ ୩ ଲକ୍ଷ କ୍ୟୁସେକ୍‌କୁ ହ୍ରାସ ପାଇଥିଲା। ଜଳସ୍ତର ସେତେବେଳେ ୬୨୫ ଫୁଟ୍‌କୁ ପହଞ୍ଚି ବଢ଼ି ଚାଲିଥିଲା। ପୁଣି ବନ୍ୟାଜଳ ରୋକି ଜୀବନ ବଞ୍ଚାଇଲା ପୃଥିବୀର ସର୍ବବୃହତ୍ ମାଟିବନ୍ଧ। ସୃଷ୍ଟିକଲା ଇତିହାସ, ସାଜିଲା ସୁରକ୍ଷା କବଚ।

ଏହାପୂର୍ବରୁ ୨୦୦୧ ମସିହାରେ, ଲଘୁଚାପ ଯୋଗୁଁ ହେଲା ଲଗାଣ ବର୍ଷା। ତଳମୁଣ୍ଡରେ ରହିଥିଲା ବନ୍ୟା ପରିସ୍ଥିତି। ବୁଡ଼ି ଯାଇଥିଲା ଅର୍ଦ୍ଧାଧିକ ଓଡ଼ିଶା। ପ୍ରଳୟଙ୍କରୀ ବନ୍ୟାରେ ଶତାଧିକ ଲୋକଙ୍କ ଜୀବନ ଯାଇଥିବା କୁହାଯାଉଛି। ସେତେବେଳେ ଜୁଲାଇ ୧୭ ତାରିଖ ମୁଣ୍ଡଳୀରେ ପ୍ରବାହିତ ହେଉଥିଲା ୧୧.୨୧ ଲକ୍ଷ କ୍ୟୁସେକ୍ ଜଳ। ହୀରାକୁଦ ନଦୀବନ୍ଧକୁ ପ୍ରବେଶ କରୁଥିଲା



୭.୯୨ କ୍ୟୁସେକ୍ ଜଳ। ହୀରାକୁଦ ଡ୍ୟାମ ବନ୍ୟାସ୍ଥିତି ଦେଖି ଗେଟ୍ ଖୋଲା ଯାଇ ନ ଥିଲା। ବଞ୍ଚିଗଲା ହଜାର ହଜାର ଜୀବନ। ଗେଟ୍ ଖୋଲି ଦେଇଥିଲେ ମୁଣ୍ଡଳୀରେ ବହିଥାନ୍ତା ପାଖାପାଖି ୧୯ ଲକ୍ଷ କ୍ୟୁସେକ୍ ଜଳ ବୋଲି କହିଛନ୍ତି କହିଛନ୍ତି ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ ଇଂ. ରବିନ୍ଦ୍ର ପଣ୍ଡା। ପୂର୍ବ ଓଡ଼ିଶା ବନ୍ୟାପ୍ଲାବିତ ହୋଇଥାନ୍ତା, ହଜାର ହଜାର ଜୀବନ ଯାଇଥାନ୍ତା। ହୀରାକୁଦ ଡ୍ୟାମ ବଞ୍ଚାଇଲା ଅମୂଲ୍ୟ ଜୀବନ। ତଳମୁଣ୍ଡରେ ଖଇରମାଲଠାରେ ଜଳସ୍ରୋତ ହ୍ରାସ ପାଇବାପରେ ଗେଟ୍ ଖୋଲି ପାଣି ଛଡ଼ାଯାଇଥିଲା। ସେହିପରି ୨୦୦୩ ମସିହାରେ ମୁଣ୍ଡଳୀରେ ୧୨.୧୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ହୀରାକୁଦ ଡ୍ୟାମରେ ପ୍ରବେଶ କରୁଥିଲା ୪ ଲକ୍ଷ କ୍ୟୁସେକ୍ ଜଳ। ବନ୍ୟା ଯୋଗୁଁ ପ୍ରାୟ ୩୧ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସେତେବେଳେ ୬୨୯.୫୪ ଫୁଟ୍ ଜଳସ୍ତର ପର୍ଯ୍ୟନ୍ତ ଅପେକ୍ଷା କରାଗଲା। ତଳମୁଣ୍ଡରେ ସ୍ଥିତି ସୁଧୁରିବା ପରେ ଅଗଷ୍ଟ ୩୧ ତାରିଖ ସନ୍ଧ୍ୟା ସୁଦ୍ଧା ୫୪ଟି ଗେଟ୍ ଖୋଲି ଜଳ ନିଷ୍କାସନ କରାଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି। ଉପର ମୁଣ୍ଡରୁ ପ୍ରବଳପାଣି ଆସୁଥିଲେ ସୁଦ୍ଧା, ତଳମୁଣ୍ଡରେ ବନ୍ୟା ସ୍ଥିତି ଥିବାରୁ ୬୨୯ ଫୁଟ୍ ପର୍ଯ୍ୟନ୍ତ ହୀରାକୁଦ ଜଳ ରୋକିଥିଲା ଓ ଓଡ଼ିଶା ପାଇଁ ସୁରକ୍ଷା କବଚ ସାଜିଥିଲା। ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ ବିଭାଗ ଇଂ. ରବିନ୍ଦ୍ର ପଣ୍ଡା କହିଛନ୍ତି, ହୀରାକୁଦ ନଦୀବନ୍ଧ ହେବାପୂର୍ବରୁ ପ୍ରତି ୧୦ ବର୍ଷରେ ଆମେ ୮ଟି ବନ୍ୟାର ମୁକାବିଲା କରୁଥିବାବେଳେ ଡ୍ୟାମ ନିର୍ମାଣ ହେବାପରେ ତାହା ହ୍ରାସ ପାଇ ୧୦ ବର୍ଷରେ ୩.୩୩ ବନ୍ୟା ହେଉଛି। ପ୍ରାୟ ୬୭% ବନ୍ୟା କମିବା ସହ ବଡ଼ ବଡ଼ ବନ୍ୟାକୁ ମଧ୍ୟ ହୀରାକୁଦ ହ୍ରାସ କରିପାରିଛି ବୋଲି ସେ କହିଛନ୍ତି। ଯଦି ହୀରାକୁଦ ଜଳ ରୋକି ନ ଥାନ୍ତା, ତଳମୁଣ୍ଡରେ ବର୍ଷା ଯୋଗୁଁ ହେଉଥିବା ବନ୍ୟା ଏବଂ ଏହି ବନ୍ୟା ଜଳ ମିଶି ତାହା ପ୍ରଳୟଙ୍କରୀ ହୋଇଥାନ୍ତା।

# ବନ୍ଦହେଲା ହୀରାକୁଦର ୬ ଗେଟ୍, ୧୩ ଦେଇ ଜଳ ନିଷ୍କାସନ

ସମ୍ବଲପୁର, ୩।୮ (ସମିସ) : ହୀରାକୁଦ ଜଳସ୍ତର ୬୨୦ ଫୁଟ୍‌କୁ ଖସିଛି। ଉପରମୁଣ୍ଡରେ ବର୍ଷା ହ୍ରାସ ପାଇଥିବାବେଳେ ପ୍ରବେଶ ଜଳ ପରିମାଣ କମିଛି। ଗତକାଲି ହୀରାକୁଦ ନଦୀବନ୍ଧର ୩ଟି ଗେଟ୍ ବନ୍ଦ କରାଯାଇଥିବାବେଳେ ଆଜି ପର୍ଯ୍ୟାୟକ୍ରମେ ୬ଟି ବନ୍ଦ କରାଯାଇଛି, ବର୍ତ୍ତମାନ ୧୩ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଥିବାବେଳେ ଜୁଲାଇ ୧୯ ତାରିଖ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ବନ୍ୟାଜଳ ନିଷ୍କାସନ କରାଯାଉଛି। ହୀରାକୁଦର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ହୀରାକୁଦ ଜଳସ୍ତର ୬୦୭ ଫୁଟ୍ ରହିବା କଥା। ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୯.୬୨ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ର ୯ଟି ଏବଂ ଓ ଡାହାଣ ପାଶ୍ୱର୍ର ୪ଟି ଏହିଭଳି ମୋଟ ୧୩ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୯,୦୪୧ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୫୬,୮୧୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୨୦,୮୫୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନାଲ ଦେଇ ୩୧୭୦୧ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୪୦୨୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୮,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩୯,୫୧୬ କ୍ୟୁସେକ୍, ଖଇରମାଲଠାରେ ୩,୮୫,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୨୪,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୫,୮୨,୮୬୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୦.୫୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ଆଦୌ ବର୍ଷା ହୋଇନାହିଁ।



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଦିନଟି ମଜାମସ୍ତିରେ ଅତିବାହିତ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଅକସ୍ମାତ ଖୁସି ଖବର ମିଳିପାରେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି।

**ଧନୁ:** ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ରଖି ଚାଲନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ।

## ଆଜିର ଘଟଣା

- ୧୮୭୦-ବ୍ରିଟିଶ ରେଡ୍‌କ୍ରସ୍ ସୋସାଇଟିର ସ୍ଥାପନା।
- ୧୯୨୯- ଅଭିନେତା ତଥା ଗାୟକ କିଶୋର କୁମାରଙ୍କ ଜନ୍ମ।
- ୧୯୫୬- ଦେଶର ପ୍ରଥମ ପରମାଣୁ ଅନୁସନ୍ଧାନ ରିଆକ୍ଟର ଅପ୍‌ସରାର ଆରମ୍ଭ ହେଲା।
- ୧୯୬୭- ଆମେରିକାର ନେଭାଡ଼ାରେ ପରମାଣୁ ପରୀକ୍ଷା କରାଗଲା।
- ୨୦୦୭- ନାସା ଫୋନିକ୍ସ ମହାକାଶଯାନ ଲଞ୍ଚ୍ କଲା।



# ପ୍ଲାଷ୍ଟିକ୍ ବୋତଲରୁ କର୍କଟ

ପ୍ଲାଷ୍ଟିକ୍ ବୋତଲରେ ରଖାଯାଉଥିବା ପାଣିରୁ କ୍ୟାନସର୍ ହୋଇପାରେ ବୋଲି ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଦାବି କରାଯାଉଛି। ଏହାକୁ ନେଇ ଲୋକେ ଚିନ୍ତିତ ହେବା ବି ସ୍ୱାଭାବିକ। କୁହାଯାଉଛି, ପ୍ଲାଷ୍ଟିକ୍ ବୋତଲକୁ ଯଦି ଦୀର୍ଘ ସମୟ ପର୍ଯ୍ୟନ୍ତ ଗରମ ବା ଖରାରେ ରଖାଯାଏ, ଏଥିରେ ଥିବା ବିପିଏ ରସାୟନ ନିର୍ଗତ ହେବାର ଆଶଙ୍କା ବୃଦ୍ଧି ପାଏ। ସେହିପରି ମାଇକ୍ରୋପ୍ଲାଷ୍ଟିକ୍ ମଧ୍ୟ ଚିନ୍ତାର ଅନ୍ୟତମ କାରଣ ପାଲଟିଛି। କାରଣ ଏହା ଶରୀରର ବିଭିନ୍ନ ଅଙ୍ଗ ସହ ରକ୍ତରୁ ବି ମିଳିଛି। ତେବେ ଏହି କଣିକା ଅତ୍ୟନ୍ତ କ୍ଷୁଦ୍ର ହୋଇଥିବାରୁ ଏହା ପାଣିରେ ମିଶି ଯାଇଥାଏ। ତେଣୁ ଏହା ଶରୀର ଭିତରକୁ ଯିବା ଆଶଙ୍କା ଅଛି। ଏହାସହ ବିପିଏ କେମିକାଲକୁ କ୍ୟାନସର୍‌ର କାରକ ଭାବେ ବିବେଚନା କରାଯାଉଛି। ଏବେ ଏହାକୁ ନେଇ ପ୍ରଶ୍ନ ଉଠୁଛି ଯେ, ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇଲେ କ'ଣ କ୍ୟାନସର ହୋଇପାରେ? ଅନ୍ୟପଟେ ଗାଜିଆବାଦ ମ୍ୟାକ୍ସ ହସ୍‌ପିଟାଲର ଅଙ୍କୋଲୋଜି ବିଭାଗର ଡା. ରୋହିତ କପୁର କହିଛନ୍ତି, ଏବେ ସୁଦ୍ଧା କରାଯାଇଥିବା ଅଧିକାଂଶ ଗବେଷଣା ଗବେଷଣାଗାର ଏବଂ ପ୍ରାଣୀଙ୍କ ଉପରେ ଆଧାରିତ। ଏଥିରେ ଏହି ରସାୟନ ଓ ମାଇକ୍ରୋପ୍ଲାଷ୍ଟିକ୍‌ର କିଛି ପ୍ରଭାବ ନିହାତି ଦେଖିବାକୁ ମିଳିଛି। ହେଲେ ମଣିଷଙ୍କଠାରେ ଏକଥା ପ୍ରମାଣିତ ହୋଇପାରି ନାହିଁ ଯେ, ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇଲେ ଏବଂ କ୍ୟାନସର ମଧ୍ୟରେ ସିଧାସଳଖ କୌଣସି ସମ୍ବନ୍ଧ ଅଛି। ଏଣୁ ଏ ବିଷୟରେ ଅଧିକ ଗବେଷଣାର ଆବଶ୍ୟକତା ଅଛି। ଏହାବାଦ୍ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବାକୁ ଦୂରେଇ ରହିବା ଦରକାର ବୋଲି ଡାକ୍ତର କହିଛନ୍ତି। ସେହିପରି ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିଲେ କିଛି ଦିଗ ପ୍ରତି ସତର୍କ ରହିବା ବି ଜରୁରି। ପ୍ଲାଷ୍ଟିକ୍ ବୋତଲକୁ ଦୀର୍ଘ ସମୟ ପାଇଁ ଖରା ତଥା ଗରମ କାର୍‌ରେ ନ ରଖିବା ଦରକାର। ବୋତଲର ରଙ୍ଗ ବଦଳିଥିଲେ କିମ୍ବା ଏହା ବହୁତ ପୁରୁଣା ହୋଇଥିଲେ ଏହାକୁ ପୁର୍ନବ୍ୟବହାର କରିବା ଅନୁଚିତ। ପାଣି ପିଇବା ଲାଗି ଷ୍ଟେନ୍‌ଲେସ୍ ଷ୍ଟିଲ୍ ତଥା କାଚ ବୋତଲ ବ୍ୟବହାର କରିବା ଭଲ। ଡା. ରୋହିତଙ୍କ ମତରେ ମାଇକ୍ରୋପ୍ଲାଷ୍ଟିକ୍ ଏବଂ ପ୍ଲାଷ୍ଟିକ୍ ସହ ଜଡ଼ିତ ରସାୟନ ଉପରେ ଗବେଷଣା ଏବେ ବାକି ଥିଲେ ବି ସତର୍କତା ଅବଲମ୍ବନ କରିବା ଜରୁରି। ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବାକୁ ବାଧ ହେଉଥିଲେ ଏହାକୁ ଥରେ ଦୁଇଥରରୁ ଅଧିକ ବ୍ୟବହାର କରିବା ଅନୁଚିତ।

# ଓଡ଼ିଆ ସାମ୍ବାଦିକତା ଦିବସ



ପ୍ରତିବର୍ଷ ଅଗଷ୍ଟ ୪ ତାରିଖକୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଉଛି। ୧୮୬୬ ମସିହା ଅଗଷ୍ଟ ୪ ତାରିଖ ଦିନ ଓଡ଼ିଶାର ପ୍ରଥମ ଓଡ଼ିଆ ଖବର କାଗଜ ଭାବେ 'ଉତ୍କଳ ଦୀପିକା' ଆତ୍ମପ୍ରକାଶ କରିଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ। ପ୍ରଥମେ ଏହା ସାପ୍ତାହିକ ଏବଂ ପରବର୍ତ୍ତୀ ସମୟରେ ଦୈନିକ ଭାବେ ପ୍ରକାଶିତ ହୋଇଥିଲା। ଗୌରୀଶଙ୍କର ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ କଟକଠାରେ ପ୍ରତିଷ୍ଠିତ କଟକ ପ୍ରିଣ୍ଟିଂ କମ୍ପାନିରୁ ଏହି ଖବର କାଗଜ ପ୍ରକାଶ ପାଉଥିଲା। 'ଉତ୍କଳ ଦୀପିକା' ତତ୍କାଳୀନ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେବା ସହ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ବାଲ୍ୟବିବାହ ପରି ଘୃଣ୍ୟ ପ୍ରଥା ବିରୋଧରେ ମଧ୍ୟ ସ୍ୱର ଉତ୍ତୋଳନ କରି ସାମାଜିକ ସଂସ୍କାର ପାଇଁ ଏହି ଖବରକାଗଜ ଉଦ୍ୟମ କରିଥିଲା। 'ଉତ୍କଳ ଦୀପିକା'ର ସଫଳତା ଓଡ଼ିଶାରେ ଖବରକାଗଜ ପ୍ରକାଶନର ଧାରା ସୃଷ୍ଟି କରିଥିଲା। ଓଡ଼ିଆ ଭାଷାକୁ ସର୍ବସମ୍ମୁଖରେ ଉପସ୍ଥାପନ କରିବା ସହ ଓଡ଼ିଶାର ପ୍ରତିଟି ସୁଖ ଦୁଃଖକୁ ଲୋକଙ୍କ ନିକଟରେ ପହଞ୍ଚାଇବା କାମ କରିଥିଲା 'ଉତ୍କଳ ଦୀପିକା'। ସେ ନ'ଅଙ୍କ ଦୁର୍ଭିକ୍ଷ ହେଉ କି ଓଡ଼ିଆ ଭାଷା ଆନ୍ଦୋଳନ, ପ୍ରତିଟି ଖବରକୁ ନିରପେକ୍ଷ ଭାବେ ପ୍ରଚାର ପ୍ରସାର କରିବା ଥିଲା 'ଉତ୍କଳ ଦୀପିକା'ର ମୁଖ୍ୟ ଲକ୍ଷ୍ୟ। ସମ୍ବାଦପତ୍ର ଜଗତରେ ଏକ ନୂଆ ଆହ୍ୱାନ ଥିଲା 'ଉତ୍କଳ ଦୀପିକା'। ପ୍ରକାଶନ ଆରମ୍ଭ ଦିନ ଠାରୁ ୧୯୧୭ ମସିହା ଯାଏଁ ଏହାର ସମ୍ପାଦକ ଦାୟିତ୍ୱରେ ଥିଲେ ଗୌରୀଶଙ୍କର ରାୟ। ତାଙ୍କ ଅନ୍ତେ ନୀଳମଣି ବିଦ୍ୟାରତ୍ନ ଏହି ଦାୟିତ୍ୱକୁ ଅତି ନିଷ୍ଠାର ସହ ତୁଲାଇଥିଲେ। ବିଭିନ୍ନ ସାମାଜିକ ପ୍ରସଙ୍ଗ ଉପରେ ଜନମତ ସୃଷ୍ଟି କରିବାରେ 'ଉତ୍କଳ ଦୀପିକା'ର ଥିଲା ପ୍ରଧାନ ଭୂମିକା। 'ଉତ୍କଳ ଦୀପିକା' ମାଧ୍ୟମରେ ହିଁ ଅନେକ ସମସ୍ୟାର ସମାଧାନ ହୋଇପାରିଛି। ଗଣମାଧ୍ୟମ କିଭଳି ଭାବେ ଦାୟିତ୍ୱ ନେଇ ସମାଜକୁ ସୁଧାରିପାରେ ତାହା 'ଉତ୍କଳ ଦୀପିକା' ହିଁ ପ୍ରଥମେ ଶିଖାଇଥିଲା। ସାଧାରଣ ଲୋକଙ୍କ ସମସ୍ୟାକୁ ସବୁବେଳେ ଗୁରୁତ୍ୱ ଦେଉଥିବା ଏହି ସମ୍ବାଦପତ୍ର ସମ୍ପାଦକୀୟ ଓ ପାଠକୀୟ ସହଭାଗିତା ଦ୍ୱାରା ସାମ୍ବାଦିକତାରେ ଅନେକ ନୂତନ ଧାରାକୁ ଜନ୍ମ ଦେଇଥିଲା। ୧୯୩୬ ମସିହାରେ ଏହାର ପ୍ରକାଶନ ବନ୍ଦ ହୋଇଗଲା, କିନ୍ତୁ ଓଡ଼ିଆ ସାମ୍ବାଦିକତାର ଇତିହାସ ଏହା ବିନା ଅସମ୍ପୂର୍ଣ୍ଣ। ଓଡ଼ିଶାରେ ଆଜି ଛୋଟ ବଡ଼ କରି ପ୍ରାୟ ତିନି ଶହରୁ ଅଧିକ ଖବରକାଗଜ ଅଛି। ସେଥିରୁ କେତେକ ସାପ୍ତାହିକ, କେତେକ ପାକ୍ଷିକ ଓ ଆଉ କେତେକ ଦୈନିକ। ଓଡ଼ିଆ ସାମ୍ବାଦିକତା ଦିବସ ହେଉଛି ଓଡ଼ିଆ ଭାଷା ଓ ସାମ୍ବାଦିକତାର ଗୌରବକୁ ସ୍ମରଣ କରିବାର ଦିନ।



# 'ମହାବତାର' ଭିକି ବଢ଼ାଇବେ ୨୫ କେଜି ଓଜନ

ବଲିଉଡ୍ ଅଭିନେତା ଭିକି କୌଶଲ 'ଛାବା' ଚଳଚ୍ଚିତ୍ରରେ ଛତ୍ରପତି ଶମ୍ଭାଜି ମହାରାଜଙ୍କ ଭୂମିକା ପାଇଁ ତାଙ୍କର ଜବରଦସ୍ତ ବଡି ଟ୍ରାନ୍ସଫର୍ମେସନ୍ ଦ୍ୱାରା ସମସ୍ତଙ୍କୁ ଚକିତ କରିଦେଇଥିଲେ। ଭିକି ତାଙ୍କର ଆଗାମୀ ଚଳଚ୍ଚିତ୍ର 'ମହାବତାର'ରେ ଭଗବାନ ପର୍ଶୁରାମଙ୍କ ଭୂମିକା ପାଇଁ ମଧ୍ୟ ନିଜକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବାକୁ ଯାଉଛନ୍ତି। ଏଥିପାଇଁ ଆସନ୍ତା ସେପ୍ଟେମ୍ବରରୁ ସେ ପ୍ରସ୍ତୁତି ଆରମ୍ଭ କରିଦେବେ। ଫିଲ୍ମର ସୁଟିଂ ଡିସେମ୍ବରରେ ଆରମ୍ଭ ହେବାର ରହିଛି, ତେଣୁ ତାଙ୍କ ପାଖରେ ନିଜକୁ ପ୍ରସ୍ତୁତ କରିବା ଲାଗି ପାଖାପାଖି ତିନି ମାସର ସମୟ ରହିବ। ପୌରାଣିକ କଥା ଅନୁଯାୟୀ, ଭଗବାନ ପର୍ଶୁରାମଙ୍କ ବ୍ୟକ୍ତିତ୍ୱ ଅତ୍ୟନ୍ତ ବିଶାଳ, ଶକ୍ତିଶାଳୀ ଓ ପରାକ୍ରମୀ ଥିଲା। ପରଦାରେ ଏହି ରୂପକୁ ଜୀବନ୍ତ କରିବା ପାଇଁ ଏବଂ ଏକ ଭାରୀ କୁରାଢ଼ିକୁ ସହଜରେ ଚଳାଇବା ପାଇଁ ଭିକିଙ୍କୁ ବଳିଷ୍ଠ ଶରୀର ତିଆରି କରିବାକୁ ପଡ଼ିବ। ଏହି ଚ୍ୟାଲେଞ୍ଜିଂ ବଡ଼ି ଟ୍ରାନ୍ସଫର୍ମେସନ ପାଇଁ ଭିକି ପୁଣିଥରେ ତାଙ୍କର ଫିଟନେସ୍ କୋଚ୍ ତେଜସ୍ ଲାଲୱାନୀଙ୍କ ସହ କାମ କରୁଛନ୍ତି। ତେଜସ୍ 'ଛାବା' ଫିଲ୍ମ ପାଇଁ ମଧ୍ୟ ଭିକିଙ୍କୁ ତାଲିମ ଦେଇଥିଲେ। ଓଜନ ବଢ଼ାଇବା ସହ ଶରୀରକୁ ସୁସ୍ଥ ରଖିବା ପାଇଁ ସେ ନ୍ୟୁଟ୍ରିସନିଷ୍ଟ ଅଲକେଶ ଶାରୋତ୍ରୀଙ୍କ ସାହାଯ୍ୟ ନେଇଛନ୍ତି। ସେ ଭିକିଙ୍କ ପାଇଁ ଏକ ସ୍ୱତନ୍ତ୍ର କ୍ୟାଲୋରୀ-ସରପ୍ଲସ୍ ଡାଏଟ୍ ଚାର୍ଟ ପ୍ରସ୍ତୁତ କରିଛନ୍ତି। ଓଜନ ବଢ଼ିବା ପରେ ମଧ୍ୟ ସେ ଶାରୀରିକ ସ୍ତରରେ ଯେମିତି ସଂପୂର୍ଣ୍ଣ ସକ୍ରିୟ ରହିବେ ସେଥିପାଇଁ ବିଶେଷ କାର୍ଡିଓ ଏବଂ ମାର୍ଶାଲ ଆର୍ଟ୍ସ ତାଲିମ ମଧ୍ୟ ନେବେ। ଏହି ପୌରାଣିକ ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଅମର କୌଶିକ ଏବଂ ଏହାର ପ୍ରଯୋଜନା କରୁଛନ୍ତି ଦିନେଶ ବିଜାନ। ଏହି ଚଳଚ୍ଚିତ୍ରର ସୁଟିଂ ଆସନ୍ତା ଡିସେମ୍ବରରୁ ଆରମ୍ଭ ହେବ।




# ଗୃହପାଳିତ ପ୍ରାଣୀଙ୍କ ଯତ୍ନ

**ଅଧିକାଂଶ ଲୋକ କୃଷିକାର୍ଯ୍ୟ ସହିତ ଗାଈ, କୁକୁଡ଼ା ଓ ଛେଳିପାଳନ କରି ଜୀବିକା ନିର୍ବାହ କରିଥାନ୍ତି। ତେବେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଷୀଭାଇ ଗୃହପାଳିତ ପ୍ରାଣୀଙ୍କ ବିଶେଷ ଯତ୍ନ ନେବା ଆବଶ୍ୟକ।**



ଏହି ସମୟରେ ପ୍ରାଣୀମାନେ ପଚା ଘାସ ଖାଇବା ସହ ଦୂଷିତ ପାଣି ପିଇ ଝାଡ଼ା, ଜ୍ୱର, ବିଷକ୍ରିୟା ଆଦି ରୋଗର ସମସ୍ୟାର ସମ୍ମୁଖୀନ ହୁଅନ୍ତି। ତେଣୁ ଗାଈଗୋରୁଙ୍କ ଝାଡ଼ା ରୋକିବାକୁ 'ସଲ୍‌ଫା ବଟିକା', 'ଟେଟ୍ରାସାଇକ୍ଲିନ୍' ଓ ଜ୍ୱର ଲାଗି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା କରିବା ଆବଶ୍ୟକ। ମଶା, ଡାଆଁଶ ପ୍ରାଣୀଙ୍କ ଶରୀରରୁ ରକ୍ତ ଶୋଷିବା ସହ ଜୀବାଣୁ ଓ ଭୂତାଣୁ ଶରୀରରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାନ୍ତି। ଏଥିପ୍ରତି ସତର୍କ ରହିବା ଆବଶ୍ୟକ। ଦୁର୍ଭାଗ୍ୟବଶତଃ କୌଣସି ପ୍ରାଣୀର ମୃତ୍ୟୁ ହେଲେ, ଛଅଫୁଟରୁ ଅଧିକ ଗର୍ତ୍ତ ଖୋଳି ବ୍ଲିଚିଂ ପାଉଡର ଓ ଚୂନ ଦେଇ ମରଶରୀରକୁ ପୋତିବା ଉଚିତ।

କୁକୁଡ଼ା ଫାର୍ମକୁ ବନ୍ୟାଜଳ ପ୍ରବେଶ କରି କୁକୁଡ଼ାଙ୍କ ଶ୍ୱାସଜନିତ ସମସ୍ୟା ଓ ବିଷାକ୍ତ କବକ ଦ୍ୱାରା ମୃତ୍ୟୁର କାରଣ ହୋଇଥାଆନ୍ତି। ତେଣୁ କୁକୁଡ଼ାଙ୍କ ଲାଗି ଗମ୍ଭୁରା ଖାଦ୍ୟ ବ୍ୟବହାର କରିବା ଅନୁଚିତ। କୁକୁଡ଼ାଙ୍କର ଶଯ୍ୟାଗୁଣ୍ଡ ଶୁଖିଲା ରଖନ୍ତୁ। ପ୍ରାଣୀଙ୍କ ଖାଦ୍ୟ, ନଡ଼ା, ଚୋକଡ଼କୁ ଓଦା ନ କରି ସୁରକ୍ଷିତ ରଖିବା ଆବଶ୍ୟକ। ବର୍ଷାରେ ଭିଜିଥିବା ଘାସକୁ ବିଶୁଦ୍ଧ ପାଣିରେ ଧୋଇ ପରେ ଏକ ବାଲ୍‌ଟି ପାଣିରେ ଗୋଟିଏ ହାଲୋଜିନ୍ ବଟିକା ମିଶାଇ ଘାସ ଧୋଇ ଖାଇବାକୁ ଦେବା ଆବଶ୍ୟକ।

ପ୍ରାଣୀଙ୍କୁ ସାହାଣ, ବଜବଜିଆ ଏବଂ ଫାଟୁଆ ରୋଗ ବ୍ୟାପିବା ସମ୍ଭାବନା ଥିବାରୁ ପ୍ରତିଷେଧକ ଭାବେ ଟିକା ଦେବା ବ୍ୟବସ୍ଥା କରନ୍ତୁ। ପ୍ରାଣୀଙ୍କୁ କାଦୁଅ ସ୍ଥାନରେ ଚରିବାକୁ ଛାଡ଼ିବା ଅନୁଚିତ। କାଦୁଅରେ ଚାଲି ପାଦରେ ଘାଆ ହେଲେ ଖୁରାକୁ ପଟାଶପାଣି କିମ୍ବା ଖାଇବା ସୋଡ଼ା ପାଣିରେ ଧୋଇ ପାରିବେ।

# ଏ ମାସର ଚାଷ

**ଭାରତୀୟ କୃଷି କାର୍ଯ୍ୟ ପାଇଁ ଅଗଷ୍ଟ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ମାସରେ ବାଡ଼ି ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଓ ଫୁଲ ଗଛ ବଢ଼ିଥାଏ।**

- ଧାନ ରୋଇବା ବାକିଥିଲେ ଶୀଘ୍ର ରୋଇବା ଆବଶ୍ୟକ। ଧାନ ରୋଇବାର ୨ରୁ ୩ ସପ୍ତାହ ହୋଇଥିଲେ ଘାସ ବାଛି ପିଲସାର ପ୍ରୟୋଗ କରାଯାଏ।
- ଶ୍ରୀ ପଦ୍ଧତିରେ ଧାନ ରୋଇଥିଲେ, ରୋଇବାର ୧୦ରୁ ୧୨ ଦିନ ମଧ୍ୟରେ ଉଇଡର ଚଳାଇ ଘାସ ବାଛି ଦେବା ଜରୁରି।
- ମକା ଫସଲ ୬ରୁ ୭ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ଘାସ ବାଛି ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରାଯାଏ।



- ଡାଲିଜାତୀୟ ଫସଲରେ ପତ୍ରକଟା ପୋକର ନିରାକରଣ ପାଇଁ ଏକରପ୍ରତି ୪୦୦ ମି.ଲି. ପ୍ରୋଫେନୋଫସ୍ ୫୦%ଇ.ସି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ।
- ସମସ୍ତ ଫସଲକୁ ସର୍ବେକ୍ଷଣ କରି ଉପଯୁକ୍ତ ଶସ୍ୟ ସଂରକ୍ଷଣ ଓ ଜଳ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଏ। ସେହିପରି ଅଳସୀ ବୁଣିବା କାମ ଶେଷ କରିବା ଆବଶ୍ୟକ।

# ରାଇପେନିଂ ଚ୍ୟାମ୍ବରରୁ ଲାଭ




ଅଧିକାଂଶ ଚାଷୀ ଆଧୁନିକ କୌଶଳରେ ଚାଷ କରି ଲାଭବାନ ହୋଇପାରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ବିହାର, ଔରଙ୍ଗାବାଦ ଜିଲ୍ଲାର ଗୁଲ ସନୋବର। ସେ ସ୍ୱତନ୍ତ୍ର ରାଇପେନିଂ କୋଠରିରେ କଦଳୀ ପଚାଇ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ରାଇପେନିଂ ଚ୍ୟାମ୍ବରରେ କଦଳୀ ପଚାଇବାକୁ ସେ ୭୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଏହି ନିବେଶ ରାଇପେନିଂ ଚ୍ୟାମ୍ବର, କୋଲ୍ଡ ଷ୍ଟୋରେଜ ପରି ଆଧୁନିକ ସୁବିଧା ଏବଂ ଅନ୍ୟାନ୍ୟ ମେସିନ୍ ଉପରେ ଖର୍ଚ୍ଚ କରାଯାଇଥିଲା। ରାଇପେନିଂ ଚ୍ୟାମ୍ବର ଏକ ସ୍ୱତନ୍ତ୍ର ନିୟନ୍ତ୍ରିତ କୋଠରି। ମୁଖ୍ୟତଃ ଫଳ, କଦଳୀକୁ ପ୍ରାକୃତିକ ପ୍ରକ୍ରିୟାରେ ନିୟନ୍ତ୍ରିତ ବାତାବରଣରେ ପଚାଇବାକୁ ଏହାକୁ ବ୍ୟବହାର କରାଯାଏ। ରାଇପେନିଂ ଚ୍ୟାମ୍ବର ୟୁନିଟ୍‌ରୁ ଦୈନିକ ୩ଟନ୍ କଦଳୀ ପଚାଯାଇଥାଏ। ଏଥିଯୋଗୁଁ କଦଳୀର ରଙ୍ଗ, ସ୍ୱାଦ ଏବଂ ଗୁଣବତ୍ତା ଭଲ ରୁହେ। କଦଳୀ ସତେଜ ରହୁଥିବାରୁ ବଜାରରେ ଦରଦାମ ଭଲ ମିଳିଥାଏ ବୋଲି ଗୁଲ ସନୋବର କୁହନ୍ତି। ରାଇପେନିଂ ଚ୍ୟାମ୍ବର ପରିଚାଳନା କରିବାକୁ ସେ ସାତ ଜଣ ଲୋକଙ୍କୁ ରୋଜଗାର ଦେବା ସହ ନିଜେ ମଧ୍ୟ ଏଥିରୁ ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଫସଲ କ୍ଷେତ, ଫଳ ବଗିଚା, ତଳିଆ ଜମିରୁ ଅତିରିକ୍ତ ବର୍ଷାଜଳ ନିଷ୍କାସନ କରନ୍ତୁ।
- ବର୍ଷା ଓ ପବନର ପୂର୍ବାନୁମାନ ଥିବାରୁ ଲତାଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଆଦି ଗଛକୁ ବାଡ଼ି/ଖୁଣ୍ଟ ସାହାଯ୍ୟରେ ଡେରା ଦିଅନ୍ତୁ।
- ପନିପରିବା ଫସଲରେ ଝାଉଁଳା ଓ ମୂଳ ପଚା ରୋଗର ଲକ୍ଷଣ ଦେଖାଦେଲେ ଶୁଖିଲା ପାଗ ଦେଖି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟାଲାକ୍ସିଲ୍ ୮%+ ମାଙ୍କୋଜେବ ୬୪% ଡବ୍ଲ୍ୟୁପି ମିଶାଇ ଗଛର ମୂଳ ଚାରିପାଖେ ଡ୍ରେଞ୍ଚିଂ କରନ୍ତୁ।
- ଆଖୁ ଫସଲରେ ନାଲିସଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି କାର୍ବେଣ୍ଡାଜିମ ୧୨%+ମାଙ୍କୋଜେବ ୬୩%ଡବ୍ଲ୍ୟୁପି @ ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ରାଶି ଚାଷ ପାଇଁ ଅଧିକ ଅମଳକ୍ଷମ କିସମ ଯେପରି ପ୍ରାଚୀ, କଳିକା, କନକ ଇତ୍ୟାଦି ଚୟନ କରନ୍ତୁ।

# ବନ୍ୟା ପ୍ରଭାବିତ ଫସଲର ପରିଚାଳନା

**ରାଜ୍ୟର ଅଧିକାଂଶ ଜିଲ୍ଲାରେ ଏବେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ବନ୍ୟା ଓ ବନ୍ୟା ପରବର୍ତ୍ତୀ ଅବସ୍ଥାକୁ ଦୃଷ୍ଟିରେ ରଖି ଚାଷୀଭାଇ ଫସଲର ପରିଚାଳନା କରିପାରିବେ।**



ପାଣି ଛାଡ଼ିଯିବା ପରେ ତଳିଘରାରୁ ପାଣି ନିଷ୍କାସନ କରିବା ଆବଶ୍ୟକ। ବୁଣାଧାନ ଜମିରେ ୫୦%ରୁ ଅଧିକ ଗଛ ନଷ୍ଟ ହୋଇଥିଲେ, ଜଳନିଷ୍କାସନ କରି ଅପେକ୍ଷାକୃତ କମ୍ ଅବଧିର କିସମକୁ ଗାଲି ଗଜା କରି ୮ ଧାଡ଼ିଆ ଡ୍ରମ୍ ସିଡର ସାହାଯ୍ୟରେ ୨୦ ସେମି. ବ୍ୟବଧାନରେ ବୁଣିବା ଉଚିତ। ରୁଆ ହୋଇଥିବା ଜମିରେ ବନ୍ୟା ଦ୍ୱାରା ବ୍ୟାପକ ଧାନଫସଲ କ୍ଷତିଗ୍ରସ୍ତ ହୋଇ ଆବଶ୍ୟକୀୟ ଗଛ ସଂଖ୍ୟା ନଥିଲେ, ପାଣି କମିଗଲା ପରେ ଜମିର ଅନ୍ୟ ଭାଗରେ ଥିବା ଧାନଗଛ ବୁଦାକୁ ଭାଗକରି ଆଣି ଶୂନ୍ୟସ୍ଥାନ ପୂରଣ କରନ୍ତୁ ଏବଂ ୨୫% ଅତିରିକ୍ତ ପଟାସ୍ ସାର ପ୍ରୟୋଗ କରିବା ଉଚିତ। ବନ୍ୟା ଜଳ ନିଷ୍କାସନ ପରେ ୩୫-୪୦ ଦିନିଆ ବୟସ୍କ ତଳିକୁ କମ୍ ଦୂରତାରେ (୧୫ X୧୦ ସେ.ମି.) ବୁଦା ପ୍ରତି ଅଧିକ ତଳି (୪ରୁ ୫ଟି) ରୁଅନ୍ତୁ। ମୂଳସାର ହିସାବରେ ୫୦% ଯବକ୍ଷାରଜାନ, ସମସ୍ତ ଫସ୍‌ଫରସ୍ ଓ ୫୦% ପଟାସ ସାର ପ୍ରୟୋଗ କରିବା ଉଚିତ। ରୋଇବା ପୂର୍ବରୁ ତଳି ଉପରେ ପଟୁମାଟି ମାଡ଼ି ଯାଇଥିଲେ ଭଲଭାବରେ ପାଣି ସିଞ୍ଚନ କରି ଧୁଆଯାଏ।

ବନ୍ୟା ଜଳ ନିଷ୍କାସିତ ହେବା ପରେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ ଜରୁରି। ବନ୍ୟା ପରେ ରୁଆ ବା ବୁଣା ଜମିରେ ପାଣି ଜମି ଲୌହ ବିଷାକ୍ତ ପରିସ୍ଥିତି ସୃଷ୍ଟି ହୋଇ ଗଛ ପିଲ ମାରେ ନାହିଁ ଓ ଚେର ନଷ୍ଟ ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ କରିବା ଉଚିତ। ନଦୀ ଓ କେନାଲ ନିକଟବର୍ତ୍ତୀ ତଳିଘରା ଓ ମୁଖ୍ୟ ଧାନ ଫସଲରେ ରୋଗପୋକ ଚିହ୍ନଟ କରି କୃଷିବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ସିଞ୍ଚନ କରିବା ଆବଶ୍ୟକ।

ମୁଗ, ବିରି ଆଦି ଫସଲରେ ସରକୋସ୍ପୋରା ପତ୍ରଚିତା ରୋଗ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ (କାର୍ବେଣ୍ଡାଜିମ୍+ମାଙ୍କୋଜେବ୍) ଓ ଡାଇଫେନୋକୋନାଜଲ୍ କବକ ନାଶକ ମିଶାଇ ୮ ରୁ ୧୦ ଦିନ ଅନ୍ତରରେ ଅଦଳବଦଳ କରି ଦୁଇଥର ସିଞ୍ଚନ କରିପାରିବେ। ମୂଳସଢ଼ା ରୋଗ ଲାଗୁଥିଲେ ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୨୦୦ ଲିଟର ପାଣିରେ ମିଶାଇ ମୂଳକୁ ସିଞ୍ଚନ କରାଯାଏ।

ପନିପରିବା ତଳିଘରାର ତଳି ସଢ଼ିଗଲେ ଏହାକୁ ଉପାଡ଼ିବା ଆବଶ୍ୟକ। ଭେଣ୍ଡି ଫସଲରେ ସରକୋସ୍ପୋରା ପତ୍ର ଦାଗ ରୋଗ ଓ କଲରା ଫସଲରେ ପତ୍ର ପୋଡ଼ାରୋଗକୁ ନିୟନ୍ତ୍ରଣ କରିବାକୁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ (କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍) ମିଶାଇ ପ୍ରୟୋଗ କରିପାରିବେ।







ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦ୍‌ଯାପନୀ ଝଲକ୍

# ଅହମଦାବାଦ୍‌ରେ ଅଧିକ ଇଭେଣ୍ଟ

ଗ୍ଲାସ୍‌ଗୋ,୩।୮ (ଏଜେନ୍ସି)

ସ୍କଟଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋ ସହରରେ ସଫଳତାର ସହ ଆୟୋଜିତ ହୋଇଯାଇଛି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆଉ ଏକ ସଂସ୍କରଣ। ଅର୍ଥାଭାବ ଯୋଗୁ ଏହି ପ୍ରତିଯୋଗିତା ଅଷ୍ଟ୍ରେଲିଆର ଭିକ୍ଟୋରିଆରୁ ଗ୍ଲାସ୍‌ଗୋକୁ ସ୍ଥାନାନ୍ତରିତ ହେବା ଫଳରେ ୧୦ଟି କ୍ରୀଡ଼ାର ଆୟୋଜନ କରାଯାଇଥିଲା। ଯାହା ଫଳରେ ଅନ୍ୟ ବିଭାଗରେ ଅନେକ କ୍ରୀଡ଼ାବିତ୍ ନିରାଶ ହୋଇଥିଲେ। ବିଶେଷ କରି ଭାରତୀୟ କ୍ରୀଡ଼ାର ସଫଳ ବିନ୍ଧାଣି ସୁଟର, ବ୍ୟାଡମିଣ୍ଟନ ଓ କୁସ୍ତିଯୋଦ୍ଧାମାନଙ୍କୁ ଅଧିକ ନିରାଶ ହେବାକୁ ପଡ଼ିଥିଲା। ୧୦ଟି ଇଭେଣ୍ଟରେ ୧୨୨ ଜଣ ପ୍ରତିଯୋଗୀ ୩୯ଟି ମେଡାଲ ଜିତିଥିଲେ। ଗତ ୨୪ ବର୍ଷ ମଧ୍ୟରେ ଏହା ଭାରତ ଜିତିଥିବା ପଦକ ତୁଳନାରେ ସବୁଠାରୁ କମ୍। କିନ୍ତୁ ଶତକଡ଼ା ଦୃଷ୍ଟିରୁ ଏହା ସବୁଠାରୁ ଅଧିକ। ଏହି କ୍ରୀଡ଼ାରେ ୨୧୫ଟି ମେଡାଲ ଇଭେଟ ଆୟୋଜିତ ହୋଇଥିଲା। ପରବର୍ତ୍ତୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତରେ ୨୦୩୦ରେ ଆୟୋଜିତ ହେବ। ଏହା ଗୁଜରାଟର ରାଜଧାନୀ ଅହମ୍ମଦାବାଦରେ ହେବ ବୋଲି ସ୍ଥିର ହୋଇଛି। ଏଣୁ ଏଠାରେ ଅତି କମ୍‌ରେ ୧୭ଟି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଯୋଗିତା ଖେଳାଯିବ ବୋଲି ଆୟୋଜକ କମିଟି ସ୍ପଷ୍ଟ କରିଛି। ପୂର୍ବରୁ ୨୦୧୦ରେ ଭାରତ ନୂଆଦିଲ୍ଲୀରେ ପ୍ରଥମଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ କରିଥିଲା। ଏଥିରେ ଭାରତ ପଦକ ତାଲିକାରେ ସେଞ୍ଚୁରୀ କରିବା ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ଭାରତ ଏହି ସଫଳତା ଦୋହରାଇବାକୁ ନିଶ୍ଚିତ ଚେଷ୍ଟା କରିବ ବୋଲି ନିଦ୍ୱନ୍ଦ୍ୱରେ ଆଶା କରାଯାଇପାରେ।

## ସ୍ମରଣୀୟ ଗ୍ଲାସ୍‌ଗୋ

ଅନିଶ୍ଚିୟତା ମଧ୍ୟରେ ଆରମ୍ଭ ହୋଇଥିବା ଏହି କ୍ରୀଡ଼ାରେ ଭାରତ ଭଲ କରିବ ନାହିଁ ବୋଲି ପଣ୍ଡିତମାନେ ମତପୋଷଣ କରିଥିଲେ। ଏହାର କାରଣ ହେଲା ଭାରତ ପଦକ ଜିତୁଥିବା ଖେଳ ସୁଟିଂ ଓ ବ୍ୟାଡମିଣ୍ଟନକୁ ଏଥର ସାମିଲ କରାଯାଇ ନ ଥିଲା। ଫଳରେ ପଦକ ସଂଖ୍ୟା କମିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଏହାତ ସ୍ୱାଭାବିକ କଥା। କାରଣ ପୂର୍ବ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତରୁ ୨୧୦ ଜଣ ଭାଗନେଇଥିଲାବେଳେ ୬୧ଟି ପଦକ ଜିତିଥିଲେ। ଏଥର ସଂଖ୍ୟା ଥିଲା ୧୨୨ ଓ ଏମାନେ ୧୦ଟି କ୍ରୀଡ଼ା ଶୃଙ୍ଖଳାରେ ୩୯ଟି ପଦକ ଜିତିଛନ୍ତି। ଏଣୁ ଶତକଡ଼ା ଦୃଷ୍ଟିରୁ ଦେଖିଲେ ଏଥର ୩୧ ଶତକଡ଼ା ପ୍ରତିଯୋଗୀ ମେଡାଲ ଜିତଛନ୍ତି। ବର୍ମିଂହାମରେ ୨୯ ଶତକଡ଼ା ଥିଲା। ଏଣୁ ଏଥର ନିଶ୍ଚିତଭାବେ ଭଲ ପ୍ରଦର୍ଶନ ହୋଇଛି ବୋଲି କହିବାକୁ ହେବ।

ଏଥର ପ୍ରତିଯୋଗୀ ସଂଖ୍ୟା କମିଥିଲେ ମଧ୍ୟ ପଦକ ସଂଖ୍ୟା ଓ ପ୍ରଥମଥର ସଫଳତା ବେଶ ଉଚ୍ଚକୋଟୀର ହୋଇଛି। ଭାରୋତ୍ତୋଳନରେ ମୀରାବାଇ ଚାନୁ ସ୍ୱର୍ଣ୍ଣ ଜିତିଥିଲେ। ସେ ପ୍ରଥମ ଭାରତୀୟ ଭାବେ କ୍ରମାଗତ ୩ଟି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହିଠାରୁ ଆରମ୍ଭ ହୋଇଥିବା ଭାରତର ପ୍ରଥମ ସଫଳତାର ତାଲିକା। ଏହା ପରେ ପାରା ଆଥଲେଟ ଚମକ ଦେଖାଇଥିଲେ।



୩ଟି ଇଭେଣ୍ଟରେ ସ୍ୱର୍ଣ୍ଣ ସହ ୨ଟି ଲେଖାଏଁ ପଦକ ଜିତି ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗିଦେଇଥିଲେ। ଏହାର ଅର୍ଥ ଗତ ୨୦ ବର୍ଷରେ କୌଣସି ପାରା ଆଥ୍‌ଲେଟ ପଦକ ଜିତି ନ ଥିଲାବେଳେ ଏଥର ୩ଟି ସ୍ୱର୍ଣ୍ଣ ସହ ୬ଟି ପଦକ ଜିତିବା ନିଶ୍ଚିତ ଭାବେ ଉଲ୍ଲେଖନୀୟ ରହିଥିଲା।

ଆଥଲେଟିକ୍ସରେ କିଛିଟା ନିରାଶ ହେବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଭାରତ ସର୍ବାଧିକ ୧୦ଟି ପଦକ ଜିତିବାରେ ସଫଳ ହୋଇଥିଲା। ଏହା ମଧ୍ୟରୁ ୫ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଥିଲା। ପୁରୁଷ ଜାଭେଲିନ୍‌ରେ ନୀରଜ ଚୋପ୍ରା ଓ ଯଶବୀର ସିଂ, ପୁରୁଷ ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ଓ ସେଲଭା ପ୍ରଭୁ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିବା ପ୍ରଥମଥର ଦେଖିବାକୁ ମିଳିଥିଲା। ସେହିପରି ଡେକାଥଲନରେ ତେଜସ୍ୱୀ ଶଙ୍କର କାଂସ୍ୟ ଜିତିଥିଲେ। ଗତ ସଂସ୍କରଣରେ ସେ ପୁରୁଷ ହାଇଜମ୍ପରେ ମଧ୍ୟ କାଂସ୍ୟ ପଦକ ଜିତିଥିଲେ। ଏହା ଫଳରେ ଆଧୁନିକ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କେବଳ ଭାରତୀୟ ନୁହଁନ୍ତି ସମସ୍ତ ଅଂଶଗ୍ରହଣକାରୀ ଦେଶ ମଧ୍ୟରେ ପ୍ରଥମ ଖେଳାଳି ଭାବେ ଦୁଇଟି ଇଭେଣ୍ଟରେ ପଦକ ଜିତିବାରେ ସଫଳ ହୋଇଥିଲେ। ସେହିପରି ପୁରୁଷ ୫,୦୦୦ ଓ ୧୦,୦୦୦ ମିଟର ଦୌଡ଼ରେ ଭାରତର ପ୍ରଥମ ଖେଳାଳି ଭାବେ ଗୁଲବୀର ସିଂ ପଦକ ଜିତି ରେକର୍ଡ କରିଥିଲେ।

ମୁଷ୍ଟିଯୋଦ୍ଧା ଓ ଜୁଡୋକା ମାନେ ସମସ୍ତ ରେକର୍ଡକୁ ଅତିକ୍ରମ କରିଯାଇଥିଲେ। ଅସ୍ମିତା ଦେ ପ୍ରଥମ ଭାରତୀୟ ଭାବେ ଜୁଡୋରେ ପଦକ ତାହା ପୁଣି ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ମୁଷ୍ଟିଯୋଦ୍ଧାମାନେ ୧୪ଟି କାଟେଗୋରୀ ମଧ୍ୟରୁ ୧୦ଟିରେ ଫାଇନାଲ ଖେଳିବା ଓ ଏହା ମଧ୍ୟରୁ ୭ଟି ସ୍ୱର୍ଣ୍ଣ ପଦକ ଜିତି ଭାରତର ପ୍ରଦର୍ଶନକୁ ସ୍ମରଣୀୟ କରିବାରେ ସଫଳ ହୋଇଥିଲେ।

# ଶୁଭଦୀପ ଟିମ୍ ଇଣ୍ଡିଆ ଫିଲ୍‌ଡିଂ କୋଚ୍



ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଶୁଭଦୀପ ଘୋଷ ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଫିଲ୍‌ଡିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ଥିବା ଟି. ଦିଲୀପଙ୍କ ସ୍ଥାନରେ ଶୁଭଦୀପଙ୍କୁ ବିସିସିଆଇ ଏହି ନିଯୁକ୍ତି ଦେଇଛି। ୫୭ ବର୍ଷ ବୟସ୍କ ଶୁଭଦୀପ ଘରୋଇ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳାରୁ ଭାରତୀୟ ଦଳ ସହ କାମ ଆରମ୍ଭ କରିବେ। ଆସାମ ଓ ପରେ ରେଲ୍‌ୱେ ଦଳ ପାଇଁ ଜଣେ ବ୍ୟାଟ୍‌ସମ୍ୟାନ ଭାବେ ଶୁଭଦୀପ ପ୍ରଥମଶ୍ରେଣୀ କ୍ରିକେଟ୍ ଖେଳିଥିଲେ। ଶୁଭଦୀପ ପୂର୍ବରୁ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ମହିଳା କ୍ରିକେଟ୍ ଦଳର ଫିଲ୍‌ଡିଂ ପ୍ରଶିକ୍ଷକ ଭାବେ କାମ କରିଛନ୍ତି। ତାଙ୍କ ସମୟରେ ଭାରତୀୟ ମହିଳା ଦଳ ୨୦୨୨ ଦିନିକିଆ ବିଶ୍ୱକପ୍ ଓ ୨୦୨୩ ଟି-୨୦ ବିଶ୍ୱକପ୍ ଖେଳିଥିଲା। ସେ ମଧ୍ୟ ଭାରତ 'ଏ' ଓ ଆସାମ କ୍ରିକେଟ୍ ଦଳ ପାଇଁ କାମ କରିଛନ୍ତି। ଶୁଭଦୀପ ଆସାମ ଓ ରେଲ୍‌ୱେ ପାଇଁ ୨୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ଟି. ଦିଲୀପ ୨୦୨୧ରୁ ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଫିଲ୍‌ଡିଂ ପ୍ରଶିକ୍ଷକ ଥିଲେ। ପରେ ୨୦୨୫ରେ ତାଙ୍କୁ ଏକ ବର୍ଷ ଲାଗି ପୁନଃ ନିଯୁକ୍ତି ମିଳିଥିଲା। ହେଲେ ତାଙ୍କ ସମୟରେ ଭାରତୀୟ ଦଳର ଫିଲ୍‌ଡିଂ ନିମ୍ନମାନର ହେବାରୁ ବିସିସିଆଇ ତାଙ୍କ ଚୁକ୍ତି ବଢ଼ାଇନଥିଲା। ଭାରତୀୟ ଦଳର ସହକାରୀ ପ୍ରଶିକ୍ଷକ ଥିବା ନେଦରଲ୍ୟାଣ୍ଡସର ରିୟାନ ଟେନ୍ ଡୋସ୍କାଟେ ଇସ୍ତଫା ଦେଇ କଲକାତା ନାଇଟ୍ ରାଇଡର୍ସରେ ଯୋଗ ଦେଇଛନ୍ତି।

ୱେଷ୍ଟଇଣ୍ଡିଜ୍-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ

# ଗ୍ରୀଭ୍‌ସ, ଚେଜ୍‌ଙ୍କ ଅର୍ଦ୍ଧଶତକ

ପୋର୍ଟ ଅଫ୍ ସ୍ପେନ୍,୩।୮ (ଏଜେନ୍ସି): ଜଷ୍ଟିନ୍ ଗ୍ରେଭସ ଓ ଅଧିନାୟକ ରୋଷ୍ଟୋନ ଚେଜ୍‌ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ୱେଷ୍ଟଇଣ୍ଡିଜ୍‌ର ପ୍ରଥମ ଇନିଂସ ୩୪୪ ରନ୍‌ରେ ଶେଷ ହୋଇଛି। ଗ୍ରୀଭ୍‌ସ ୧୫୦ବଲ୍ ଖେଳି ୯ ଚୌକା ସହ ୭୩ ଓ ଚେଜ୍ ୧୨୬ ବଲ୍‌ରେ ୧୧ ଚୌକା ସହ ୭୦ ରନ୍‌ରେ ଆଉଟ ହୋଇଛନ୍ତି। ବ୍ରାଣ୍ଡନ କିଙ୍ଗ୍ ୪୬, ଶାଇ ହୋପ୍ ୨୯ ଓ ଅମିର ଜାଙ୍ଗୁ ୨୬ ରନ୍‌ର ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ପାକିସ୍ତାନ ପକ୍ଷରୁ ସାଜିଦ୍ ଖାନ୍ ୪ଟି, ମହମ୍ମଦ୍ ଅଲି, ଉବୈଦ ଖାନ୍ ଓ ଅଲି ଉସ୍‌ମାନ ୨ଟି ଲେଖାଏଁ ୱିକେଟ ପାଇଛନ୍ତି। ଜବାବରେ ଶେଷ ଖବର ସୁଦ୍ଧା ପାକିସ୍ତାନ ପ୍ରଥମ ଇନିଂସରେ ଇମାମ ଉଲ ହକ୍ (୧୪)ଙ୍କ ୱିକେଟ ହରାଇ ୮୭ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଆଭାନ ଆୱେସ ୪୭ ଓ ଅବ୍‌ଦୁଲ୍ଲା ସଫିକ୍ ୨୫ ରନ୍‌ରେ ବ୍ୟାଟିଂ କରୁଥିଲେ। ସମର ଯୋଶେଫ୍ ଏକମାତ୍ର ୱିକେଟଟି ଅକ୍ତିଆର କରିଥିଲେ। ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ପାକିସ୍ତାନକୁ ହରାଇ ୱେଷ୍ଟଇଣ୍ଡିଜ୍ ବିଜୟୀ ହୋଇଥିଲା। ଫଳରେ ଘରୋଇ ଦଳ ୧-୦ରେ ସିରିଜ୍ ଅଗ୍ରଣୀ ରହିଛି।

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳା

# ବୁମ୍‌ରାଙ୍କ ସ୍ଥାନରେ ନବି ସାମିଲ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଅଗଷ୍ଟ ୧୫ରୁ ୧୯ ଏବଂ ୨୩ରୁ ୨୭; ଘରୋଇ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଦୁଇ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳା ଖେଳାଯିବ। ଏହି ଶୃଙ୍ଖଳା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଆହତ ଅଛନ୍ତି। ତେଣୁ ତାଙ୍କୁ ଏହି ଶୃଙ୍ଖଳାରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଜାମ୍ମୁ-କାଶ୍ମୀରର ପେସ୍ ବୋଲର ଆକିବ୍ ନବିଙ୍କୁ ଭାରତୀୟ ଦଳରେସ ସାମିଲ କରାଯାଇଛି। ଘରୋଇ କ୍ରିକେଟ୍‌ରେ ଚମତ୍କାର ଫର୍ମ ଦେଖାଇଥିବା ନବିଙ୍କୁ ଭାରତୀୟ ଦଳରେ ସ୍ଥାନ ଦିଆଯାଇ ପୁରସ୍କୃତ ଦିଆଯାଇଛି। ଗତ ୨ଟି ରଣଜୀ ଟ୍ରଫି ସଂସ୍କରଣରେ ଜାମ୍ମୁ-କାଶ୍ମୀର ପାଇଁ ଆକିବ୍ ନବି ମୋଟ ୧୦୪ଟି ୱିକେଟ୍ ନେଇଛନ୍ତି। ୨୦୨୫-୨୬ ରଣଜୀ ସଜନରେ ନବି ସାରାଦେଶରେ ସର୍ବାଧିକ ୬୦ଟି ୱିକେଟ୍ ନେଇଥିଲେ। ତାଙ୍କ ଆଭ୍‌ରେଜ ୧୨.୫୬ ଥିବା ବେଳେ ସେ ୭ ଥର ଗୋଟିଏ ଇନିଂସରେ ୫ଟି ୱିକେଟ୍ ନେଇଥିଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ ଜାମ୍ମୁ-କାଶ୍ମୀର ପ୍ରଥମଥର ରଣଜୀ ଟ୍ରଫି ଜିତି ଇତିହାସ ରଚନା କରିଥିଲା। ପ୍ରଥମଥର ନବିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି। ଯଦି ସେ ଭାରତ ପାଇଁ ଟେଷ୍ଟ ପଦାର୍ପଣ କରନ୍ତି; ଏପରି କରିବାରେ ସେ ଜାମ୍ମୁ-କାଶ୍ମୀରର ପ୍ରଥମ କ୍ରିକେଟର ହେବେ। କାର୍ଡିଫ୍‌ରେ ଇଂଲଣ୍ଡ ବିପକ୍ଷ ୨ୟ ଦିନିକିଆ ମ୍ୟାଚ୍ ଖେଳୁଥିବା ବେଳେ ଯଶପ୍ରୀତ ବୁମ୍‌ରା ଆହତ ହୋଇଥିଲେ। ବୁମ୍‌ରାଙ୍କ ସହ ହର୍ଷିତ ରାଣା ଓ ନୀତୀଶ କୁମାର ରେଡ୍‌ଡୀ ମଧ୍ୟ ଆହତ ହୋଇ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ଆକାଶ ଦୀପ ଦୀର୍ଘ ଦିନ ହେଲା ଆହତ ଅଛନ୍ତି। ବୁମ୍‌ରାଙ୍କ ଯିବା ପରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳା ପାଇଁ ଭାରତୀୟ ଦଳରେ ଥିବା ତିନି ପେସ୍ ବୋଲର ହେଲେ ମହମ୍ମଦ ସିରାଜ୍, ପ୍ରସିଦ୍ଧ କୃଷ୍ଣ ଓ ଗୁରନୁର ବ୍ରାର। ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସେଲେନ୍‌ସକୁ ବୁମ୍‌ରା ଚିକିତ୍ସା ପାଇଁ ଯିବେ। ଭାରତୀୟ ଦଳ ମଙ୍ଗଳବାର ଶ୍ରୀଲଙ୍କା ଗସ୍ତରେ ଯିବ।



ଟୁର୍ ଡି ଫ୍ରାନ୍ସ ଫେମ୍‌ସରେ ରଚିଲେ ଇତିହାସ

# ହର୍ଷିତା ପ୍ରଥମ ଭାରତୀୟ ମହିଳା



ନୂଆଦିଲ୍ଲୀ,୩।୮ (ଏଜେନ୍ସି): ୧୯ ବର୍ଷୀୟା ଭାରତୀୟ ସାଇକ୍ଲିଷ୍ଟ ହର୍ଷିତା ଜାଖଡ଼ ପ୍ରସିଦ୍ଧ 'ଟୁର୍ ଡି ଫ୍ରାନ୍ସ ଫେମ୍‌ସ'ରେ ଅଂଶଗ୍ରହଣ କରି ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ରଚିଛନ୍ତି। ରାଜସ୍ଥାନର ବାସିନ୍ଦା ହର୍ଷିତା ୟୁନିଅନ୍ ସାଇକ୍ଲିଷ୍ଟ ଆନ୍ତର୍ଜାତୀୟ (ୟୁସିଆଇ) ଦ୍ୱାରା ମନୋନୀତ ହୋଇ ଅନ୍ୟ ୭ ଜଣ ଆନ୍ତର୍ଜାତୀୟ ଯୁବ ସାଇକ୍ଲିଷ୍ଟଙ୍କ ସହ ଷ୍ଟେଜ୍-୨ର ଆନୁଷ୍ଠାନିକ ଶୁଭାରମ୍ଭ ସମୟରେ ୪.୫ କିଲୋମିଟର ଟ୍ରାକ୍‌ରେ ସାଇକେଲ୍ ଚାଳନା କରିଥିଲେ। ସାଇ ସିଏଫ୍‌ଆଇ ଜାତୀୟ ଉତ୍କର୍ଷ କେନ୍ଦ୍ର, ପଟିଆଲାରେ ନିଜ ପିତା ତଥା ପୂର୍ବତନ କମନୱେଲ୍‌ଥ ଗେମ୍ସ ସାଇକ୍ଲିଷ୍ଟ ରାକେଶ ଜାଖଡ଼ଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଉଛନ୍ତି। ୟୁସିଆଇ ସଭାପତି ଡେଭିଡ୍ ଲାପାର୍ଟିଏଣ୍ଟ୍ ହର୍ଷିତାଙ୍କ ଏହି ସଫଳତାକୁ ପ୍ରଶଂସା କରିଛନ୍ତି। ଆଗାମୀ ୨୦୨୬ ଏସୀୟ କ୍ରୀଡ଼ାରେ ଶ୍ରେଷ୍ଠ-୧୦ ମଧ୍ୟରେ ସ୍ଥାନ ପାଇବା ଏବଂ ୨୦୩୦ ଏସୀୟ କ୍ରୀଡ଼ାରେ ପଦକ ଜିତିବା ନେଇ ହର୍ଷିତା ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏହି ସଫଳତା ଭାରତୀୟ ମହିଳା ସାଇକ୍ଲିଂ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

# ଦୁଲୀପ ଟ୍ରଫି; ଉତ୍ତରାଞ୍ଚଳ ଦଳରେ ଅର୍ଶଦୀପ ସିଂହ

ନୂଆଦିଲ୍ଲୀ,୩।୮ (ଏଜେନ୍ସି): ଆସନ୍ତା ଅଗଷ୍ଟ ୨୩ରୁ ଆରମ୍ଭ ହେବାକୁ ଯାଉଥିବା ଦୁଲୀପ ଟ୍ରଫି ପାଇଁ ନର୍ଥ ଜୋନ୍ (ଉତ୍ତରାଞ୍ଚଳ)ର ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଭାରତୀୟ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଦଳକୁ ଫେରିଥିବା ବେଳେ ଜମ୍ମୁ-କାଶ୍ମୀରର ୱିକେଟକିପର-ବ୍ୟାଟର କହ୍ନେୟା ୱାଧୱାନ୍‌ଙ୍କୁ ଅଧିନାୟକ ଦାୟିତ୍ୱ ମିଳିଛି। ସଦ୍ୟ ସମାପ୍ତ ରଣଜୀ ଟ୍ରଫିରେ ଜମ୍ମୁ-କାଶ୍ମୀରର ଚାମ୍ପିଅନ ହେବା ପରେ ଦଳର ୬ ଜଣ ଖେଳାଳି ନର୍ଥ ଜୋନ୍ ଦଳରେ ସ୍ଥାନ ପାଇଛନ୍ତି। ଦିଲ୍ଲୀର ଆୟୁଷ ବଦୋନୀଙ୍କୁ ଉପ-ଅଧିନାୟକ ଭାବେ ମନୋନୀତ କରାଯାଇଛି। ଧଳା ବଲ୍ କ୍ରିକେଟ୍‌ରେ ସଫଳ ହୋଇଥିବା ଅର୍ଶଦୀପ ସିଂହଙ୍କୁ ଲାଲ୍ ବଲ୍ କ୍ରିକେଟ୍‌ରେ ନିଜ ଦକ୍ଷତା ପ୍ରମାଣ କରିବାର ନୂଆ ସୁଯୋଗ ମିଳିଛି। ଏହା ବ୍ୟତୀତ ହରିୟାଣାର ଅଂଶୁଲ କାମ୍ବୋଜ, ଦିଲ୍ଲୀର ଯଶ ଧୁଲ୍, ସନତ୍ ସାଙ୍ଗୱାନ୍ ଏବଂ ଅବଦୁଲ ସମଦଙ୍କ ଭଳି ପ୍ରତିଭାବାନ୍ ଖେଳାଳିମାନଙ୍କୁ ଦଳରେ ସାମିଲ କରାଯାଇଛି। ଆଗାମୀ ଟେଷ୍ଟ ସିରିଜ୍ ପାଇଁ ନ୍ୟାସନାଲ ସିଲେକ୍ଟରମାନଙ୍କ ନଜରରେ ରହିବାକୁ ଇଚ୍ଛୁକ ଯୁବ ଖେଳାଳିମାନଙ୍କ ପାଇଁ ଏହି ଦୁଲୀପ ଟ୍ରଫି ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସାବ୍ୟସ୍ତ ହେବ।

**ଉତ୍ତରାଞ୍ଚଳ ଦଳ:** କହ୍ନେୟା ୱାଧୱାନ୍ (ଅଧିନାୟକ), ଆୟୁଷ ବଦୋନୀ (ଉପ-ଅଧିନାୟକ), ସନତ୍ ସାଙ୍ଗୱାନ୍, କାମରାନ୍ ଇକବାଲ, ଯଶ ଧୁଲ୍, ଆୟୁଷ ଦୋସେଜା, ଅବଦୁଲ ସମଦ, ନିଶାନ୍ତ ସିନ୍ଧୁ, ଅର୍ଜୁନ ଶର୍ମା, ଆବିଦ୍ ମୁସ୍ତାକ, ଅର୍ଶଦୀପ ସିଂହ, ସୁନୀଲ କୁମାର, ଅଂଶୁଲ କାମ୍ବୋଜ, ଯୁଧବୀର ସିଂହ, ନିଖିଲ କାଶ୍ୟପ।

● ମ୍ୟାଚ୍ ଫିକ୍ସିଂ ଅଭିଯୋଗ

# ଆମେରିକାର ଅଖିଳେଶ ୮ ବର୍ଷ ବାସନ୍ଦ

ଦୁବାଇ,୩।୮ (ଏଜେନ୍ସି): ଭ୍ରଷ୍ଟାଚାର ନିରୋଧୀ ଆଇନ ଭଙ୍ଗ କରିବା ଅଭିଯୋଗରେ ଆମେରିକାର ୨୬ ବର୍ଷୀୟ କ୍ରିକେଟର ବୋଡୁଗୁମ୍ ଅଖିଳେଶ ରେଡ୍ଡୀ କ୍ରିକେଟରୁ ବାସନ୍ଦ ହୋଇଛନ୍ତି। ଆନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ (ଆଇସିସି) ଅଖିଳେଶଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୮ ବର୍ଷ ପାଇଁ ବାସନ୍ଦ କରିଛି। ୨୦୨୫ ଆବୁଧାବି ଟି-୧୦ ଟୁର୍ଣ୍ଣାମେଣ୍ଟ ସମୟରେ ମ୍ୟାଚ୍ ଫିକ୍ସିଂ କରିବାକୁ ଉଦ୍ୟମ କରିବା, ସାଥୀ ଖେଳାଳିଙ୍କୁ ରନ୍ ଦେବା ପାଇଁ ପ୍ରଲୋଭିତ କରିବା ଏବଂ ତଦନ୍ତ ସମୟରେ ମୋବାଇଲ୍ ତଥ୍ୟ ନଷ୍ଟ କରିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇଛି। ତିନି ଜଣିଆ ଆଇସିସି ଟ୍ରିବ୍ୟୁନାଲ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ୨୦୨୫ ନଭେମ୍ବର ୨୧ରୁ ଆଗୁଆ ଏହି ବାସନ୍ଦ ଆଦେଶ ଲାଗୁ କରାଯାଇଛି। ଆମେରିକା ପାଇଁ ୪ଟି ଆନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିଥିବା ଅଖିଳେଶ ରେଡ୍ଡୀଙ୍କ କ୍ୟାରିୟର ଏହି କଡ଼ା ଦଣ୍ଡାଦେଶ ଯୋଗୁଁ ଗୁରୁତର ଭାବେ ପ୍ରଭାବିତ ହୋଇଛି। କ୍ରିକେଟ୍‌ରେ ସ୍ୱଚ୍ଛତା ଓ ଅନୁଶାସନ ବଜାୟ ରଖିବା ପାଇଁ ଆଇସିସିର ଏହି ନିଷ୍ପତ୍ତି ଏକ ବଡ଼ ସଙ୍କେତ ଦେଇଛି।

ଯୁବ ହକି-୫ଏ ସାଇଡ୍ ଏସିଆନ ଚାମ୍ପିଅନ୍‌ସିପ୍

# ଚାମ୍ପିଅନ ଦଳରେ ଆଶିଷ, ଅଭିଜିତ

ଭୁବନେଶ୍ୱର,୩।୮ (ସମିସ)



ଓମାନ ରାଜଧାନୀ ମସ୍କଟ୍‌ଠାରେ ନିକଟରେ ଶେଷ ହୋଇଥିବା ପୁରୁଷ ଯୁବ ହକି-୫ଏସ୍ ଏସୀୟ ଚାମ୍ପିଅନ୍‌ସିପ୍‌ରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିଅନ ହୋଇଛି। ଏହି ଟିମ୍‌ରେ ସାମିଲ ଥିବା 'ହକି ଏସ୍ ଫାଉଣ୍ଡେସନ୍' (ଏଚ୍‌ଏଏଫ୍)ର ଦୁଇ ସଦସ୍ୟ ଆଶିଷ ତାନି ପୂର୍ତ୍ତି ଏବଂ ଅଭିଜିତ୍ ହଜାରୀଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଟିମ୍ ଏହି ସଫଳତା ହାସଲ କରିଛି। ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ଉଦ୍ୟମରେ ପରିଚାଳିତ ଏଚ୍‌ଏଏଫ୍‌ର ଏହି ଦୁଇସଦସ୍ୟ ଅନ୍ତର୍ଜାତୀୟସ୍ତରରେ ପୁଣି ଥରେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ଚାମ୍ପିୟନସିପରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହ ଏଲିଟ୍ ପୁଲ୍‌ର ଶୀର୍ଷରେ ରହି ଭାରତୀୟ ଯୁବ ଦଳ ପ୍ରଥମ ଏଫ୍‌ଆଇଏଚ୍ ଯୁବ ହକି-୫ଏସ୍ ବିଶ୍ୱକପ୍‌ରେ ଭାଗ ନେବା ପାଇଁ ନିଜର ସ୍ଥାନ ନିଶ୍ଚିତ କରିଛି। ଜାମସେଦପୁରସ୍ଥିତ ନାଭାଲ୍ ଟାଟା ହକି ଏକାଡେମୀ (ଏନ୍‌ଟିଏଚ୍‌ଏ)ର କ୍ୟାଡେଟ୍ ଆଶିଷ ତାନି ପୂର୍ତ୍ତି କ୍ରମାଗତ ଦ୍ୱିତୀୟ ଆନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ ଦଳରେ

# ଭାରତୀୟ ବଂଶୋଦ୍ଭବ ନୀଲ୍



ମେଲବୋର୍ଣ୍ଣ,୩।୮ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଓପନିଂ ବ୍ୟାଟର ନୀଲ୍ ପଟେଲ୍ ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ମାସରେ ଭାରତ ଗସ୍ତରେ ଆସୁଥିବା ୧୬ ଜଣିଆ ଅଷ୍ଟ୍ରେଲିଆ ଦଳରେ ତାଙ୍କୁ ସାମିଲ କରାଯାଇଛି, ଯାହା ତାଙ୍କ କ୍ରିକେଟ୍ କ୍ୟାରିୟର ପାଇଁ ଏକ ବଡ଼ ସଫଳତା। ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୯ ମଧ୍ୟରେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ଭାରତ ଗସ୍ତ କରି ରାଜକୋଟ୍ ଓ ଅହମ୍ମଦାବାଦଠାରେ ୩ଟି ଏକଦିବସୀୟ ଏବଂ ୨ଟି ଚାରିଦିନିଆ ମ୍ୟାଚ୍ ଖେଳିବ। ନ୍ୟୁ ସାଉଥ୍ ୱେଲ୍ସର ପ୍ରତିନିଧିତ୍ୱ କରୁଥିବା ୧୬ ବର୍ଷୀୟ ନୀଲ୍, ସିଡନୀ ପ୍ରିମିୟର କ୍ରିକେଟ୍‌ରେ ଗୋଟିଏ ବର୍ଷରେ ୧,୦୦୦ରୁ ଅଧିକ ରନ୍ ସଂଗ୍ରହ କରି ଚର୍ଚ୍ଚାକୁ ଆସିଥିଲେ। ଜଣେ ଧୈର୍ଯ୍ୟବାନ୍ ଓପନିଂ ବ୍ୟାଟର ହେବା ସହ ସେ ଅଫ୍-ସ୍ପିନ୍ ବୋଲିଂ ମଧ୍ୟ କରନ୍ତି। ନିଜର ପ୍ରତ୍ୟେକ ମ୍ୟାଚ୍‌ର ପ୍ରଦର୍ଶନକୁ ଡିଜିଟାଲ୍ ଡାଏରୀରେ ଲିପିବଦ୍ଧ କରି ସମୀକ୍ଷା କରିବା ତାଙ୍କର ଏକ ସ୍ୱତନ୍ତ୍ର ଅଭ୍ୟାସ। ଭାରତୀୟ ପରିବେଶ ଓ କଠିନ ପରିସ୍ଥିତିରେ ଭାରତୀୟ ୧୯ ବର୍ଷରୁ କମ୍ ଦଳ ବିରୋଧରେ ଖେଳିବା ନୀଲ୍‌ଙ୍କ ଭଳି ଯୁବ ପ୍ରତିଭାଙ୍କ ପାଇଁ ନିଜ ଦକ୍ଷତା ପ୍ରମାଣିତ କରିବାର ଏକ ସୁବର୍ଣ୍ଣ ସୁଯୋଗ ସାବ୍ୟସ୍ତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS